READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



ରଥ ଖଳାର ଚିତ୍ର

ବର୍ଷ-୨ ସଂଖ୍ୟା-୨୪ | ୨୫ ଜୁନ - ୦୧ ଜୁଲାଇ, ୨୦୧୮ | ଭୁବନେଶ୍ୱର | Monday Weekly | VOL-2 | ISSUE-24 | 25th JUNE - 01st JULY, 2018 | BHUBANESWAR | ₹ 5/- (8 Pages)

## ୨୦୨୨ ସୁଦ୍ଧା ଦ୍ୱିଗୁଣ ହେବ ଚାଷୀଙ୍କ ଆୟ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ :** ଚାଷୀମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି କହିଛନ୍ତି କେନ୍ଦ୍ର ସରକାର ଚଳିତ ଆର୍ଥିକ ବଜେଟ୍‌ରେ କୃଷି କ୍ଷେତ୍ରର ବ୍ୟୟ ଅଟକଳକୁ ଦ୍ୱିଗୁଣିତ କରିଛନ୍ତି। ବଜେଟ୍‌ରେ କୃଷି କ୍ଷେତ୍ରକୁ ଅଗ୍ରାଧିକାର ଦିଆଯାଇ ୨.୧୨ ଲକ୍ଷ କୋଟିର ବଜେଟ୍ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି ପାଇବ। ୨୦୨୨ ସୁଦ୍ଧା ଚାଷୀଙ୍କ ଆୟ ଦୁଇଗୁଣ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦି କହିଛନ୍ତି। ଭିଡିଓ କନଫରେନ୍ସିଂ ଜରିଆରେ ୬୦୦ ଜିଲ୍ଲାର ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ସମସ୍ୟା ଶୁଣିବା ପାଇଁ ଶ୍ରୀ ମୋଦି ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ପିଏମ୍‌ଓ ପକ୍ଷରୁ କୁହାଯାଇଛି। ସେ କହିଛନ୍ତି ସରକାର ଏଭଳି କିଛି କାର୍ଯ୍ୟ କରୁଛନ୍ତି, ଯାହା ଦ୍ୱାରା କଠିନ ପରିଶ୍ରମ କରୁଥିବା ଚାଷୀଙ୍କ ଆୟ ୨୦୨୨ ସୁଦ୍ଧା ଦ୍ୱିଗୁଣିତ ହୋଇପାରିବ। ଏଥିପାଇଁ ସରକାର ଯେଉଁଠି ଯେତେବେଳେ ସହାୟତା ଦରକାର ପଡୁଛି, ସବୁ ପ୍ରକାରର ସହଯୋଗ କରୁଛନ୍ତି। ଚାଷୀମାନଙ୍କ ଉପରେ ଭରସା ରହିଛି। ଦେଶର ପ୍ରତିଟି କୃଷି ଫାର୍ମକୁ ଜଳ ସେଚନ ସୁବିଧା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ବ୍ଲୁ ବିପ୍ଳବ ଅଧିନରେ ମାଛ ଚାଷ କ୍ଷେତ୍ରରେ ୨୬ ପ୍ରତିଶତ ବୃଦ୍ଧି କରିପାରିଛୁ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଦୁଗ୍ଧ ଶିଳ୍ପରେ ୨୪% ଅଭିବୃଦ୍ଧି ଘଟିଛି। ପୂର୍ବ ସରକାର କୃଷି ବଜେଟ୍‌କୁ ୧,୨୧,୦୦୦ କୋଟିରେ ସୀମିତ ରଖିଥିଲେ। କିନ୍ତୁ ଆମ ସରକାର ଏହାକୁ ଦ୍ୱିଗୁଣିତ କରି ୨,୧୨,୦୦୦ କୋଟିରେ ପହଞ୍ଚାଇଛି। ଏବେ ଦେଶର ସମସ୍ତ ଚାଷୀମାନେ ସେମାନଙ୍କ ଫସଲକୁ ବୀମା ପରିସର ଭୁକ୍ତ କରିଛନ୍ତି। ଏବେ ଚାଷୀଙ୍କ ମୁଣ୍ଡରେ ଫସଲ କ୍ଷତିର ବୋଝ ନାହିଁ। ଏବେ ସରକାର ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆରମ୍ଭ କରିଛନ୍ତି। ଏହାଦ୍ୱାରା ଚାଷୀମାନେ ମୃତ୍ତିକାର ଉର୍ବରତା ସମ୍ପର୍କରେ ଜାଣି ପାରିବେ। ଏହି ବ୍ୟବସ୍ଥା ଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦ ବୃଦ୍ଧି କରିବା ସହ ନିଜର ଆୟ ମଧ୍ୟ ବୃଦ୍ଧି କରିପାରିବେ। ମୁଁ ସମସ୍ତ ଚାଷୀଙ୍କୁ କହିବାକୁ ଚାହେଁ ଯେ ସେମାନେ ସକାରାତ୍ମକ ଢଙ୍ଗରେ ସବୁ କିଛିକୁ ବିଚାର କରିବା ସହ କଠିନ ପରିଶ୍ରମ କରନ୍ତୁ। ସରକାର ମଧ୍ୟ ଚାଷୀଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ଅଛନ୍ତି। ପୂର୍ବରୁ ଚାଷୀମାନେ ନିଜର ଉତ୍ପାଦ ବିକ୍ରି କରିବାକୁ ଓ ଫର୍ଟିଲାଇଜର ପାଇଁ ଲମ୍ବା ଧାଡ଼ିରେ ଛିଡ଼ା ହେଉଥିଲେ। କିନ୍ତୁ ଏବେ ସେମାନେ ବେଶ ଆରାମରେ ଏସବୁ ପାଇ ପାରୁଛନ୍ତି। ଏବେ ୧୦୦% ନିମ୍ କୋଟେଡ୍ ୟୁରିଆ ଚାଷୀଙ୍କୁ ମିଳି ପାରୁଛି। ଇ-ନାମ ଦ୍ୱାରା ଚାଷୀମାନେ ସେମାନଙ୍କ ଉତ୍ପାଦର ଉପଯୁକ୍ତ ଦାମ ପାଇପାରୁଛନ୍ତି। ଆମେ ମଧ୍ୟସ୍ଥି ବ୍ୟବସ୍ଥାକୁ ବନ୍ଦ କରିବାକୁ ଚାହୁଁଛୁ। ବିହନ ବୁଣିବାରୁ ଉତ୍ପାଦ ବିକ୍ରି କରିବା ଯାଏ, ଚାଷୀଙ୍କୁ ସବୁ କ୍ଷେତ୍ରରେ ସହଯୋଗ କରିବାକୁ ଆମ ସରକାର ତତ୍ପର। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଅଧୀନରେ ୧୦୦ଟି ପ୍ରକଳ୍ପର କାର୍ଯ୍ୟ ସରିଛି, ଏହାଦ୍ୱାରା ସବୁ କ୍ଷେତକୁ ପାଣି ପହଞ୍ଚି ପାରିବ ବୋଲି ଶ୍ରୀ ମୋଦି କହିଛନ୍ତି।

### ବଡ ପୁଞ୍ଜି ନିବେଶ, ପିପିପି ମୋଡରେ ନିର୍ମାଣ ହେବ ୨୦ ହସ୍ପିଟାଲ

## ୧୦ ହଜାର ନିଯୁକ୍ତି ସୁଯୋଗ



**ଭୁବନେଶ୍ୱର :** ରାଜ୍ୟରେ ୨୦ଟି ହସ୍ପିଟାଲ ନିର୍ମାଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଘରୋଇ-ସରକାରୀ-ଭାଗିଦାରୀରେ ଏହି ହସ୍ପିଟାଲ ଗୁଡିକ ନିର୍ମାଣ କରାଯିବ। ଯାହା ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଘଟିବ। ଏହାକୁ ଲୋକାଭିମୁଖୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ପୁଞ୍ଜି ବିନିଯୋଗ ନୀତି-୨୦୧୬ ଅନୁଯାୟୀ ରାଜ୍ୟର ୧୧ଟି ଉଚ୍ଚ ପ୍ରାଥମିକତା ଥିବା ଜିଲ୍ଲାକୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦେଶର ବଡ ପୁଞ୍ଜି ନିବେଶ ହେବ। ଓଡ଼ିଶା ସରକାରଙ୍କ ଆଫୋର୍ଡଏବୁଲ୍ ହେଲ୍‌ଥ କେୟାର ପ୍ରୋଜେକ୍ଟରେ ଏହି ଡାକ୍ତରଖାନା ଗୁଡ଼ିକ ହବ୍ ଓ ସ୍ପୋକ୍ ମଡ୍ରେଲରେ ଖୋଲାଯିବ। କେତେକ ଡାକ୍ତରଖାନା କେନ୍ଦ୍ରୀୟ ଡାକ୍ତରଖାନା ବା ହବ୍ ଭଳି କାର୍ଯ୍ୟ କରିବା ବେଳେ ଆଉ କେତେକ ଶାଖା ଡାକ୍ତରଖାନା ବା ସ୍ପୋକ ଭଳି କାର୍ଯ୍ୟ କରିବ। ଡାକ୍ତରଖାନାଗୁଡ଼ିକ ପୁରୀ, ଜୟପୁର, ଅନୁଗୁଳ, ବଡ଼ବିଲ, ବାରିପଦା, ଭଦ୍ରକ, ବଲାଙ୍ଗୀର, ଝାରସୁଗୁଡା, କଳାହାଣ୍ଡି, ଫୁଲବାଣୀ, ଢେଙ୍କାନାଳ, ବୌଦ, ନୂଆପଡ଼ା, ମାଲକାନଗିରି, ନବରଙ୍ଗପୁର, ସୁବର୍ଣ୍ଣପୁର, ରାୟଗଡା, ପାରଳାଖେମୁଣ୍ଡି, ରାଇରଙ୍ଗପୁର ଓ କେନ୍ଦ୍ରାପଡ଼ାରେ ନିର୍ମାଣ କରାଯିବ। ସ୍ପୋକ୍ ମଡେଲ ହସ୍ପିଟାଲରେ ଶଲ୍ୟ, ଭେଷଜ, ସ୍ତ୍ରୀ ରୋଗ, ଶିଶୁ ରୋଗ, ଅସ୍ଥିଶଲ୍ୟ, ନିଶ୍ଚେତକ, ଚକ୍ଷୁ, ନାସା କର୍ଣ୍ଣ, ଗଳା, ଦନ୍ତ, ରଞ୍ଜନରଶ୍ମୀ, ନିଦାନ, ମାନସିକ ରୋଗ, ଚର୍ମ, ଗୁରୁତର ରୋଗୀଙ୍କ ଚିକିତ୍ସା, ଜରୁରୀ ଚିକିତ୍ସା ଓ ଟ୍ରମାକେୟାର ଆଦି ବିଭାଗ ଖୋଲାଯିବ। ହବ୍ ହସ୍ପିଟାଲରେ ଉପରୋକ୍ତ ବିଭାଗ ସହିତ ହୃଦ୍ ରୋଗ ଏବଂ ସ୍ନାୟୁ ଶଲ୍ୟ ଚିକିତ୍ସା ସୁବିଧା ମଧ୍ୟ ଉପଲବ୍ଧ ହେବ। ରାଜ୍ୟ ସରକାରଙ୍କ ଏହି ଯୋଜନାରେ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ଆସିବ। ରାଜ୍ୟର ୨୦ଟି ସ୍ଥାନରେ ପ୍ରଥମରୁ ଅତି କମ୍‌ରେ ୨୭୦୦ଟି ବେଡ୍ ବା ଶଯ୍ୟା ଉପଲବ୍ଧ ହେବ। ଡାକ୍ତରଖାନାମାନଙ୍କରେ ଶଯ୍ୟା ଜନିତ ଅଭାବର ୫୬% ପୂରଣ ହୋଇପାରିବ। ଏହି ସବୁ ହସ୍ପିଟାଲ ଗୁଡ଼ିକ ନାଭ୍ ଏକ୍ରିଡିସନ୍ ପାଇବା ସହିତ ଏହାର ୫୦% ଶଯ୍ୟା ଜେନେରାଲ ୱାର୍ଡରେ ରହିବ। ଏହି ସବୁ ହସ୍ପିଟାଲରେ ➤ ପୃ-୬

### ୯ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

## ରେଳପଥ ପାଇଁ ଜମି ମାଗଣା

**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ବୈଠକରେ ୯ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଖୋର୍ଦ୍ଧା-ବାଲାଙ୍ଗିର ରେଳ ଲାଇନ୍ ଅନ୍ତର୍ଗତ ଦଶପଲ୍ଲା ଠାରୁ ବଲାଙ୍ଗିର ପର୍ଯ୍ୟନ୍ତ ରେଳପଥ ସଂଯୋଗ ପାଇଁ ୮୮୨ ଏକର ଜମି ବିନା ଦେୟରେ ରେଳବାଇକୁ ଦେବାଲାଗି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ପୂର୍ବ ଘୋଷଣା ମୁତାବକ ନୟାଗଡ଼, ଖୋର୍ଦ୍ଧା ଓ ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ୧୭୨ଟି ଗାଁ ଅଧିନରେ ଆସୁଥିବା ଏହି ଜମି ପାଇଁ ରାଜ୍ୟ ସରକାର କୌଣସି ଦେୟ ନେବେ ନାହିଁ। ଏଥିସହ ପ୍ରକଳ୍ପ ଖର୍ଚ୍ଚର ୫୦% ଆର୍ଥିକ ଭାର ମଧ୍ୟ ରାଜ୍ୟ ବହନ କରିବ। ➤ ପୃ-୬

## ସର୍ବକ୍ଷମା ଯୋଜନା ଘୋଷଣା

### ବୈଧ ହେବ ବେଆଇନ ନିର୍ମାଣ



**ଭୁବନେଶ୍ୱର :** ବିଭିନ୍ନ କାରଣରୁ ସରକାର ଅନୁମୋଦନ ନେଇ ନଥିବା ଅନୁମୋଦିତ ନକ୍ସାରେ ବ୍ୟତିକ୍ରମ କରି ଗୃହ ନିର୍ମାଣ କରିଥିବା ବ୍ୟକ୍ତି ବିଶେଷଙ୍କ ଲାଗି ଖୁସି ଖବର। ରାଜ୍ୟ ସରକାର ଏହିସବୁ ବ୍ୟତିକ୍ରମକୁ ସୁଧାରିବାର ସୁଯୋଗ ଦେଇଛନ୍ତି ନିର୍ମାଣକର୍ତ୍ତାଙ୍କୁ। ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ନୂଆ ସର୍ବକ୍ଷମା ଯୋଜନା ଆରମ୍ଭ କରାଯାଇଛି। ଏନେଇ ବୁଧବାର ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ। ଏହି ଯୋଜନା ଅନୁସାରେ ହିତାଧିକାରୀ ଜରିମାନା ଦେୟ ଦେଇ ଅନିୟମିତତାକୁ ନିୟମିତ କରିପାରିବେ। ରାଜ୍ୟର ସମସ୍ତ ଉନ୍ନୟନ କର୍ତ୍ତୃପକ୍ଷ ଓ ଆଞ୍ଚଳିକ ବିକାଶ ପରିଷଦ ଏବଂ ପୌର ସଂସ୍ଥା ଅଧିନରେ ଥିବା ନିର୍ମାଣ ଲାଗି ଏହା ଉଦ୍ଦିଷ୍ଟ। ➤ ପୃ-୬

## ଆସିବେ ଅମିତ ଶାହ



**ଭୁବନେଶ୍ୱର :** ଆଗକୁ ୨୦୧୯ ସାଧାରଣ ନିର୍ବାଚନ। ଏଥିପାଇଁ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ସୂକ୍ଷ୍ମ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡିଛି। ତେଣୁ ଶାହ ଆସନ୍ତା ୧ରେ ଓଡ଼ିଶା ଆସୁଥିଲା ବେଳେ ଭୁବନେଶ୍ୱରର ୩ଟି

### ନିର୍ବାଚନ ପାଇଁ ଦେବେ ଗୁପ୍ତ ମନ୍ତ୍ର

ଲୋକସଭା ଆସନର ୨୧ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସବୁ ପଞ୍ଚାୟତର ମୁଖ୍ୟଙ୍କୁ ଭେଟିବେ ବୋଲି ବିଜେପି ପକ୍ଷରୁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଗତ ଏପ୍ରିଲ ୪ରେ ସେ କଳାହାଣ୍ଡି ଆସିଥିଲେ। ସେତେବେଳେ ମଧ୍ୟ କିଛି ପଞ୍ଚାୟତ ମୁଖ୍ୟଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏଥିସହିତ ଖୋଲା ମଞ୍ଚରେ ଶ୍ରୀ ଶାହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ୍ କରିଥିଲେ। ବନ୍ଦ କୋଠରୀରେ ନିଜ ଦଳର କ୍ୟାଡର୍‌ଙ୍କୁ ମନ୍ତ୍ର ଦେଲା ବେଳେ ସେ ଦେଇଥିବା କାମର ➤ ପୃ-୬

PLOT FOR SALE@BHUBANESWAR



Yellow Zone, 30ft wide Road
Mouza :
Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455



30ft Internal Road
Mouza :
Pandiapada
Contact Immediately :
8658607286 / 8917571455

### ବୈଠକରେ ଯୋଗ ଦେଲେନି ମନ୍ତ୍ରୀ

## ବାଚସ୍ପତିଙ୍କ ଅସନ୍ତୋଷ

**ଭୁବନେଶ୍ୱର :** ବିଧାନସଭା ଗୃହକମିଟିର ବୈଠକଗୁଡ଼ିକୁ ବିଧାୟକମାନେ ଗୁରୁତ୍ୱର ସହ ନେଉନଥିବାର ନଜିର ଦେଖିବାକୁ ମିଳିଛି। ଗତ ଶୁକ୍ରବାର ଅନୁଷ୍ଠିତ ଶକ୍ତି ଓ ସୀମା ବିବାଦ ସମ୍ପର୍କିତ ଗୃହ କମିଟିର ବୈଠକରେ ଅଧାରୁ ଅଧିକ ସଦସ୍ୟଙ୍କ ସମେତ ବିଭାଗୀୟ ମନ୍ତ୍ରୀ ଅନୁପସ୍ଥିତ ରହିଥିବା କାରଣରୁ ଖୋଦ୍ ବାଚସ୍ପତି ପ୍ରଦୀପ କୁମାର ଅମାତ ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆନ୍ତଃରାଜ୍ୟ ସୀମା ବିବାଦ ସମ୍ପର୍କିତ ବିଧାନସଭାର ଗୃହ କମିଟିର ବୈଠକ ବସିଥିଲା। ଏଥିରେ ରାଜସ୍ୱ ମନ୍ତ୍ରୀଙ୍କ ➤ ପୃ-୬




### ବକ୍ରବାଣୀ



ଭାବର ଆବେଗ କଉଁଠି କାହାର
ଲୁହ ବୋହିଯାଏ କେଯାଏଁ ଆମର
ଶଙ୍ଖୁଆ ରାଇଜେ ପଡିଛି ଭାଳେଣି
ମହାନଦୀ ପାଣି ଶୁଖି ଆସିଲାଣି
ପଦୁଅଁ ଫୁଲଟା ମଉଳି ଯାଉଛି
ରମଣର ଚିନ୍ତା ଦଳକୁ ଘାରୁଛି
ରତ୍ନଘର ଚାବି ଇସ୍ୟୁଟାକୁ ଧରି
ଭାବିଲେଣି ସିଏ ହେଇଯିବେ ପାରି
ସୋନା ଭଜନଟେ ଯେବେଳେ ଗାଇଲା
ପାଣି ଚାବି ଇସ୍ୟୁକୁ ସିଏ ଖାଇଲା।

—— ଟୁଟୁ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
କର୍ମକ୍ଷେତ୍ରରେ ବଦଳି ହେବାର ଯଥେଷ୍ଟ ସମ୍ଭାବନା ଅଛି। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ହେବ। ଯାନବାହନ ପ୍ରତି ସତର୍କ ରହିବେ। ରାଜନୈତିକ ବ୍ୟକ୍ତିମାନେ ସଫଳତା ପାଇବେ। ବ୍ୟବସାୟରେ ଲାଭ ପାଇବେ।

**ବୃଷ**
ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ଆର୍ଥିକ ପରିସ୍ଥିତି ସୁଧାର ଆସିବ। ବିଦ୍ୟାର୍ଥୀମାନେ ଅସଫଳ ହେବେ। ନୂତନ ଜମି କିମ୍ବା ଗୃହ କ୍ରୟ କରି ଚିନ୍ତିତ ହେବେ। ବ୍ୟବସାୟୀମାନେ କ୍ଷତି ସହିବେ। କଳାକାରମାନେ ସମ୍ମାନିତ ହେବେ।

**ମିଥୁନ**
ପୂଜା ପାଠରେ ଅଧିକ ସମୟ ବିତିବ। କର୍ମକ୍ଷେତ୍ରରେ ବଦଳି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ହାତଛଡା କରିବେ। ବ୍ୟବସାୟରୁ ଅଧିକରୁ ଅଧିକ ଲାଭ ପାଇବେ।

**କର୍କଟ**
ଧର୍ମାନୁଷ୍ଠାନରେ ଯୋଗ ଦେଇ ଖୁସି ଅନୁଭବ କରିବେ। ଶାରୀରିକ ପୀଡା ଅନୁଭବ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବଚସା ସୃଷ୍ଟିହେବ। ବ୍ୟବସାୟୀମାନେ ଆଶା କରିଥିବା ଲାଭ ପାଇବେ।

**ସିଂହ**
ନୂତନ କର୍ମକ୍ଷେତ୍ରରେ ଯୋଗଦେଇ ଉଚ୍ଚ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ସହ ଭଲ ସମ୍ପର୍କ ରହିବ। ଛାତ୍ରଛାତ୍ରୀଙ୍କୁ କୌଣସି ମିତ୍ରଙ୍କ ସାହାଯ୍ୟ ମିଳିପାରେ। ରାଜନୀତିରେ ଆଧିପତ୍ୟ ବଢ଼ିବ।

**କନ୍ୟା**
ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ଚାକିରିଆଙ୍କର ବଦଳି ହୋଇପାରେ। ସାମାଜିକ କର୍ମରେ ସମୟ ବିତିବ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କ ଠାରୁ ପ୍ରଶଂସା ପାଇବେ। ରାଜନୀତିରେ ନେତୃତ୍ୱ ବଜାୟ ରହିବ।

**ତୁଳା**
ସରକାରୀ ଚାକିରିରେ ନିଯୁକ୍ତି ପାଇବାର ସମୟ ଆସିବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାର ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ହେବ। ବ୍ୟବସାୟୀମାନେ କ୍ଷତି ସହିବେ।

**ବିଛା**
ଗୃହରେ ଆର୍ଥିକ ଅବସ୍ଥା ସୁଧୁରିବ। ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ। ଉଚ୍ଚପଦାଧିକାରୀଙ୍କ ଠାରୁ ସମ୍ମାନ ଓ ପ୍ରଶଂସିତ ହେବେ।

**ଧନୁ**
ଉଚ୍ଚପଦାଧିକାରୀଙ୍କ ଠାରୁ ସମ୍ମାନ ଓ ପ୍ରଶଂସିତ ହେବେ। ନୂତନ କର୍ମରେ ଯୋଗ ଦେବାର ସୂଚନା ମିଳିବ। ଛାତ୍ରଛାତ୍ରୀମାନେ ପରିଶ୍ରମ ଫଳ ନିଶ୍ଚୟ ପାଇବେ। ପୁରାତନ ବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ।

**ମକର**
ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। କଳାକାରମାନେ ବିଦେଶ ଯାତ୍ରା କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀମାନଙ୍କ ସହ ବଚସା ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ।

**କୁମ୍ଭ**
କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବନ୍ଧୁ ଚର୍ଚ୍ଚାରେ ସମୟ ଅତିବାହିତ କରିବେ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ହେବେ। ରାଜନୀତିରେ ଅସଫଳ ହେବେ। ପାରିବାରିକ ବିବାଦରୁ ମୁକ୍ତି ମିଳିବ। ଗୃହରେ ଶାନ୍ତି ବଜାୟ ରହିବ।

**ମୀନ**
ନୂତନ ଜମି କ୍ରୟ କରି ଚିନ୍ତିତ ରହିବେ। ଆର୍ଥିକ ପରିସ୍ଥିତି ସୁଧୁରିବ। ବିଦ୍ୟାର୍ଥୀମାନେ ଶିକ୍ଷାରେ ସଫଳ ହେବେ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କଠାରୁ ଅପମାନ ପାଇବେ। ବ୍ୟବସାୟରେ ଉନ୍ନତି ହେବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ଆତଙ୍କବାଦୀଙ୍କ ଟାର୍ଗେଟ୍‌ରେ ଅମରନାଥ ଯାତ୍ରୀ

**ଶ୍ରୀନଗର :** ଆଉ କିଛିଦିନ ପରେ ଅମରନାଥ ଯାତ୍ରା। ଏଥିପାଇଁ ଶ୍ରଦ୍ଧାଳୁଙ୍କ ମନରେ ଯେତିକି ଆନନ୍ଦ ଅଛି, ତା'ଠାରୁ ଅଧିକ ଭୟ ପରିଲକ୍ଷିତ ହେଉଛି। କାରଣ ପୂର୍ବରୁ ଆତଙ୍କବାଦୀମାନେ ଅମରନାଥ ଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁଙ୍କ ଉପରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀମାନେ ଆକ୍ରମଣ କରିବାକୁ ଯୋଜନା କରୁଥିବା ଗୁଇନ୍ଦା ରିପୋର୍ଟ ଦେଇଥିଲା। ତେବେ ଆତଙ୍କବାଦୀମାନେ କେଉଁଭଳି ଭାବେ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି, ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଗୁଇନ୍ଦା ବିଭାଗ ହାତରେ ଲାଗିଛି। ଗୁଇନ୍ଦା ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ ଆତଙ୍କବାଦୀମାନେ କାର୍ ବୋମା ବିସ୍ଫୋରଣ ଦ୍ୱାରା ହମ୍‌ଲା କରିବାକୁ ଯୋଜନା କରିଛନ୍ତି। ଏହି କାର୍ ବୋମା ବିସ୍ଫୋରଣକାରୀମାନେ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ରୁ ତାଲିମ ପାଇ ଏବେ ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରିଛନ୍ତି। ଏମାନଙ୍କୁ ଜୁନ୍ ୨୮ରୁ ଆରମ୍ଭ ହେବାକୁ ଥିବା ଅମରନାଥ ଯାତ୍ରା



ସମୟରେ ହମ୍‌ଲା କରିବାକୁ ଆକ୍କାମାନେ ନିର୍ଦ୍ଦେଶ ଦେଇଥିବା ଗୁଇନ୍ଦା ବିଭାଗ ଜାଣିବାକୁ ପାଇଛି। ସୁରକ୍ଷାକର୍ମୀଙ୍କ ପାଖରେ ପହଞ୍ଚିଥିବା ଖବର ଅନୁଯାୟୀ ରମଜାନ ପାଇଁ ଲାଗୁ ହୋଇଥିବା ଅସ୍ତ୍ରବିରତି ବେଳେ ଆତଙ୍କୀମାନେ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସମାଗ୍ରୀ ଏକାଠି କରିବାରେ ସକ୍ଷମ ହୋଇଛନ୍ତି। ସେମାନେ ଏବେ ଅମରନାଥ ଯାତ୍ରାର ଯେ କୌଣସି ସମୟରେ ହମ୍‌ଲା କରିବାକୁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ସାରିଛନ୍ତି। ଆତଙ୍କବାଦୀ ହମ୍‌ଲାର ସତର୍କ ସୂଚନା ମିଳିବା ପରେ ଏବେ ବେସ୍ କ୍ୟାମ୍ପକୁ ଯାଉଥିବା ସମସ୍ତ ଗାଡ଼ିରେ ଜିପିଏସ୍ ବ୍ୟବସ୍ଥା ଥିବା ଆରଏଫ ଆଇଡ୍ ଷ୍ଟିକରସ୍ ଲଗାଇବାକୁ ନିଷ୍ପତ୍ତି ହୋଇଛି। ଯାତ୍ରାରେ ସାମିଲ ହେବାକୁ ଥିବା ସମସ୍ତ ତୀର୍ଥଯାତ୍ରା ଗାଡ଼ିକୁ ଶ୍ରୀ ଅମରନାଥ ଜୀ ଧର୍ମୀୟ ବୋର୍ଡ ନିକଟରେ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଗାଡ଼ିଗୁଡ଼ିକ ବାଲଟାଲ୍ ଓ ପହଲ୍‌ଗାମରେ ପ୍ରବେଶ କଲା ମାତ୍ରେ ଏଥିରେ ଆର୍‌ଏଫ୍ ଆଇଡି ଟ୍ୟାଗ୍ ଲଗାଯିବ। ଏହାଦ୍ୱାରା ସୁରକ୍ଷା ଏଜେନ୍ସି ଗାଡ଼ିଗୁଡ଼ିକର ଗତିପଥ ଉପରେ ନଜର ରଖିପାରିବ। ଯଦି କୌଣସି ବସ୍ କିମ୍ବା ଟ୍ୟାକ୍ସି ଧାର୍ଯ୍ୟ ଗତିପଥ ବାହାରକୁ ଯାଏ, ତା'ହେଲେ ସୁରକ୍ଷାକର୍ମୀମାନେ ଆର୍‌ଏଫ୍ ଟ୍ୟାଗ ଦ୍ୱାରା ଏ ସମ୍ପର୍କରେ ଖବର ପାଇପାରିବେ। ଅମରନାଥ ଯାତ୍ରା ଜୁନ୍ ୨୮ରୁ ଆରମ୍ଭ ହୋଇ ଅଗଷ୍ଟ ୨୬ ଯାଏ ଚାଲିବ। ଏଥିରେ ପ୍ରାୟ ୨ ଲକ୍ଷ ଶ୍ରଦ୍ଧାଳୁ ସାମିଲ ହେବେ। ଉଲ୍ଲେଖଯୋଗ୍ୟ ଗତବର୍ଷ ଆତଙ୍କବାଦୀମାନେ ଅମରନାଥ ଯାତ୍ରାକୁ ଟାର୍ଗେଟ କରି ହମ୍‌ଲା କରିଥିଲେ।

## 'ମର୍ଯ୍ୟାଦାହାନୀ ଧର୍ମୀୟ ସଂସ୍କାର ଅମାନବୀୟ'

**ଚେନ୍ନାଇ :** ଯେକୌଣସି ଧର୍ମୀୟ ସଂସ୍କାର ଯାହା ଜଣେ ବ୍ୟକ୍ତିଙ୍କୁ ଆଘାତ, କଷ୍ଟ ଦେବା ସହ ତାଙ୍କ ମର୍ଯ୍ୟାଦାକୁ ହାନି କରିଥାଏ, ସେଭଳି ଧର୍ମୀୟ ସଂସ୍କାର ଗ୍ରହଣୀୟ ନୁହେଁ। ଏହା ଅମାନବୀୟ ଏବଂ ଏଭଳି ସଂସ୍କାର ପାଇଁ ଦଣ୍ଡବିଧାନ କରାଯାଇ ପାରିବ ବୋଲି ମାଡ୍ରାସ ହାଇକୋର୍ଟ ରୁଲିଂ ଦେଇଛନ୍ତି। ଜଷ୍ଟିସ୍ ଏନ୍ ଆନନ୍ଦ ଭେଙ୍କଟେଶ ବୋହୂଙ୍କୁ ଗୁଣିଗାରେଡି ସନ୍ଦେହ କରି ନିର୍ଯାତନା ଦେଇ ତଳକୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା ୪ ଜଣ ମହିଳାଙ୍କ ଆବେଦନର ଶୁଣାଣି କରି ଏପରି ରୁଲିଂ ଦେଇଛନ୍ତି। ଜଷ୍ଟିସ୍ ଭେଙ୍କଟେଶ କହିଛନ୍ତି ଧର୍ମୀୟ ସଂସ୍କାର ନାଁରେ ଦିଆଯାଉଥିବା ନିର୍ଯାତନା କେବେହେଲେ ଗ୍ରହଣୀୟ ନୁହେଁ ଏବଂ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ବାର୍ତ୍ତା ସମାଜକୁ ଯିବା ଦରକାର। ସମାଜରେ ଧର୍ମ ନାଁରେ ଦିଆଯାଉଥିବା ନିର୍ଯାତନା ଆଦୌ ଗ୍ରହଣୀୟ ନୁହେଁ ବୋଲି କୋର୍ଟ ମଧ୍ୟ ସମାଜକୁ ବାର୍ତ୍ତା ପଠାଇବା ଦରକାର। କୋର୍ଟ ମଧ୍ୟ ଏଭଳି ଘଟଣାକୁ ଦେଖି ଚୁପ୍ ନ ରହିବା ଉଚିତ୍ ଓ ପୀଡ଼ିତାମାନଙ୍କୁ ନ୍ୟାୟ ଦେବା ଦରକାର ବୋଲି ଜଷ୍ଟିସ୍ ଭେଙ୍କଟେଶ କହିଛନ୍ତି। ଅଭିଯୁକ୍ତ ଚିନ୍ନାପୋନ୍ନୁ ଓ ଅନ୍ୟ ୩ ଜଣ ମହିଳାଙ୍କୁ ଧର୍ମପୁରୀ ସ୍ଥିତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍-୨ ଗୁଣିଗାରେଡ଼ି ସନ୍ଦେହରେ ନିର୍ଯାତନା ଦେଇଥିବା ଅଭିଯୋଗରେ ଏକବର୍ଷ ସଶ୍ରମ କାରାଦଣ୍ଡ ଦେଇଥିଲେ। ତେବେ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ୨୦୧୦ ମସିହା ଜୁଲାଇ ୩୦ରେ ଧର୍ମପୁରୀ ସେସନ୍ସ ଜଜ୍ ଏହି ରାୟକୁ ଅନୁମତି ଦେଇଥିଲେ। ସରକାରୀ ଓକିଲଙ୍କ କହିବା ଅନୁଯାୟୀ, ୨୦୦୧ ଫେବୃଆରୀ ୧ ମଧ୍ୟରାତ୍ରିରେ ଅଭିଯୁକ୍ତମାନେ ସେମାନଙ୍କ ବୋହୂମାନଙ୍କୁ ଜୋରଜବରଦସ୍ତ ଥୋପ୍ପିୟାର ଧାମକୁ ନେଇଥିଲେ। ସେଠାରେ ସେମାନଙ୍କ ଲୁଗା ଖୋଲିବା ସହ ସେମାନଙ୍କୁ ଲଣ୍ଡା କରି ଜିଭରେ ଲୁହା ଛୁଞ୍ଚିରେ ଚେଙ୍କ ଦେଇଥିଲେ। ବୋହୂମାନଙ୍କ ମଙ୍ଗଳସୂତ୍ରକୁ କାଢ଼ିଥିଲେ ଏବଂ ପରେ ସ୍ୱାମୀ ଏହାକୁ ପିନ୍ଧାଇଥିଲେ। ବୋହୂମାନଙ୍କ ଦେହରେ ଅତୃପ୍ତ ଆତ୍ମାଥିବା ଅଭିଯୋଗ କରି ଏଭଳି ନିର୍ଯାତନା ଦିଆଯାଇଥିଲା। ତେବେ ପୀଡ଼ିତା ଓ ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ଧର୍ମପୁର ପୋଲିସ ଷ୍ଟେସନ୍‌ରେ ମାମଲା ରୁଜୁ ହୋଇଥିଲା।

# ଇମିଗ୍ରେସନ୍ ନୀତି ବନ୍ଦ ନିଷ୍ପତ୍ତି

**ୱାଶିଂଟନ୍ :** ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ ପ୍ରଥମଥର ପାଇଁ ବିଶ୍ୱବାସୀଙ୍କ ଚାପ ନିକଟରେ ମୁଣ୍ଡ ନୁଆଁଇଛନ୍ତି। ଦେଶରେ ଟ୍ରମ୍ପ ପ୍ରଶାସନ ପକ୍ଷରୁ ଲାଗୁ ହୋଇଥିବା ନୂଆ ଇମିଗ୍ରେସନ୍ ନୀତିକୁ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ବେଆଇନ୍ ଭାବେ ଆମେରିକାକୁ ଚାଲି ଆସିଥିବା ବିଦେଶୀ ନାଗରିକଙ୍କୁ ତଡ଼ିବା ପାଇଁ ଟ୍ରମ୍ପ ପ୍ରଶାସନ ନୂଆ ଇମିଗ୍ରେସନ୍ ନୀତି ଆଣିଥିଲେ। ଏହି ନୂଆ ନୀତି ଦ୍ୱାରା ସୀମାରେ ଥିବା ଅପ୍ରବାସୀ ପିଲାମାନଙ୍କଠାରୁ ସେମାନଙ୍କ ବାପାମା' ଅଲଗା ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। କାରଣ ବେଆଇନ୍ ବାପାମାଙ୍କୁ ଗିରଫ କରାଯାଉଥିବା ବେଳେ ସେମାନଙ୍କ ପିଲାଙ୍କୁ ଅଲଗା ରଖାଯାଉଥିଲା। କିନ୍ତୁ ଏବେ ଏହାକୁ ଟ୍ରମ୍ପ ବନ୍ଦ କରିବାକୁ ନିଷ୍ପତ୍ତି ନେବା ସହ ଏ ସଂକ୍ରାନ୍ତ ଏକ ସରକାରୀ ଆଦେଶନାମା ଉପରେ ସ୍ୱାକ୍ଷର କରିଛନ୍ତି। ତେବେ ଟ୍ରମ୍ପ ଏହି ନୀତିକୁ ବଦଳାଇ ଥିଲେ ହେଁ, ଏହା ଉପରେ କିଛି ସର୍ତ୍ତ ରଖିଛନ୍ତି। ସର୍ତ୍ତ ଅନୁଯାୟୀ ଯଦି କୌଣସି ସାବାଳକ ବେଆଇନ୍ ଭାବେ ସୀମା ପାର କରୁଥିବା ଦେଖିବାକୁ ମିଳିବ, ଏପରି କି ସେ ଯଦି ଆଶ୍ରୟ ପାଇଁ ମଧ୍ୟ ଅନୁରୋଧ କରନ୍ତି, ତା'ହେଲେ ତାଙ୍କୁ ବେଆଇନ୍ ପ୍ରବେଶ ମାମଲାରେ ଗିରଫ କରାଯିବ। ମେ' ୭ ନୀତିରେ ମଧ୍ୟ ଏହି ନିୟମ ରହିଛି। ଅନ୍ୟପକ୍ଷରେ ନୂଆ ନୀତି ବନ୍ଦ ହୋଇଥିବାରୁ ଆମେରିକା- ମେକ୍ସିକୋ ସୀମାନ୍ତରେ ନିଜ ବାପାମା'ଙ୍କଠାରୁ ଅଲଗା ହେବାକୁ ଥିବା ୨୫ଶହ ପିଲା ଏକାଠି ରହିବେ ବୋଲି ଜଣାପଡ଼ିଛି। ଗତ ୬ ସପ୍ତାହ ମଧ୍ୟରେ ପାଖାପାଖି ୨୫୦୦ ଶିଶୁ ସେମାନଙ୍କ ବାପାମାଙ୍କଠାରୁ ନୂଆ ନୀତି ଅନୁଯାୟୀ ଅଲଗା ହୋଇଥିଲେ। ବୁଧବାର




ବିଳମ୍ବିତ ରାତିରେ ନୂଆ ନୀତି ଉପରେ ରୋକ ଲଗାଇ ଟ୍ରମ୍ପ କହିଛନ୍ତି ପରିବାର ଲୋକଙ୍କଠାରୁ ସେମାନଙ୍କ ପିଲା ଅଲଗା ହେବା ଘଟଣା ମୋତେ ଆଦୌ ଭଲ ଲାଗୁ ନାହିଁ। ଟ୍ରମ୍ପଙ୍କ ପତ୍ନୀ ମାଲିନିଆ ଓ ଝିଅ ଇଭାଙ୍କ ମଧ୍ୟ ନୂଆ ଇମିଗ୍ରେନ୍ ନୀତକୁ ବିରୋଧ କରିଥିଲେ। ତେବେ ଏହି ନୂଆ ଆଦେଶ ପରିବାର ଲୋକଙ୍କୁ ଏକାଠି ରଖିବାକୁ ଉଦ୍ଦିଷ୍ଟ। ଆମେରିକା ମିଡିଆର କହିବା ଅନୁଯାୟୀ, ଟ୍ରମ୍ପ ପ୍ରଥମଥର ପାଇଁ ଆମେରିକାରେ ଲାଗୁ କରିଥିବା କୌଣସି ନିଷ୍ପତ୍ତିକୁ ବଦଳାଇଛନ୍ତି। ଟ୍ରମ୍ପ ପତ୍ନୀ ଓ ଝିଅଙ୍କ ଚାପରେ ଏଭଳି ୟୁଟର୍ଣ୍ଣ ନେଇଛନ୍ତି। ଟ୍ରମ୍ପ କହିଛନ୍ତି ଆମେ ପରିବାରଗୁଡ଼ିକୁ ଏକାଠି ରଖିବାକୁ ଯାଉଛୁ। ଫଳରେ ସବୁ ସମସ୍ୟାର ଅନ୍ତ ଘଟିବ। ଆମ ସୀମାରେ ପୂର୍ବଭଳି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ରହିବ। ଅପ୍ରବାସୀଙ୍କ ସମସ୍ୟା ପୁରୁଣା। ପୂର୍ବ ସରକାର ଏହା ଉପରେ କୌଣସି କାର୍ଯ୍ୟ କରି ନଥିଲେ। ଆମେ କିନ୍ତୁ ଏହି ସମସ୍ୟା ଉପରେ କାର୍ଯ୍ୟ କରୁଛୁ। ଆମେ ପିଲାମାନଙ୍କୁ ସେମାନଙ୍କ ବାପାମା'ଙ୍କଠାରୁ ଅଲଗା କରିବାକୁ କେବେ ଚାହିଁନଥିଲୁ। କିନ୍ତୁ ଆମେ ଚାହୁଁଥିଲୁ କୌଣସି ବ୍ୟକ୍ତି ଆମ ଦେଶରେ ବେଆଇନ୍ ଭାବେ ପ୍ରବେଶ ନ କରୁ। ଏବେ ଏହା ଉପରେ କାର୍ଯ୍ୟ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

# ପୁଣି ପାନାମା ଝଡ଼

**ନୂଆଦିଲ୍ଲୀ :** ୨୦୧୬ରେ ପାନାମାର ଲ' ଫାର୍ମ ମୋସାକ୍ ଫୋନ୍‌ସେକା ୧୧.୫ ନିୟୁତ ଦସ୍ତାବିଜ୍ ଲିକ୍ କରି ଦରିଆପାରି ଅର୍ଥ କାରବାରରେ ସମ୍ପୃକ୍ତ ଥିବା ଅନେକ ବ୍ୟକ୍ତିବିଶେଷ ଓ ସଂଗଠନର ନାମ ପ୍ରଘଟ କରିଥିଲା। କିଭଳି ୫୦୦ରୁ ଉର୍ଦ୍ଧ୍ୱ ଭାରତୀୟଙ୍କ ସମେତ ବିଶ୍ୱ ସ୍ତରୀୟ ପ୍ରଭାବୀ ଓ ବିତ୍ତଶାଳୀ ବ୍ୟକ୍ତିମାନେ ବିଦେଶୀ କମ୍ପାନୀଗୁଡ଼ିକରେ ଅର୍ଥ ବିନିଯୋଗ କରି ଟିକସ ଫାଙ୍କୁଥିଲେ, ତାହା ସେତେବେଳେ ଜଣାପଡ଼ିଥିଲା। ୨ ବର୍ଷ ପରେ ପୁଣି ପାନାମା ପେପର୍ସ ପ୍ରଘଟ ହୋଇଛି। ଏଥର ପ୍ରଘଟ ହୋଇଥିବା ୧.୨ ନିୟୁତ ସାନି ଦସ୍ତାବିଜ୍‌ରେ ଆଉ କେତେକ ପ୍ରମୁଖ ବ୍ୟକ୍ତି ଓ ସଂଗଠନଙ୍କ ନାମ ରହିଛି। ଏଥିରୁ ୧୨ ହଜାର ଦସ୍ତାବିଜ୍‌ରେ ଭାରତୀୟଙ୍କ ଲିଙ୍କ୍ ରହିଛି। ଇଣ୍ଟରନ୍ୟାସ୍‌ନାଲ୍ କନ୍‌ସୋର୍ଟିୟମ୍ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଜର୍ଣ୍ଣାଲିଷ୍ଟ୍ ଓ ମ୍ୟୁନିକ୍‌ରୁ ପ୍ରକାଶ ପାଉଥିବା ଜର୍ମାନ ସମ୍ବାଦପତ୍ର 'ସୁଦେଉଷ୍ଟେ ଜେତୁଙ୍ଗ୍' ପକ୍ଷରୁ ମିଳିତ ଅନୁସନ୍ଧାନରୁ ଏହା ଜଣାପଡ଼ିଛି। ଏହି ଦ୍ୱିତୀୟ ଦଫା ଦସ୍ତାବିଜ୍ ପ୍ରଘଟର




ନାମ ରଖାଯାଇଛି, 'ପାନାମା ପେପର୍ସ: ଦି ଆଫ୍‌ଟର୍‌ମାଥ୍'। ଏଥିରେ ଯେଉଁ ଭାରତୀୟମାନଙ୍କ ନାମ ସ୍ଥାନ ପାଇଛି, ସେମାନେ ସମସ୍ତେ ମୋସାକ୍ ଫୋନ୍‌ସେକାର କ୍ଲାଏଣ୍ଟ୍। ଉଲ୍ଲେଖଯୋଗ୍ୟ ଯେ, ଏମାନେ ଏପର୍ଯ୍ୟନ୍ତ ଏଥିରେ ସମ୍ପୃକ୍ତିକୁ ଅସ୍ୱୀକାର କରିଆସୁଥିଲେ। ଇଣ୍ଡିଆନ ଏକ୍ସପ୍ରେସ୍ ରିପୋର୍ଟ ଅନୁଯାୟୀ ସଦ୍ୟ ପ୍ରକାଶିତ ପାନାମା ପେପର୍ସରେ ଯେଉଁ ଭାରତୀୟମାନଙ୍କ ନାମ ସ୍ଥାନ ପାଇଛି, ସେମାନଙ୍କ ମଧ୍ୟରେ ଅଛନ୍ତି ପିଭିଆର୍ ସିନେମା ମାଲିକ ଅଜୟ ବିଜ୍‌ଲି ଓ ତାଙ୍କ ପରିବାର ସଦସ୍ୟ, ଶିଳ୍ପପତି ସୁନୀଲ ମିତ୍ତଲଙ୍କ ପୁଅ ତଥା ହାଇକ୍ ମେସେଞ୍ଜର୍ ସିଇଓ କଭିନ୍ ଭାରତୀ ମିତ୍ତଲ, ଏସିଆନ୍ ପେଣ୍ଟ୍‌ସ ପ୍ରମୋଟର୍ ଅଶ୍ୱିନୀ ଦାନୀଙ୍କ ପୁଅ ଜଲାଜ୍ ଅଶ୍ୱିନୀ ଦାନୀ ଓ ଅନ୍ୟମାନେ। ୨୦୧୬ରେ ଯେତେବେଳେ ବିଦେଶୀ କାରବାରରେ ସମ୍ପୃକ୍ତି ନେଇ ଭାରତୀୟ କମ୍ପାନୀ ଓ କେତେକ ବ୍ୟକ୍ତିଙ୍କ ନାମ ପ୍ରଘଟ ହେଲା, ସେତେବେଳେ ବିଜ୍‌ଲୀ ପରିବାର ମୋସାକ୍ ଫୋନ୍‌ସେକା କ୍ଲାଏଣ୍ଟ୍ ଲିଷ୍ଟ୍‌ରେ ଥିଲେ। ଅଜୟ ବିଜ୍‌ଲୀ, ତାଙ୍କ ପତ୍ନୀ ସେଲେନା ଓ ପୁଅ ଆମିର୍ ଅଫ୍‌ସୋର୍ କମ୍ପାନୀ ଚେଷ୍ଟର୍ ଫିଲ୍ଡ ମେଫେୟାର୍ ହୋଲ୍‌ଡିଂସ୍ ଲିମିଟେଡ୍ ପ୍ରତିଷ୍ଠା କରିଥିଲେ। ବ୍ରିଟେନ୍‌ରେ ସମ୍ପତ୍ତି ଆହରଣ ପାଇଁ ୨୦୦୫ ମେ'ରେ ଏହା ପ୍ରତିଷ୍ଠା ହୋଇଥିଲା। କିନ୍ତୁ ସଦ୍ୟ ପ୍ରଘଟ ହୋଇଥିବା ତଥ୍ୟ ଅନୁଯାୟୀ ବିଜ୍‌ଲୀ ପରିବାରର ଆଉ ୨ଟି ଅଫ୍‌ସୋର୍ କମ୍ପାନୀ ଏକ ଟ୍ରଷ୍ଟ୍ ଏବଂ ଦିଲ୍ଲୀର ପ୍ରିୟା ଏକ୍‌ଜିବିଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ଚାଲିଛି।

## ପରମାଣୁ ଯୁଦ୍ଧାସ୍ତ୍ର ବିକଶିତ କରୁଛି ଚୀନ

**ୱାଶିଂଟନ୍ :** ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ପରିଶ୍ରମ କରି ଉତ୍ତର କୋରିଆ ଭଳି ଦେଶର ଶାସକ କିମ ଜଙ୍ଗ ଉନ୍‌ଙ୍କୁ ଆଲୋଚନା ପାଇଁ ରାଜି କରାଇଲେ। ଏହାପରେ କିମ ନିଜର ପରମାଣୁ ଅସ୍ତ୍ରଶସ୍ତ୍ର ପରୀକ୍ଷଣକୁ ହ୍ରାସ କରିବ ବୋଲି ରାଜି ହୋଇଛି। କିନ୍ତୁ ପରମାଣୁ ଅସ୍ତ୍ରଶସ୍ତ୍ର ବ୍ୟବହାର ସଂକ୍ରାନ୍ତ ଭୟ ଏବେ ବି ବିଶ୍ୱ ଉପରୁ ହଟିନାହିଁ। କାରଣ ଚୀନ୍ ଏବେ ବି ନଜର ଅଣୁ ଭଣ୍ଡାରକୁ ବୃଦ୍ଧି କରିବା ସହ ପରମାଣୁ ଯୁଦ୍ଧାସ୍ତ୍ରକୁ ଅତ୍ୟାଧୁନିକ ଶୈଳୀରେ ବିକଶିତ କରୁଛି। ଷ୍ଟୋକହୋଲମ୍ ଇଣ୍ଟରନ୍ୟାଶନାଲ୍ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ନାମକ ଏକ ଥିଙ୍କ୍‌ଟ୍ୟାଙ୍କ ଏଭଳି ସୂଚନା ଦେବା ପରେ ସମଗ୍ର ବିଶ୍ୱରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏସ୍‌ଆଇପିଆର୍‌ଆଇ ପକ୍ଷରୁ ୨୦୧୮ ପାଇଁ ଜାରି ହୋଇଥିବା ବହିରେ କୁହାଯାଇଛି ଯେ ପରମାଣୁ ଅସ୍ତ୍ର ଭଣ୍ଡାରକୁ ହ୍ରାସ କରିବା ପାଇଁ ଯେଉଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା, ଏବେ ବି ତାହା ସଫଳ ହୋଇପାରୁ ନାହିଁ। କାରଣ ପରମାଣୁ ଅସ୍ତ୍ର ଖଚିତ ଦେଶ ଗୁଡ଼ିକ ଏବେ ବି ଅଣୁ ଅସ୍ତ୍ର



ବିକାଶିତ ପାଇଁ ଉଦ୍ୟମ କରୁଛନ୍ତି। ଚୀନ୍ ଏବେ ବି ତା'ର ପରମାଣୁ ଯୁଦ୍ଧାସ୍ତ୍ରକୁ ବିକଶିତ କରୁଛି। ଏଥିସହ ଧୀରେଧୀରେ ପରମାଣୁ ଅସ୍ତ୍ରଭଣ୍ଡାରୁ ବୃଦ୍ଧି କରୁଛି। ଭାରତ-ପାକିସ୍ତାନ ମଧ୍ୟ ସେମାନଙ୍କର ପରମାଣୁ ଅସ୍ତ୍ର କ୍ଷମତାକୁ ବୃଦ୍ଧି କରିବା ସହ ବିଭିନ୍ନ ମସାଇଲ୍ ପରୀକ୍ଷଣ କରୁଥିବା ରିପୋର୍ଟରେ କୁହାଯାଇଛି। ଏସ୍‌ଆଇପିଆର୍‌ଆଇର ୱେବସାଇଟ୍‌ରେ ଆମେରିକା, ରୁଷିଆ, ୟୁକେ,ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଇସ୍ରାଏଲ ଓ ଉତ୍ତର କୋରିଆ ଭଳି ୯ଟି ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ପାଖରେ ୧୪,୪୬୫ଟି ଅଣୁ ଅସ୍ତ୍ର ରହିଛି ବୋଲି କୁହାଯାଇଛି।

### ଜାମ୍ମୁ-କଶ୍ମୀରରେ ମାନବିକ ଅଧିକାର ଉଲ୍ଲଘଂନ ପ୍ରସଙ୍ଗ

# ୟୁଏନ୍ ରିପୋର୍ଟକୁ ୬ ରାଷ୍ଟ୍ରର ବିରୋଧ

**ଜେନେଭା :** ଜମ୍ମୁ-କଶ୍ମୀରରେ ମାନବିକ ଅଧିକାର ଉଲ୍ଲଂଘନ ହେଉଥିବା ନେଇ ଜାତିସଂଘର ହାଇକମିଶନର୍ ଅଫ୍ ହ୍ୟୁମାନ୍ ରାଇଟ୍ସ (ଓଏଚ୍‌ସିଏଚ୍‌ଆର)ପ୍ରସ୍ତୁତ ରିପୋର୍ଟକୁ ଭାରତ ଆରମ୍ଭରୁ ବିରୋଧ କରି ଆସୁଥିବାବେଳେ ଏହାର ପ୍ରାସଙ୍ଗିକତାକୁ ନେଇ ଭାରତୀୟ ଉପମହାଦେଶ ବାହାରେ ମଧ୍ୟ ସ୍ୱର ଉଠିବା ଆରମ୍ଭ ହୋଇଛି। ବିଶ୍ୱସ୍ତରରେ ମାନବିକ ଅଧିକାରର ସ୍ଥିତି ଏବଂ ଜାତିସଂଘ ହାଇକମିଶନରଙ୍କ କାର୍ଯ୍ୟାଳୟର କାର୍ଯ୍ୟକଳାପ ବିଷୟକୁ ନେଇ ଅନୁଷ୍ଠିତ ସାଧାରଣ ବୈଠକରେ କଶ୍ମୀର ରିପୋର୍ଟକୁ ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା। ଏହି ଅବସରରେ ଜୈଦ୍ ରାଦ୍ ଅଲ୍ ହୁସେନ୍‌ଙ୍କ ପ୍ରସ୍ତୁତ ଏହି ରିପୋର୍ଟକୁ ୬ଟି ରାଷ୍ଟ୍ର ବିରୋଧ କରିଛନ୍ତି। ଭାରତ ସମର୍ଥନରେ ଏହି ରିପୋର୍ଟକୁ ଖଣ୍ଡନ କରିଥିବା ରାଷ୍ଟ୍ରଗୁଡ଼ିକ ହେଲେ ଏସିଆ ମହାଦେଶର ଦୁଇଟି ଦେଶ ବାଂଲାଦେଶ ଓ ଭୁଟାନ୍, ଆଫ୍ରିକା ମହାଦେଶର ମରିସସ୍, ୟୁରେସିଆରୁ ବେଲାରୁସ୍, ଲାଟିନ୍ ଆମେରିକା ଦେଶ ସମୂହ ମଧ୍ୟରୁ କ୍ୟୁବା ଏବଂ ଭେନେଜୁଆଲା। ଏହି ଅବସରରେ ଜାତିସଂଘରେ ପାକିସ୍ତାନର ସ୍ଥାୟୀ ପ୍ରତିନିଧି ଫାରୁକ୍ ଅମିଲ୍ ଜମ୍ମୁ-କଶ୍ମୀରରେ କମିଶନ୍ ତଦନ୍ତ ଦାବି କରିଥିଲେ ହେଁ ଇସ୍‌ଲାମିକ୍ ସହଯୋଗ ସଂଗଠନ(ଓଆଇସି) ବାବଦରେ ବିଶେଷ କିଛି କହି ପାରିନଥିଲେ। ପାକିସ୍ତାନର ଏହି ପ୍ରତିନିଧି ଓଆଇସି ପ୍ରସଙ୍ଗରେ କହିଥିଲେ, ଜମ୍ମୁ-କଶ୍ମୀର ଉପରେ ପ୍ରସ୍ତୁତ

UNHRC

ଓଏଚ୍‌ସିଏଚ୍‌ଆର ରିପୋର୍ଟ ଦର୍ଶାଉଛି ଭାରତ ଶାସନାଧୀନ କଶ୍ମୀରର ଗମ୍ଭୀରତା ପରଖାଯାଇ ଏହି ପରିଷଦ କଶ୍ମୀର ପ୍ରସଙ୍ଗରେ କିଛି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ଅବସରରେ ନା ପାକିସ୍ତାନ ନା ରିପୋର୍ଟ, କୌଣସିଟି ବିଷୟକୁ କେହି ରାଷ୍ଟ୍ର ସମର୍ଥନ କରିନଥିଲେ ବରଂ ଏହାର ଅବଧି ବାବଦରେ ପ୍ରଶ୍ନ ଉଠାଇଥିଲେ। ୪୯ ପୃଷ୍ଠା ସମ୍ବଳିତ ଏହି ରିପୋର୍ଟରେ ଦର୍ଶାଯାଇଛି ଏଲ୍‌ଓସିର ଉଭୟ ପାଖରେ ମାନବିକ ଅଧିକାର ଉଲ୍ଲଂଘନ ହେଉଛି ଏବଂ କଶ୍ମୀରରେ ସୁରକ୍ଷା କର୍ମୀମାନେ ଅଭ୍ୟାସଗତ ଭାବେ ହିଂସାକାଣ୍ଡ ଘଟାଇବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ପ୍ରସ୍ତାବ ରହିଛି। ଏହା ପାକିସ୍ତାନର ସମର୍ଥନରେ ପ୍ରସ୍ତୁତ ହେବାଭଳି ପ୍ରତୀୟମାନ ହେଉଥିଲେ ହେଁ ଜାତିସଂଘର ମାନବିକ ଅଧିକାର ପରିଷଦରେ କେବଳ ପାକିସ୍ତାନ ହିଁ ସଦସ୍ୟ ଅଛି ଓ ଏଥିରେ ଭାରତର ସଦସ୍ୟତା ନଥିବାରୁ ଭାରତ ନିଜ ପକ୍ଷ ରଖିବା ଅସମ୍ଭବ। ୨୦୨୦ ମସିହା ଯାଏ ଭାରତ ଏଥିରେ ସଦସ୍ୟତା ପାଇବା ସମ୍ଭବପର ହୋଇନଥିବାରୁ ଏହା ବିରୋଧରେ ବର୍ତ୍ତମାନ ନା ଭୋଟ୍ ଦେଇହେବ ନା ଏହି ରିପୋର୍ଟ ବିରୋଧରେ ପଦକ୍ଷେପ ନେବାପାଇଁ ପ୍ରସ୍ତାବ ରଖିହେବ ବୋଲି ପୂର୍ବତନ ଜାତିସଂଘ ଆମ୍ବାସାଡର୍ ଅଶୋକ ମୁଖାର୍ଜୀ ମତ ରଖିଛନ୍ତି। ଭୁଟାନ୍‌ର ପ୍ରତିନିଧି କିଙ୍ଗ୍ ସିଙ୍ଗେ ଏହି ଅବସରରେ କଡ଼ା ବିରୋଧ କରି କହିଥିଲେ, ଏଥିରେ ରହିଥିବା ଜଟିଳ ଐତିହାସିକ ତଥ୍ୟ ଏବଂ ରିପୋର୍ଟରେ ରହିଥିବା ଦ୍ୱନ୍ଦ୍ୱାତ୍ମକ ଓ ଏକପାଖିଆ ରାଜନୀତିକ ତଥ୍ୟ ଏହି ସମସ୍ୟାର ସମାଧାନ କରିପାରିବ ନାହିଁ। ଏହି ସ୍ଥିତି ସୃଷ୍ଟି ହେବା ପଛରେ ଆତଙ୍କବାଦ ମଧ୍ୟ ଯଥେଷ୍ଟ ଇନ୍ଧନ ଯୋଗାଇଛି।

# 'ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ରୁହ'

**ଭୁବନେଶ୍ୱର :** ରାଜ୍ୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନେଇ ସଜାଗ ରହିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କମିଟି ବୈଠକର ଅଧ୍ୟକ୍ଷତା କରି ସେ ମହିଳା, ଶିଶୁ, ଭିନ୍ନକ୍ଷମ ଏବଂ ବୟସ୍କ ଲୋକମାନଙ୍କୁ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ମୁଖ୍ୟତଃ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଏନେଇ ସତର୍କ ରହିବା ସହିତ ଖାଦ୍ୟଶସ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକ ଶେଷରେ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗତବର୍ଷ ହୋଇଥିବା ମରୁଡ଼ି, ଚକଡ଼ା ପୋକ ଆତଙ୍କ ଏବଂ ଅଦିନିଆ ବର୍ଷା କ୍ଷୟକ୍ଷତିକୁ ରାଜ୍ୟ ସରକାର ସଫଳତାର ସହିତ ତୁଲାଇଛନ୍ତି। ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶାର କିଛି ଅଞ୍ଚଳକୁ ଛୁଇଁଥିଲେ ମଧ୍ୟ ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଜାରି ରହିଛି। ରାଜ୍ୟ କୃଷି ବିଭାଗ ଏହି ପରିସ୍ଥିତିକୁ ପୁଙ୍ଖାନୁପୁଙ୍ଖ ଭାବରେ ଅନୁଧ୍ୟାନ କରୁଛି। ଆବଶ୍ୟକ ସ୍ଥଳେ ଓୟୁଏଟି ବିଶେଷଜ୍ଞଙ୍କ ସହାୟତାରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେବେ ପ୍ରାକୃତିକ ବିପର୍ଯ୍ୟୟ ପରିସ୍ଥିତିର ମୁକାବିଲା ପାଇଁ ଲୋକମାନେ ଉଦ୍ଧାର କାର୍ଯ୍ୟ, ପାନୀୟଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ଏବଂ ଜୀବଜନ୍ତୁଙ୍କ ସୁରକ୍ଷା କିଭଳି ସଫଳତାର ସହ କରାଯାଇ ପାରିବ ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ରାଜ୍ୟର ସମସ୍ତ ବିପର୍ଯ୍ୟୟ ପ୍ରଶମନ ଅଧିକାରୀ, ଅଗ୍ନିଶମ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିବାକୁ ମଧ୍ୟ ସେ କହିଛନ୍ତି। ଏହା ଫଳରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଠାରୁ ଆରମ୍ଭ କରି ସମସ୍ତ ପରିଚାଳନା ସଠିକ୍ ଭାବରେ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ ବୈଠକରେ ବିରୋଧୀ ଦଳ ନେତା ନରସିଂହ ମିଶ୍ରଙ୍କ ସହିତ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ବିଧାୟକ ଏବଂ ସାଂସଦଙ୍କ ସମେତ ବହୁ ବରିଷ୍ଠ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ବଦଳିବ କମିଶନରେଟ୍ ପୋଲିସର ରୂପରେଖ

# ହକି ବିଶ୍ୱକପ୍ ପୂର୍ବରୁ ମଡର୍ଣ୍ଣ କଣ୍ଟ୍ରୋଲ ରୁମ୍

**ଭୁବନେଶ୍ୱର :** ଆସନ୍ତା ନଭେମ୍ବରରୁ ଆରମ୍ଭ ହେବ ହକି ବିଶ୍ୱକପ୍। ଏହି ମହାକୁମ୍ଭ ପୂର୍ବରୁ କମିଶନରେଟ୍ ପୋଲିସରେ ଥିବା ପୁରୁଣା ଢାଞ୍ଚାକୁ ଯେପରି ସୁଧାରି ଯାଇପାରିବ ସେ ନେଇ ଅଣ୍ଟା ଭିଡ଼ିଛନ୍ତି ପୋଲିସ କମିଶନର ଯୋଗେଶ ବାହାଦୁର ଖୁରାନିଆ। ତେଣୁ ଶ୍ରୀ ଖୁରାନିଆ ଏକ ସ୍ୱତନ୍ତ୍ର ପ୍ରସ୍ତାବ ପ୍ରସ୍ତୁତ କରି ଏହାର ଅନୁମତି ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପତ୍ର ପଠାଇଥିବା ସୂଚନା ମିଳିଛି। ହକି ବିଶ୍ୱକପ୍ ପୂର୍ବରୁ ମଡର୍ଣ୍ଣ କଣ୍ଟ୍ରୋଲ୍ ରୁମ୍ ଓ ପିସିଆର୍ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରାଯିବ। ବର୍ତ୍ତମାନ ସମୟରେ ମଡର୍ଣ୍ଣ କଣ୍ଟ୍ରୋଲ ରୁମ୍ (ଏମ୍‌ସିଆର୍)ରେ ଗୋଟିଏ ସିଫ୍ଟରେ ୭ ଜଣ ବ୍ୟକ୍ତି କାମ କରୁଥିବାବେଳେ ଆଗାମୀ ଦିନରେ ଯେପରି ଏକାସାଙ୍ଗରେ ୧୨ଜଣ କର୍ମଚାରୀ ଫୋନ୍ ରିସିଭ କରିପାରିବେ ସେ ନେଇ ପ୍ରସ୍ତାବ ଦିଆଯାଇଛି। ୨ବର୍ଷ ତଳର ଜନସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ ଦିନ ୨ହଜାର ଫୋନ କଲ ମଡର୍ଣ୍ଣ କଣ୍ଟ୍ରୋଲ ରୁମ୍‌କୁ ଆସୁଥିଲା। ଏବେ ଦିନକୁ ପ୍ରାୟ ୪୫ଶହ ଫୋନ କଲ ଆସୁଛି। ଏଥିପାଇଁ କର୍ମଚାରୀ ସଂଖ୍ୟା ବଢ଼ାଇବାକୁ କମିଶନରେଟ୍ ପୋଲିସ ଚିନ୍ତା କରିଛି। ସେହିପରି ଉଭୟ ଏମ୍‌ସିଆର୍ ଓ ପିସିଆର୍‌ରେ ଲାଗିଥିବା ସଫ୍ଟୱେରକୁ ଅପ୍‌ଡେଟ୍ କରାଯିବ। ବର୍ତ୍ତମାନ କଣ୍ଟ୍ରୋଲ୍ ରୁମ୍‌କୁ ଫୋନ କରୁଥିବା ବ୍ୟକ୍ତିଙ୍କ ନମ୍ବର ଓ ନାମ ଜଣାପଡୁଛି। କିନ୍ତୁ ସେ କେଉଁ ସ୍ଥାନରୁ ଫୋନ୍ କରୁଛନ୍ତି ତାହା ପୋଲିସ ଜାଣିପାରୁ ନାହିଁ। ଏହି ସଫ୍ଟୱେର ଅପ୍‌ଡେଟ୍ ହେବା ପରେ ଏହି ସମସ୍ୟା ଦୂର ହେବ। ସେହିପରି ପିସିଆର୍‌ରେ ଲାଗିଥିବା ୱାକିଟକି ଜରିଆରେ କଣ୍ଟ୍ରୋଲ୍ ରୁମ୍ କିମ୍ବା ଥାନାକୁ ସୂଚନା ଦେଲେ ତାହା ସମସ୍ତଙ୍କୁ ଜଣାପଡୁଛି। ସଫ୍ଟୱେର ଅପ୍‌ଡେଟ୍ ହେବା ପରେ ଜଣେ ପିସିଆର୍ କର୍ମଚାରୀ ନିର୍ଦ୍ଦିଷ୍ଟ ଭାବେ ନିଜର ସୂଚନାକୁ କଣ୍ଟ୍ରୋଲ ରୁମ୍ କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ଜଣାଇ ପାରିବ। ଏଥିସହ କଥା ହେବା ସମୟରେ ଏସ୍‌ଏମ୍‌ଏସ୍ ଜରିଆରେ ମଧ୍ୟ ଖବର ସେୟାର ହୋଇପାରିବ। ଦ୍ୱୈତନଗରୀର ଲୋକେ ଏବେ ନିଜ ମୋବାଇଲ୍‌ରେ ଏକ ସ୍ୱତନ୍ତ୍ର ଆପ୍ସ ଡାଉନ୍‌ଲୋଡ୍ କରିପାରିବେ। ଯାହାଦ୍ୱାରା ସେମାନେ ଉକ୍ତ ଆପ୍ସ ଉପରେ କ୍ଲିକ୍ କଲେ ଡାଏଲ ୧୦୦କୁ କଲ୍ ଯାଇପାରିବ। ପୂର୍ବରୁ ମୋ' ସାଥୀ ଯୋଜନାରେ ଏହା କେବଳ ମହିଳାଙ୍କ ପାଇଁ ବ୍ୟବସ୍ଥା ଥିଲା। ଯାହାକି ଏବେ ସମସ୍ତଙ୍କ ପାଇଁ ଉପଲବ୍ଧ ହୋଇପାରିବ ବୋଲି କମିଶନର ସୂଚନା ଦେଇଛନ୍ତି। ସେହିପରି ବର୍ତ୍ତମାନ ପିସିଆର୍ ଗାଡ଼ି ସଂଖ୍ୟା ୩୩ ରହିଛି। ଯେଉଁଥିପାଇଁ କୌଣସି ଅଘଟଣ ସୂଚନା ପାଇବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିବାକୁ ୧୫ରୁ ୨୦ ମିନିଟ୍ ଲାଗୁଛି। ଏହାକୁ ଦୂର କରିବା ପାଇଁ ଆହୁରି ୨୦ଟି ପିସିଆର ଭ୍ୟାନ୍ ଯୋଗାଇଦେବାକୁ ରାଜ୍ୟ ସରକାରଙ୍କୁ ପତ୍ର ମାଧ୍ୟମରେ କମିଶନରେଟ୍ ପୋଲିସ୍ ପକ୍ଷରୁ ଅନୁରୋଧ କରାଯାଇଛି। ଏହା ହୋଇପାରିଲେ ଆଗାମୀ ଦିନରେ ଖବର ମିଳିବାର ୫ରୁ ୬ ମିନିଟ୍ ମଧ୍ୟରେ ପିସିଆର୍ ଘଟଣାସ୍ଥଳରେ ପହଞ୍ଚିପାରିବ ବୋଲି କମିଶନର ଆଶାବ୍ୟକ୍ତ କରିଛନ୍ତି। ସେହିପରି ବର୍ତ୍ତମାନ ପିସିଆର୍ ଭ୍ୟାନ ବାହାରେ ସିସିଟିଭି କ୍ୟାମେରା ଲାଗିଛି। ଏବେ ପିସିଆର ଭିତରେ ସିସିଟିଭି ଲଗାଇବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଏହା ହେବା ଦ୍ୱାରା ପିସିଆର୍ ଭ୍ୟାନରେ ଡ୍ୟୁଟିରେ ଥିବା କର୍ମଚାରୀମାନେ ଗାଡ଼ି ଭିତରେ କେତେବେଳେ କ'ଣ କରୁଛନ୍ତି ତାହା ଜଣାପଡ଼ିବ। ଏଣିକି ଥାନାରେ ବରିଷ୍ଠ ନାଗରିକଙ୍କ ପାଇଁ ଇଣ୍ଟରନେଟ୍ ବ୍ୟବସ୍ଥା କରାଯାଇଥିବା ନେଇ ଖୁରାନିଆ ସୂଚନା ଦେଇଛନ୍ତି। ବରିଷ୍ଠ ନାଗରିକମାନେ ସେମାନଙ୍କର କୌଣସି କାଗଜପତ୍ର କାମରେ ଥାନାକୁ ଯାଇ ଇଣ୍ଟରନେଟ୍‌ର ବ୍ୟବହାର କରିପାରିବେ। ଏଥିପାଇଁ ରାଜଧାନୀର ସମସ୍ତ ଥାନାକୁ ଗୋଟାଏ ଲେଖାଏଁ କମ୍ପ୍ୟୁଟର, ପ୍ରିଣ୍ଟର, ଇଣ୍ଟରନେଟ୍ ଡଙ୍ଗଲ ଦିଆଯାଇଥିବା ଖୁରାନିଆ ସ୍ପଷ୍ଟ କରିଛନ୍ତି।

# ଏଣିକି ସ୍କୁଲ୍ ବସ୍‌ରେ ଜିପିଏସ୍

**ଭୁବନେଶ୍ୱର :** ଏଣିକି ସମସ୍ତ ସ୍କୁଲ ବସ୍‌ରେ ଜିପିଏସ୍। ଯେଉଁ ସ୍କୁଲ୍ ବସ୍‌ରେ ଜିପିଏସ୍ ବ୍ୟବସ୍ଥା ନଥିବ ସମ୍ପୃକ୍ତ ସ୍କୁଲ୍ ବସ୍‌ର ପରମିଟ୍‌କୁ ବାତିଲ କରାଯିବ। ଏଥିସହ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ବା ଆର୍‌ଟିଓ-୧ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏହାବ୍ୟତୀତ ବାଇକ୍ ଚାଳକଙ୍କ ଇନସ୍ୟୁରାନ୍ସ ବା ବୀମା ମଧ୍ୟ ଯାଞ୍ଚ କରାଯିବ। ଲାଇସେନ୍ସ ଯାଞ୍ଚ ଭଳି ଏଣିକି ବୀମା ରହିଛି କି ନାହିଁ ତାହା ମଧ୍ୟ ତଦାରଖ କରାଯିବ। ଆର୍‌ଟିଓ



ପ୍ରଦୀପ କୁମାର ମହାନ୍ତି ନିଜେ ଏସବୁ ବ୍ୟବସ୍ଥାର ଯାଞ୍ଚ କରିବେ। ନିୟମ ଖିଲାପକାରୀଙ୍କ ବିରୋଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତେବେ ଲୋକଙ୍କର ସୁବିଧା ଲାଗି ପ୍ରଥମଥର ଲାଗି ଆର୍‌ଟିଓ-୧ ପକ୍ଷରୁ ୪ଟି କ୍ୟାମ୍ପ ଅଫିସ୍ ଲାଗି ଖୋଲା ଯାଇଛି। ବାଲୁଗାଁ, ରାଜସୁନାଖଳା, ଟାଙ୍ଗି ଓ ଖୋର୍ଦ୍ଧାରେ ଏହି କ୍ୟାମ୍ପ ଅଫିସ୍ କାର୍ଯ୍ୟକରୁଛି। ଏଠାରେ ଗାଡ଼ିଗୁଡ଼ିକର ଫିଟ୍‌ନେସ୍ ଯାଞ୍ଚ କରାଯାଉଛି। ଯେଉଁ ଗାଡ଼ିର ଫିଟ୍‌ନେସ୍ ନାହିଁ ଗାଡ଼ି ମାଲିକମାନେ ଏତେଦୁର ନଆସି ସୁବିଧାରେ କିପରି ବ୍ୟବସ୍ଥା ପାଇପାରିବେ ସେ ନେଇ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଫଳରେ ଦୈନିକ ପ୍ରାୟ ୪୦୦ ଗାଡ଼ିର ଫିଟ୍‌ନେସ୍ ସଂପୃକ୍ତ କ୍ୟାମ୍ପରେ ଯାଞ୍ଚ କରାଯାଉଛି। ସେହିପରି ଛାତ୍ରଛାତ୍ରୀଙ୍କ ସୁରକ୍ଷା ଲାଗି ସ୍କୁଲ ବସ୍ ଚଳାଚଳରେ ଯେଉଁ ନିୟମ ଲାଗୁ କରାଯାଇଛି ତାହା କାର୍ଯ୍ୟକାରୀ ହେଉଛି କି ନାହିଁ ତା'ର ଯାଞ୍ଚ ଗତ୨୦ ତାରିଖରୁ ଆରମ୍ଭ ହୋଇଛି। ଦୁଇଦିନ ମଧ୍ୟରେ ୨୭ ଟି ସ୍କୁଲ ବସ୍ ନିୟମକୁ ଅବମାନନା କରିଥିବା ଜଣାପଡ଼ିଛି। ସେହି ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏପରି କି ଯାଞ୍ଚ ସମୟରେ ରାଜଧାନୀର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲ ବସ୍‌ରେ ଡ୍ରାଇଭର୍ ବଦଳରେ ବସ୍‌ର ହେଲ୍‌ପର୍ ଗାଡ଼ି ଚଳାଉଥିବା ଜଣାପଡ଼ିଛି। ଏହା ସାଙ୍ଗକୁ ଜନସାଧାରଣଙ୍କ ସୁବିଧା ଏବଂ ସୁରକ୍ଷା ଲାଗି ନୂତନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ଗାଡ଼ି ପଞ୍ଜୀକରଣ ସାଙ୍ଗକୁ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ପ୍ରଦାନ କରାଯାଉଛି।

# ଅଗଷ୍ଟ ୧୫ ସୁଦ୍ଧା ରାଉରକେଲାରୁ ବିମାନ

**ଭୁବନେଶ୍ୱର :** ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ରାଉରକେଲାରୁ ବିମାନ ସେବା ଆରମ୍ଭ ହେବ ବୋଲି କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ସ୍ଥାନୀୟ ବୁଦ୍ଧିଜୀବୀ ଓ ନାଗରିକ ସମ୍ମିଳନୀରେ ଯୋଗଦେବା ଅବସରରେ କହିଛନ୍ତି। ବାଣିଜ୍ୟିକ ଲାଇସେନ୍ସ ସମସ୍ୟା ପାଇଁ ରାଉରକେଲାରୁ ବିମାନ ସେବା ବିଳମ୍ବ ହେଉଛି। ଏହି ସମସ୍ୟାଗୁଡ଼ିକ ମାତ୍ର ମାସକ ମଧ୍ୟରେ ସମାଧାନ ହୋଇଯିବ। ଏୟାରପୋର୍ଟ ପରିଚଳାନା ପାଇଁ ଏୟାର ଅଥରିଟି ଅଫ୍ ଇଣ୍ଡିଆ ୫ଜଣ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତି ଦେବ। ଏୟାରପୋର୍ଟର ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସେଲ୍ ଯୋଗାଇ ଦେବ ବୋଲି ସେ ସୂଚନା ଦେଇଛନ୍ତି। ସୂଚନ ଯୋଗ୍ୟ, ଆଞ୍ଚଳିକ ବିମାନ ସଂଯୋଗ ଯୋଜନା ଅନ୍ତର୍ଗତ ଉଡାନ କାର୍ଯ୍ୟକ୍ରମରେ ରାଉରକେଲାସ୍ଥିତ ସେଲ୍ ଏୟାରଷ୍ଟ୍ରିପ୍‌ରୁ ଗତ ୧୫ତାରିଖଠାରୁ ବିମାନ ସେବା ଆରମ୍ଭ ହେବ ବୋଲି ସରକାରୀ ସ୍ତରରେ ଆକଳନ କରାଯାଇଥିଲା। ଏହା ପୂର୍ବରୁ ୨୦୧୭ ସେପ୍ଟେମ୍ବରଠାରୁ ରାଉରକେଲାରୁ ଦୈନିକ ବିମାନ ସେବା ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ। ଉକ୍ତ ଘୋଷଣାକୁ ଇତିମଧ୍ୟରେ ୯ମାସ ବିତିଯାଇଥିଲେ ମଧ୍ୟ ବିମାନ ସେବା ଆରମ୍ଭ ହୋଇପାରିନାହିଁ। ଗୋଟିଏ ପରେ ଗୋଟିଏ ସମସ୍ୟା ଯୋଗୁ ତାହା ସମ୍ଭବ ହୋଇପାରି ନଥିବା ଜଣାଯାଇଛି।

# ନନ୍ଦନକାନନରେ ୫ ନୂଆ ଅତିଥି

**ବାରଙ୍ଗ :** ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ୫ ନୂଆ ଅତିଥି ଆସିଛନ୍ତି। ଜଙ୍ଗଲି କୁକୁର, ଭାଲୁ ଓ ଆସାମିକ୍ ମାଙ୍କଡ଼କୁ ଗତ ଗୁରୁବାର ରାତି ସାଢ଼େ ୯ଟାରେ ପ୍ରାଣୀ ଉଦ୍ୟାନରେ ପହଞ୍ଚାଯାଇଛି। ପଶୁ ଚିକିତ୍ସାଳୟ ପକ୍ଷରୁ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏମାନଙ୍କ ସ୍ୱାସ୍ଥ୍ୟ ଠିକ୍ ଥିବା ବେଳେ ସବୁ ନୂଆ ଜୀବଜନ୍ତୁଙ୍କୁ ପଶୁ ଚିକିତ୍ସାଳୟର କ୍ୱାରେନ୍‌ଟାଇନ୍ ମଧ୍ୟରେ ରଖାଯାଇଛି। ଗତ କିଛିଦିନ ହେଲା ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ଖରାପ ହୋଇପଡ଼ିବା ବେଳେ ଏଠାରେ ପହଞ୍ଚିଥିବା ୫ ନୂଆ ଜୀବଙ୍କୁ ତିନୋଟି ଗୃହ ମଧ୍ୟରେ କୁଲର ଲଗାଯାଇ ରଖାଯାଇଛି। ବର୍ତ୍ତମାନ ଏମାନଙ୍କୁ ଅନବରତ ଥଣ୍ଡା ରଖାଯିବା ସହିତ ଏଠିକାର ଜଳବାୟୁ ତଥା ପରିବେଶ ସହିତ ଖାପ୍ ଖାଇସାରିବା ପରେ ସମସ୍ତ ଜୀବଜନ୍ତୁଙ୍କୁ ପର୍ଯ୍ୟଟକ ଦେଖିବା ନିମନ୍ତେ ଏନ୍‌କ୍ଲୋଜର ମଧ୍ୟରେ ଛଡ଼ାଯିବ। ଗତ ୧୨ ତାରିଖରେ ଏସିଏଫ୍ ଅଞ୍ଜନ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ପୂର୍ବଭାରତର ମିଜୋରାମର ଆଇଜଲ ଚିଡ଼ିଆଖାନା ଗସ୍ତ କରିଥିଲେ। ସେଠାର ୨ଟି ୩ବର୍ଷର ଜଙ୍ଗଲି କୁକୁର (ବଳିଆ), ଦୁଇଟି ୫ ବର୍ଷର ଆସାମିଜ୍ ମାଙ୍କଡ଼ ଓ ଗୋଟିଏ ୫ ବର୍ଷର ମାଇ ହିମାଳୟାନ୍ କଳା ଭାଲୁଙ୍କୁ ଆଣିଛନ୍ତି। ସୂଚନା ଥାଉ କି, ନନ୍ଦନକାନନ ପ୍ରାଣୀଉଦ୍ୟାନକୁ ପ୍ରଥମ ପର୍ଯ୍ୟାୟରେ ୩ଟି ପ୍ରଜାତିର ୫ଟି ଜୀବଜନ୍ତୁଙ୍କୁ କର୍ତ୍ତୃପକ୍ଷ ଆଣିଥିବା ବେଳେ ୨ୟ ପର୍ଯ୍ୟାୟରେ ଛତିଶଗଡ଼ ରାଜ୍ୟର ରାୟପୁର ଚିଡ଼ିଆଖାନାରୁ ଚାରୋଟି ପ୍ରଜାତିର ୯ଟି ଜୀବଜନ୍ତୁ ଆଣିବେ ବୋଲି କୁହାଯାଉଛି।

# ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍-୨ରେ ସହଯୋଗୀ ରହିବ ଫିକି

**ଭୁବନେଶ୍ୱର :** ନଭେମ୍ବର ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ଫିକି ବା ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଚେମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏହି କାର୍ଯ୍ୟକ୍ରମର ସହଯୋଗୀ ରହିବ ବୋଲି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସିଆଇଆଇ ବା ଭାରତୀୟ ବାଣିଜ୍ୟିକ ସଂସ୍ଥା ମନା କରିଦେଇଛି। ୨୦୧୫ ମସିହା ଠାରୁ ଏହି ସଂସ୍ଥା ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲେ ସୁଦ୍ଧା ସିଆଇଆଇ ସେଥିରୁ ଓହରି ଯାଇଛି। ୨୦୧୬ ମସିହାରେ ଏହା ପ୍ରଥମ ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ସହଯୋଗୀ ସଂସ୍ଥା ଭାବରେ ଯୋଗଦେଇଥିଲା। ତେବେ ଶେଷ ମୁହୂର୍ତ୍ତରେ ଏହା ଓହରି ଯାଇଥିବାରୁ ଫିକି ଏହି କନକ୍ଲେଭରେ ସାମିଲ ହେବ ବୋଲି ପ୍ରତିଶ୍ରୁତି ଦେଇଛି। ଏହା ସହିତ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ମେକ୍ ଇନ୍ ଓଡ଼ିଶା କାର୍ଯ୍ୟକ୍ରମକୁ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ପାଇଁ ଖୁବ୍ ଶୀଘ୍ର ତାଙ୍କ ନେତୃତ୍ୱରେ ଏକ ଟିମ୍ ବିଦେଶ ଗସ୍ତ କରିବ। ଏହି ଟିମ୍ ଇଟାଲୀ, ଜର୍ମାନୀ ଏବଂ ସାଉଦିଆରବ ଯିବ। ଏଥିରେ ସରକାରୀ ଅଧିକାରୀମାନଙ୍କ ସହିତ ୯ଟି କମ୍ପାନୀର ସିଇଓ ବା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମିଲ ହେବେ। ସେଠାରେ ବିଭିନ୍ନ ବୈଠକ କରାଯିବା ସହିତ ରୋଡ୍ ସୋ ମଧ୍ୟ ଆୟୋଜନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଉଭୟ ଦେଶ ମଧ୍ୟରେ ଏବଂ ଦେଶ ବାହାରେ ଏହା କରାଯିବ ବୋଲି ସେ କହିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ ୨୦୧୬ ମସିହା ପରେ ଦ୍ୱିତୀୟ ଥର ପାଇଁ ଏହା ଚଳିତ ନଭେମ୍ବର ମାସରେ ଓଡ଼ିଶାରେ ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ଆୟୋଜିତ ହେବ। ବିଭିନ୍ନ ଶିଳ୍ପସଂସ୍ଥା ଏବଂ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ସହାୟତାରେ ପ୍ରତି ଦୁଇ ବର୍ଷରେ ଥରେ ଏହା ଭୁବନେଶ୍ୱରରେ ଆୟୋଜିତ ହେବ ବୋଲି ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାର ପ୍ରଥମ କନକ୍ଲେଭ୍‌ରେ ସିଆଇଆଇ ସାମିଲ ହୋଇଥିଲେ ମଧ୍ୟ ଏଥର ମନା କରିଦେବା ପଛରେ ଭିନ୍ନ ଏକ କାରଣ ରହିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ରେଳବାଇ ସୁରକ୍ଷା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ

# ସବୁ ଷ୍ଟେସନ୍‌ରେ ଲାଗିବ ସିସିଟିଭି : ଡିଜିପି

**ଭୁବନେଶ୍ୱର :** ରେଳବାଇର ସୁରକ୍ଷା ନେଇ ଗତ ବୁଧବାର ପୋଲିସ୍ ଡିଜି କ୍ୟାମ୍ପ ଅଫିସ୍‌ରେ ରେଳବିଭାଗର ବରିଷ୍ଠ ଅଧିକାରୀଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ପୋଲିସ୍ ମହାନିର୍ଦ୍ଦେଶକ ଡା. ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶାର ୩ଟି ରେଳବାଇ ଡିଭିଜନ ବିଳାସପୁର, କୋଲ୍‌କାତା ଓ ଇଷ୍ଟକୋଷ୍ଟ ରେଲ୍‌ୱେର ସିକ୍ୟୁରିଟି ମୁଖ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଆଗାମୀ ଦିନରେ ରାଜ୍ୟର ସମସ୍ତ ଷ୍ଟେସନରେ ସିସିଟିଭି ଲାଗିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିସହ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଟ୍ରେନ୍‌ରେ ମଧ୍ୟ ସିସିଟିଭି ଲଗାଇବା ନେଇ ଆଲୋଚନା ହୋଇଛି। ଏଥିସହ ଟ୍ରେନ୍‌ରେ ଯାତ୍ରୀ ଓ ରେଳଗାଡ଼ିର ଉପକରଣକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ବୈଠକରେ ଆଲୋଚନା ହୋଇଛି। ସେହିପରି ରେଳଷ୍ଟେସନ ଭିତ୍ତିଭୂମିର ଉନ୍ନତିକରଣ ଓ ସୁରକ୍ଷା ବ୍ୟବସ୍ଥା ଯେପରି କଡ଼ାକଡ଼ି କରାଯାଇ ପାରିବ ସେ ନେଇ ବୈଠକରେ ଡିଜି ଗୁରୁତ୍ୱାରୋପ କରିଛନ୍ତି। ଜିଆର୍‌ପି ଓ ଆର୍‌ପିଏଫ୍ ଅଧିକାରୀମାନଙ୍କ ମଧ୍ୟରେ ଯେପରି



ସମନ୍ୱୟ ଠିକ୍ ରହିବ ଏଥିସହ ଉଭୟ ବିଭାଗ ମଧ୍ୟରେ ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ ଯେପରି ଭଲ ଭାବେ ରହିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ଡିଜି ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ସମୟରେ ରାଜ୍ୟରେ ଥିବା ବିଭିନ୍ନ ଜିଆରପି ଥାନାରେ ଯେଉଁ କର୍ମଚାରୀ ସମସ୍ୟା ଦେଖାଯାଉଛି ତାକୁ ଦୂର କରିବା ପାଇଁ ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯିବା ନେଇ ବୈଠକରେ ଆଲୋଚନା ହୋଇଛି। ଏଥିସହ କେଉଁ ଥାନାରେ କେତେଜଣ କର୍ମଚାରୀଙ୍କର ଆବଶ୍ୟକତା ରହିଛି ସେ ନେଇ ଥାନାଗୁଡ଼ିକୁ ମଧ୍ୟ ରିପୋର୍ଟ ମଗାଯାଇଛି। ରେଳ ବିଭାଗ ପକ୍ଷରୁ ପ୍ରତ୍ୟେକ ୩ମାସରେ ଥରେ ଏଭଳି ସୁରକ୍ଷା ବ୍ୟବସ୍ଥା ସଂକ୍ରାନ୍ତୀୟ ବୈଠକ ଡିଜିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି। ଚଳିତଥର ଏହା ୩ୟ ବୈଠକ। ବୈଠକରେ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ରେଳ ଚଳାଚଳରେ ଯେପରି କୌଣସି ସମସ୍ୟା ସୃଷ୍ଟି ନହୁଏ ସେ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଉକ୍ତ ରୁଟ୍ ଦେଇ ଯାଉଥିବା ରେଳଗାଡ଼ିଗୁଡ଼ିକ ସୁରକ୍ଷା ବ୍ୟବସ୍ଥା ଆର୍‌ପିଏଫ୍ କର୍ମଚାରୀଙ୍କ ଉପରେ ନ୍ୟସ୍ତ କରାଯିବ। ଉକ୍ତ ରୁଟ୍ ଦେଇ ଯାଉଥିବା ଗାଡ଼ିରେ ବନ୍ଧୁକଧାରୀ ଆର୍‌ପିଏଫ୍ କର୍ମଚାରୀମାନେ ମୁତୟନ ହେବେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରେଳ ବିଭାଗର ଏଡିଜି ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଗୁଇନ୍ଦା ଆଇଜି ଆର୍‌କେ ଶର୍ମା, ଆଇଜି ଆର୍‌ପିଏଫ୍ ଅତୁଲ ପାଠକ ପ୍ରମୁଖ ଯୋଗ ଦେଇଥିଲେ।

## ପଞ୍ଚତାରକା ହୋଟେଲରେ ସରକାରୀ କାମର ସମୀକ୍ଷା ପ୍ରସଙ୍ଗ

# 'ଓଡିଆ ଲୋକଙ୍କ ଟିକସରେ ବିଜେଡି ନିର୍ବାଚନ ପ୍ରଚାର ପାଇଁ ଷଡଯନ୍ତ୍ର କରୁଛି'

**ଭୁବନେଶ୍ୱର :** ରାଜ୍ୟ ପଂଚାୟତ ରାଜ ଓ ପାନୀୟ ଜଳ ବିଭାଗର ଭୁବନେଶ୍ୱର ଠାରେ ପଞ୍ଚତାରକା ହୋଟେଲରେ ଆୟୋଜିତ କର୍ମଶାଳାକୁ ନେଇ ପ୍ରଶ୍ନ ଉଠାଇଛି ଭାରତୀୟ ଜନତାପାର୍ଟି। ବିଭାଗୀୟ କର୍ମଶାଳାରେ ସବୁ ଜିଲାର ପିଡ ଡିଆରଡିଏ ଓ ବିଡିଓ ମାନେ ୨୦-୨୧ ଦୁଇଦିନ ଧରି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ମାତ୍ର ଏହି ସମୀକ୍ଷା କାର୍ଯ୍ୟକ୍ରମରରୁ ଜାଣିଶୁଣି ଗଣମାଧ୍ୟମକୁ ଦୂରରେ ରଖାଯାଇଛି। କିଛି ମୁଷ୍ଟିମେୟ ଅମଲା ଏହି ସମୀକ୍ଷା ବୈଠକ ଆଳରେ ଓଡିଶାର ଗ୍ରାମାଂଚଳରେ ବିଜେଡିର ଇଲେକସନ ପରିଚାଳନା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ବିଜେପି ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସାମ୍ବାଧାନିକ ବିଧି ବ୍ୟବସ୍ଥାରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀ ହେଉଛନ୍ତି ବିଧାନସଭା ଓ ରାଜ୍ୟ ସାମ୍ନାରେ ଉତର ଦାୟୀ। ମୁଖ୍ୟମନ୍ତ୍ରୀ ଏହି ବୈଠକ ନେଇ ଅବଗତ ଅଛନ୍ତି କି ନାହିଁ ଜଣା ନାହିଁ। ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଦୂରରେ ରଖି ଅଫିସରମାନେ ଗୁପ୍ତ ବୈଠକ




କରିବାର ବୈଧତାକୁ ନେଇ ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ ଉଠାଇଛନ୍ତି।

ସମଗ୍ର ରାଜ୍ୟ ଯେତେବେଳେ ଡହଡହ ଖରାରେ ଡହଳବିକଳ ହେଉଛି, ଚାଷୀମାନେ ଗଜା ମରୁଡି ନେଇ ଭୟଭୀତ, ପିଇବାପାଣି ମିଳୁନି ସେତେବେଳେ ଜିଲାର ପ୍ରକଳ୍ପ ନିର୍ଦ୍ଦେଶକ ଓ ୩୧୪ ବ୍ଳକର ବିଡିଓ ମାନଙ୍କୁ ଭୁବନେଶ୍ୱରର ପଂଚତାରକା ହୋଟେଲର ଶୀତତାପ ନିୟନ୍ତ୍ରିତ ଗୃହରେ କଣ ପାଇଁ ସଭା କରାଯାଉଛି ବୋଲି ଶ୍ରୀ ଆଚାର୍ଯ୍ୟ ପ୍ରଶ୍ନ କରିଛନ୍ତି। ଶ୍ରୀ ଆଚାଯ୍ୟ କହିଛନ୍ତି ଯଦି ରାଜ୍ୟବାସୀଙ୍କ ବିଷୟରେ ଚିନ୍ତା କରାଯାଉଛି ତାହାହେଲେ ଗଣମାଧ୍ୟମକୁ ଜାଣିଶୁଣି ଦୂରରେ ରଖାଯାଇଛି କାହିଁକି ? ବୈଠକରେ କଣ ହେଲା ଅଧିକୃତ ଭାବେ ଅଫିସର ମାନେ ଗଣମାଧ୍ୟମ ସହିତ ସିଧାକଥା ହେବାକୁ କାହିଁକି ପଛଘୁଂଚା ଦେଲେ ବୋଲି ଶ୍ରୀ ଆଚାର୍ଯ୍ୟ କଟୁ ସମାଲୋଚନା କରିଛନ୍ତି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଅଫିସରମାନେ ହେଲେ ପବ୍ଲିକ ସରଭ୍ୟାଂଟ। ସେମାନଙ୍କର କୌଣସି କାମ ଓ ନିର୍ଣ୍ଣୟ ଗୁପ୍ତ ରଖାଯାଇ ପାରିବ ନାହିଁ। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଯେଉଁ ଅଧିକାରୀ ସରକାର ସମେତ ଶାସକ ବିଜେଡିର କାମ ହାତକୁ ନେଇଛନ୍ତି ତାଙ୍କ ଯୋଜନାରେ ଆଗାମୀ ନିର୍ବାଚନରେ ଶାସକ ଦଳ ପାଇଁ କାମ କରିବା ଲାଗି ଏହି ଗ୍ରୁପ୍ ବୈଠକ ଆୟୋଜନ କରାଯାଇଛି। ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ, ରାଜ୍ୟ ସଚିବାଳୟରେ ସମୀକ୍ଷା କରିବା ପାଇଁ ସବୁ ପ୍ରକାର ସୁବିଧା ଥିବାବେଳେ ଏହି ବୈଠକକୁ ଦୃଷ୍ଟିଆଳରେ ରଖିବା ପାଇଁ ଏକ ପଂଚତାରକା ହୋଟେଲରେ ଆୟୋଜନ କରାଯାଇଛି। ଓଡିଆ ଟିକସଦାତାଙ୍କ କର ଖଜଣା ଅର୍ଥକୁ ପଂଚତାରାକା ହୋଟେଲରେ ମିଟିଂରେ ଖର୍ଚ୍ଚ କରି ଓଡିଆ ଲୋକଙ୍କ ବିକାଶ ନୁହେଁ ବରଂ ବିଜେଡିର ରାଜନୈତିକ ଲାଭପାଇଁ ସରକାରୀ କର୍ମଚାରୀ ମାନଙ୍କୁ କାମରେ ଲଗାଇବା ଭାରତୀୟ ସମ୍ବିଧାନ ବିଧି ବ୍ୟବସ୍ଥାର ପରିପନ୍ଥୀ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। କଥା କଥାରେ ଗଣମାଧ୍ୟମରେ ବିବୃତି ଦେଉଥିବା ଶାସକ ବିଜେଡି ଏବଂ ସରକାରୀ ଅମଲାମାନେ ସାଧାରଣ ରାଜ୍ୟବାସୀଙ୍କୁ ଏହି ବୈଠକ ସଂପର୍କରେ କାହିଁକି ଅବଗତ କରାଇଲେ ନାହିଁ ଏବଂ ଲୁଚାଇ ରଖିଲେ ତାହା ସ୍ପଷ୍ଟ କରିବାକୁ ଶ୍ରୀ ଆଚାର୍ଯ୍ୟ ଦାବୀ କରିଛନ୍ତି।

# ଓଡ଼ିଶାରେ ଗଢ଼ିଲା 'ମେମୁ'

**କଟକ :** କଟକରୁ ବ୍ରହ୍ମପୁରକୁ ଗଡ଼ିଛି ନୂତନ ଟ୍ରେନ ମେମୁ। ବ୍ରହ୍ମପୁର-କଟକ ଚାଲୁଥିବା ପାସେଞ୍ଜର ଟ୍ରେନ ପରିବର୍ତ୍ତେ ମେମୁ ଚଳାଚଳ କରିବ ବୋଲି ଇଷ୍ଟ୍‌କୋଷ୍ଟ୍ ରେଲ୍‌ୱେ ସୂତ୍ରରୁ ଜଣାପଡ଼ିଛି। ମେମୁ ଟ୍ରେନଟିରେ ୩ଟି ଇଞ୍ଜିନ ରହିଛି। ଫଳରେ ଏହା ପିକଅପ୍ ଜୋରଦାର୍ ହେବ। ମୁମ୍ବାଇ ଲୋକାଲ୍ ଟ୍ରେନ ଭଳି ଏହା ଦ୍ରୁତଗତିରେ ଚଳାଚଳ କରିବ। ବ୍ରହ୍ମପୁରରୁ ଆସୁଥିବା ପାସେଞ୍ଜର୍ ଟ୍ରେନ୍ କଟକ ଷ୍ଟେସନରେ ଲାଗିଲା ପରେ ଏହାର ଇଞ୍ଜିନ ପରିବର୍ତ୍ତନ କରିବାକୁ ସମୟ ଲାଗୁଥିଲା। ମେମୁ ଟ୍ରେନରେ ସେହି ସମସ୍ୟା ଦେଖା ଯିବନି। ଆହୁରି ମଝିରାସ୍ତାରେ ଟ୍ରେନର ଇଞ୍ଜିନ ଖରାପ ହେଲେ ଟ୍ରେନ ବ୍ୟାକ୍‌ଅପ୍ ହେଉଥିଲା। ମେମୁ ଟ୍ରେନରେ ୩ଟି ଇଞ୍ଜିନ ଲାଗିଥିବାରୁ କୌଣସି ସ୍ଥଳେ ଗୋଟିଏ ଇଞ୍ଜିନ ଖରାପ ହୋଇଗଲେ ଟ୍ରେନ ରାସ୍ତାରେ ନଅଟକି ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ଇଷ୍ଟ୍‌କୋଷ୍ଟ୍ ରେଲ୍‌ୱେ ପକ୍ଷରୁ କୁହାଯାଇଛି। ଟ୍ରେନର ସମସ୍ତ ର୍‌ୟାକ୍ ନୂତନ ଭାବେ କପୁରତାଲା ରେଳକୋଚ କାରଖାନାରୁ ନିର୍ମାଣ ହୋଇଛି। ମେମୁ ସପ୍ତାହକରେ ୬ ଦିନ ଚଳାଚଳ କରିବ।




ରବିବାର ଏହି ଟ୍ରେନ ଚଳାଚଳ ହେବ ନାହିଁ ବୋଲି ଇଷ୍ଟକୋଷ୍ଟ ରେଲୱେ ପକ୍ଷରୁ ସ୍ପଷ୍ଟକରାଯାଇଛି। ସୋମବାର ଠାରୁ ଶନିବାର ପର୍ଯ୍ୟନ୍ତ ପ୍ରତ୍ୟୁଷ ସାଢ଼େ ୭ ଘଟିକାରେ ବ୍ରହ୍ମପୁରରୁ ମେମୁ ଟ୍ରେନ ବାହାରି ଦିନ ୧୦ ଘଟିକା ୫୧ ମିନିଟ୍‌ରେ କଟକରୁ ଛାଡ଼ିବ ବୋଲି ଘୋଷଣା କରାଯାଇଛି। ଖୋର୍ଦ୍ଧା-ଭଦ୍ରକ ପାସେଞ୍ଜର ଟ୍ରେନ ଚଳାଚଳକୁ ନେଇ ମେମୁ ଟ୍ରେନର ଚଳାଚଳ ସମୟର ପରିବର୍ତ୍ତନ କରାଯିବାର ସମ୍ଭାବନା ରହିଛି। ବ୍ରହ୍ମପୁରରୁ ବାହାରୁଥିବା ମେମୁ ଟ୍ରେନ କଟକରେ ପହଞ୍ଚିବା ପୂର୍ବରୁ ୨୩ଟି ଷ୍ଟେସନରେ ରହିବା ବ୍ୟବସ୍ଥା କରାଯାଇଛି। ନୂତନଭାବେ ମେମୁ ଟ୍ରେନରେ ଯାତ୍ରୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୫ ଜୁନ - ୦୧ ଜୁଲାଇ, ୨୦୧୮

# ଶରୀର ପାଇଁ ଯୋଗ

ପ୍ରଦୁଷିତ ପରିବେଶ ମଧ୍ୟରେ ଶରୀରକୁ ନିରୋଗ ରଖିବା ସାମ୍ପ୍ରତିକ ସମୟରେ ଏକ ବଡ ଆହ୍ୱାନ। ଜଳବାୟୁ ପରିବର୍ତ୍ତନ ଦ୍ୱାରା ପରିବେଶ ଆଗଭଳି ରହିପାରିନାହିଁ। ପ୍ରକୃତିକ ସମ୍ପଦରେ ଭରା ଭାରତ ଭୂମିରେ ଏବେ ଅନେକାନକ ଶିଳ୍ପ, ଅସଂଖ୍ୟ ବାଣିଜ୍ୟିକ ପ୍ରତିଷ୍ଠାନ, ଗାଡି ମୋଟରର ମାତ୍ରାଧିକ ବୃଦ୍ଧି ଓ ଜ୍ଞାନାର୍ଜନ ପାଇଁ ଆଧୁନିକ ଗବେଷଣା ଏଭଳି ସ୍ତରରେ ପହଞ୍ଚିଛି ଯେଉଁଥିରେ ବଞ୍ଚିବା ପାଇଁ ଶୁଦ୍ଧ ଅମ୍ଳଜାନ ଟିକିଏ ପାଇବା କଷ୍ଟକର। ସେହିଭଳି ଖାଦ୍ୟ ପଦାର୍ଥରେ ମଧ୍ୟ ରାସାୟନିକ ପଦାର୍ଥର ପ୍ରଭାବ ମଣିଷର ଶରୀରକୁ ନିରୋଗ ରଖିବା ବଦଳରେ ରୋଗାକ୍ରାନ୍ତ କରିଦେଉଛି। ଦିନକୁ ଦିନ ନୂଆ ନୂଆ ରୋଗ ଚିହ୍ନଟ ହେଉଥିଲେ ସୁଦ୍ଧା ରୋଗ କବଳରୁ ମୁକୁଳିବା ପାଇଁ ଏଯାଏଁ ସ୍ପଷ୍ଟ ଭାବେ କିଛି ଉଦ୍ଭାବନ ହୋଇପାରିନାହିଁ। ଚିକିତ୍ସା ବିଜ୍ଞାନର ଦ୍ରୁତ ପ୍ରଗତି ସତ୍ତ୍ୱେ ମାନବ ସମାଜ ବ୍ୟାଧିଗ୍ରସ୍ତ ନହୋଇ ଆଜୀବନ ସୁସ୍ଥ ଭାବେ ବଞ୍ଚିପାରିବ ଏଥିପାଇଁ ସଠିକ୍ ଭାବେ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚି ପାରିନାହିଁ ଆଧୁନିକ ମଣିଷ। ଯଦିଓ ବହୁ ମାରାତ୍ମକ ବ୍ୟାଧି ପାଇଁ ନୂଆ ନୂଆ ଔଷଧ ସନ୍ଧାନ କରାଯାଇଛି ବା ଉତ୍ପାଦନ କରାଯାଇଛି ତଥାପି ରୋଗମୁକ୍ତ ଶରୀର ପାଇଁ କୌଣସି ସଠିକ୍ ବାର୍ତ୍ତା ମିଳିପାରିନାହିଁ। ବାୟୁମଣ୍ଡଳରେ ଏବେ ଯେଭଳି ଭାବେ ନାନା ପ୍ରକାର ରୋଗ ଜୀବାଣୁ ମୁକ୍ତ ଭାବେ ଘୁରି ବୁଲୁଛନ୍ତି ତାହା ପୂର୍ବକାଳେ ଦେଖାଯାଉ ନଥିଲା। ଏହା କେବଳ ଆମ ଦେଶର ସମସ୍ୟା ନୁହେଁ। ବିଶ୍ୱର ବହୁ ଜନବହୁଳ ଓ ପ୍ରଗତିଶୀଳ ରାଷ୍ଟ୍ରମାନେ ଏନେଇ ଚିନ୍ତାରେ ଅଛନ୍ତି। ତେବେ ଭାରତ ଏକ ପବିତ୍ର ଭୂମି ହୋଇଥିବାରୁ ପ୍ରାଚୀନ କାଳରୁ ଔଷଧୀୟ ଗୁଳ୍ମ ଦ୍ୱାରା ମୁନିଋଷିମାନେ ମଣିଷକୁ ଦୀର୍ଘଜୀବୀ କରିବାର ମନ୍ତ୍ର ଦେଇଯାଇଛନ୍ତି। ଆଧୁନିକତା କବଳରେ ପଡି ଆମେ ବୃକ୍ଷଲତା ଭରସାରେ ନରହି ଦାମୀ ଔଷଧ କବଳରେ ବନ୍ଦି ହୋଇଯାଇଛୁ। ଯାହାଫଳରେ ଖାଦ୍ୟ ଅପେକ୍ଷା ଔଷଧର ଆବଶ୍ୟକତା ଆମ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଆଧ୍ୟାତ୍ମିକ ଭାବେ ଦେଖିଲେ ଭାରତୀୟଙ୍କ ଆତ୍ମା ସର୍ବଦା ପ୍ରାଚୀନତା ଭିତରେ ଲୁଚି ରହିଛି। ଯଦିଓ ଆଗପରି ମୁନିଋଷିମାନେ ନାହାନ୍ତି ତଥାପି ସେମାନଙ୍କ ରଚିତ ମାର୍ଗ ଦର୍ଶନ ପୁସ୍ତକ ମଣିଷକୁ ସୁସ୍ଥ ରଖିବା ପାଇଁ ଅନେକ ମାତ୍ରାରେ ସହାୟକ ହୋଇପାରୁଛି। କେବଳ ଜଡିବୁଟି ନୁହେଁ ବହୁ ଅସାଧ ରୋଗକୁ ଭଲ କରିବା ପାଇଁ ଯୋଗ ଓ ବ୍ୟାୟାମର ଆବଶ୍ୟକତାକୁ ସମସ୍ତେ ଉପଲବ୍ଧି କଲେଣି। ଯୋଗ ସହିତ ଅନେକ ବୈଜ୍ଞାନିକ କାରଣ ନିହିତ ଥିଲା ବେଳେ ଏଥିରେ ଭାରତୀୟ ପରମ୍ପରା ନିଜର ପରାକାଷ୍ଠା ଦେଖାଇବାକୁ ସମର୍ଥ ମଧ୍ୟ ହୋଇପାରିଛି। ଯାହାକି ବିଶ୍ୱବାସୀଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି।

ତେବେ ଏହି ଯୋଗ କ'ଣ? ଯୋଗ ଏଭଳି ଏକ ଶବ୍ଦ, ଏଭଳି ଏକ କର୍ମ ଯାହା ମଣିଷର ଶରୀର, ମନ ଓ ଆତ୍ମାକୁ ଯୋଡିଥାଏ। ବିଜ୍ଞାନ ସମେତ ଅନେକ ପ୍ରଶ୍ନର ସରଳ ସମାଧାନ କରିପାରୁଥିବା ଯୋଗ ସମ୍ପର୍କରେ ଏବେ ସମସ୍ତେ ସଚେତନ। ଧନୀ, ଦରିଦ୍ର ଭେଦଭାବ ନଥିବା ଏବଂ ଜଟିଳ ପ୍ରକ୍ରିୟା ନଥିବା ଏହି



ସମ୍ପାଦକୀୟ
ତାରକ ମହାନ୍ତି

କ୍ରିୟା ଦ୍ୱାରା ଜଣେ ଅନେକ ବର୍ଷ ଧରି ସୁସ୍ଥ ଓ ନିରୋଗ ଜୀବନ ଯାପନ କରିପାରିବ ବୋଲି ଆଶା ସୃଷ୍ଟି ହୋଇଛି। ଯୋଗ ଆଧାରରେ ବ୍ୟକ୍ତିର ଜୀବନଚର୍ଯ୍ୟା ସଠିକ୍ ମାର୍ଗରେ ପରିଚାଳିତ ହେବା ସହିତ ଦିନ ଗୁଡିକ ଆରାମ ଦାୟକ ହୋଇଥାଏ। ଐତିହାସିକ ଓ ଗବେଷକମାନଙ୍କ ମତରେ ସଭ୍ୟତା ଆରମ୍ଭ ହେବା ଦିନଠାରୁ ଯୋଗ କରାଯାଇ ଆସୁଛି। ୫ ହଜାର ବା ତଦୁର୍ଦ୍ଧ୍ୱ ବର୍ଷରୁ ଯୋଗ ଏକ ପୁରାତନ ପ୍ରକ୍ରିୟା ଭାବେ ମଣିଷକୁ ସୁସ୍ଥ ରଖିଆସିଛି। ଭଗବାନ ଶିବଙ୍କୁ ଯୋଗର ଆଦ୍ୟଗୁରୁ ଭାବେ ସ୍ୱୀକାର କରାଯାଏ। ପ୍ରାଚୀନ ଆରଣ୍ୟକ ଉପନିଷଦରେ ମଧ୍ୟ ଯୋଗର ମହାତ୍ମ୍ୟ ବର୍ଣ୍ଣିତ ରହିଛି। ମହାଭାରତର ଶାନ୍ତି ପର୍ବରେ ଯୋଗ ସମ୍ପର୍କରେ ଉଲ୍ଲେଖ ରହିଥିଲା ବେଳେ ଭାଗବତ ଗୀତାରେ ମଧ୍ୟରେ ଏ ସମ୍ପର୍କରେ ଅନେକ ତଥ୍ୟ ରହିଛି। ବିଶ୍ୱାସ କରାଯାଏ ଯେ, ଭାରତୀୟ ସାଧୁ, ମୁନିଋଷିମାନଙ୍କ ଠାରୁ ଯୋଗ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭଗବାନ ଶ୍ରୀକୃଷ୍ଣ, ଗୌତମ ବୁଦ୍ଧ ଓ ମହାବୀର ଜୈନ ପ୍ରମୁଖ ନିଜ ଜୀବନରେ ଯୋଗର ଉପକାରିତା ପାଇପାରିଥିଲେ ବୋଲି କୁହାଯାଏ। ସେ ସମୟରେ ପ୍ରଚଳିତ ଯୋଗ ଶୈଳୀରେ ପରିବର୍ତ୍ତନ ଆଣିଥିଲେ ଋଷି ପତଞ୍ଜଳି। ତେଣୁ ପରେ ପତଞ୍ଜଳିଙ୍କୁ ଯୋଗର ଜନକ ଭାବେ ଗ୍ରହଣ କରାଯାଇ ଆସୁଛି। ଦୈନିକ ଯୋଗାଭ୍ୟାସ ଦ୍ୱାରା ବ୍ୟକ୍ତି ନିଜର ଶରୀର ଓ ମନକୁ ସୁସ୍ଥ ରଖିପାରେ। ଯୋଗର ଉପାଦେୟତା ସମ୍ପର୍କରେ ବିଶ୍ୱାସୀଙ୍କୁ ଚେତେଇ ଦେବା ଲକ୍ଷ୍ୟରେ ୨୦୧୫ ମସିହାରୁ ପ୍ରତିବର୍ଷ ଜୁନ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏହି ଯୋଗ ଦିବସ ପଛରେ ବୈଜ୍ଞାନିକ ଓ ପରମ୍ପରାଗତ କାରଣ ମଧ୍ୟ ରହିଅଛି। ସୂର୍ଯ୍ୟଙ୍କର ଦୁଇ ପ୍ରକାର ଗତି ଉତ୍ତରାୟଣ ଏବଂ ଦକ୍ଷିଣାୟନକୁ ନେଇ ଏଭଳି ନିଷ୍ପତ୍ତି ହୋଇଥିବା ଜ୍ୟୋତିର୍ବିଦ୍‌ମାନେ ମତ ଦିଅନ୍ତି। ଅର୍ଥାତ ଜୁନ ୨୧ ତାରିଖରେ ସୂର୍ଯ୍ୟ ନିଜର ଗତି ପରିବର୍ତ୍ତନ କରିଥାନ୍ତି। ଏହି ଗତି ପରିବର୍ତ୍ତନ ଫଳରେ ସୂର୍ଯ୍ୟଙ୍କର ତେଜ ଓ ତାପ କମ ରହିଥାଏ। ସୂର୍ଯ୍ୟଙ୍କ ଗତି ପରିବର୍ତ୍ତନ କାରଣରୁ ପୃଥିବୀର ଗୋଟିଏ ଭାଗରେ ରୋଗ ଜୀବାଣୁମାନେ ସକ୍ରିୟ ହୋଇଯାନ୍ତି। ତେଣୁ ଏମାନଙ୍କ କବଳରୁ ରକ୍ଷା ପାଇବା ପାଇଁ ଯୋଗ ସହାୟକ ହୋଇଥାଏ। ତେବେ ଏହି ଯୋଗ କେତେ ପ୍ରକାର ବୋଲି ସାଧାରଣରେ ପ୍ରଶ୍ନ ଉଠେ। ତେବେ ତତ୍ତ୍ୱ ଅନୁସାରେ ଜ୍ଞାନ ଯୋଗ ବା ଦର୍ଶନଶାସ୍ତ୍ର, ଭକ୍ତି ଯୋଗ ବା ଆନନ୍ଦମୟ ଭକ୍ତିର ମାର୍ଗ, କର୍ମ ଯୋଗ ବା ସୁଖମୟ କର୍ମ ମାର୍ଗ, ରାଜ ରୋଗ ବା ଅଷ୍ଟାଙ୍ଗ ଯୋଗ। ତେବେ ରାଜ ଯୋଗକୁ ୮ ଭାଗରେ ବିଭକ୍ତ କରାଯାଇଥିବା ଜଣାପଡେ। ଏହି ଯୋଗର ପ୍ରମୁଖ ଆସନ ଭିତରେ ସ୍ୱସ୍ତିକାସନ, ସର୍ବାଙ୍ଗାସନ, ବକ୍ରାସନ ଓ ଶୀର୍ଷାସନ ରହିଛି। ଶାରୀରିକ ସୁସ୍ଥତା ନିମନ୍ତେ ପ୍ରତ୍ୟେକ ଦିନ କିଛି କିଛି ଆସନ ଅଭ୍ୟାସ କରିବାର ଆବଶ୍ୟକତା ରହିଛି। ଏହି ଆସନ ଅଭ୍ୟାସ ବଳରେ ଶରୀରରୁ ଅନେକ ରୋଗକୁ ଦୂର କରାଯାଇପାରିବ। ପୂର୍ବରୁ ଲୋକଙ୍କ ଧାରଣା ଥିଲା ଯେ, କେବଳ ସାଧୁସନ୍ଥ ମାନେ ବଣ ଜଙ୍ଗଲ କିମ୍ବା ପର୍ବତ ଗୁମ୍ଫାରେ ରହି ଏହାକୁ ସାଧନା କରିପାରିବେ। ମାତ୍ର ବର୍ତ୍ତମାନ ସମୟରେ ଏଭଳି ଧାରଣା ବଦଳି ଯାଇଛି। ଚଳଚଞ୍ଚଳ ଥିବା ପ୍ରତ୍ୟେକ ବ୍ୟକ୍ତି ଯୋଗାଭ୍ୟାସ ଦ୍ୱାରା ଶରୀରକୁ ନିରୋଗ ରଖିବା ସହିତ ମନକୁ ସତେଜ ରଖିପାରିବେ ବୋଲି ମତ ପ୍ରକାଶ ପାଇଛି। ବିଶ୍ୱର କୋଣ ଅନୁକୋଣରେ ଯୋଗକୁ ନେଇ ସାଧାରଣ ଲୋକଙ୍କ ମନରେ ଏକ ସକାରାତ୍ମକ ଭାବନା ସୃଷ୍ଟି ହୋଇଛି। ଘରେ ହେଉ ବା କର୍ମକ୍ଷେତ୍ରରେ ବ୍ୟକ୍ତି ଯୋଗର ବିଭିନ୍ନ ଆସନକୁ ଆପଣାଇ ନେବାରେ କୌଣସି ବାଧା ନାହିଁ। ନାରୀ, ପୁରୁଷ ନିର୍ବିଶେଷରେ ଯୋଗ ସମସ୍ତଙ୍କ ପାଇଁ ଉପକାରୀ। ବସ୍ତୁବାଦ ଦୁନିଆରେ ଭାରାକ୍ରାନ୍ତ ମନକୁ ସତେଜ ରଖିବା ପାଇଁ ଯୋଗ ଏକ ଉତ୍କୃଷ୍ଟ ମାଧ୍ୟମ। ଶରୀର ନିରୋଗ ରହିବା ଦ୍ୱାରା ବ୍ୟକ୍ତି ମନରେ କର୍ମ ପ୍ରବଣତା ବୃଦ୍ଧି ପାଏ। ଯାହା ଫଳରେ ପରିବାରର ଦାୟିତ୍ୱ ନିର୍ବାହ ଓ ଉପାର୍ଜନ ପାଇଁ ଏହା ବହୁ ମାତ୍ରାରେ ଉପଯୋଗୀ ସାବ୍ୟସ୍ତ ହୋଇପାରେ। ତେଣୁ ସର୍ବାଦୌ ଦେଖିଲେ ମଣିଷ ଶରୀର ପାଇଁ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରିବାକୁ ହେବ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬ ,ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ରାଜନୀତିର ଖୋଳପା ତଳେ



ଅମିନୀଲୁ ରାୟ

କୁହାଯାଏ, ସଂସାରର ଶ୍ରେଷ୍ଠନୀତି ହେଉଛି ରାଜନୀତି। ପୂର୍ବକାଳରେ ରାଜାଙ୍କ ଶାସନନୀତି ସହିତ ରାଜ୍ୟର ଅଗଣିତ ପ୍ରଜାଙ୍କର ସୁଖ, ଦୁଃଖ, ସୌଭାଗ୍ୟ ଓ ଦୁର୍ଭାଗ୍ୟ ଅଙ୍ଗାଙ୍ଗୀଭାବେ ଜଡିତ ଥିବାରୁ ରାଜଧର୍ମ ବା ରାଜନୀତି କିଭଳି ପ୍ରଜାହିତକର ହୋଇପାରିବ, ସେଥିପାଇଁ ବିଭିନ୍ନ ସମୟରେ ଚିନ୍ତାଶୀଳ ବ୍ୟକ୍ତିମାନେ ପରାମର୍ଶ ଦେଇଆସିଛନ୍ତି। ଦୃଷ୍ଟାନ୍ତସ୍ୱରୂପ - ପ୍ରାଚୀନ ଗ୍ରୀସ୍‌ର ଦାର୍ଶନିକ ଆରିଷ୍ଟୋଟଲ, ପ୍ଲାଟୋ, ଗୁପ୍ତଯୁଗର ଚାଣକ୍ୟ ପ୍ରଭୃତି ଆଦର୍ଶ ରାଜ୍ୟ ଶାସନ ନୀତି ସମ୍ପର୍କରେ କେତେକ ସୁଚିନ୍ତିତ ପରାମର୍ଶ ଦେଇଥିବାରୁ ସେମାନେ ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଛନ୍ତି। ଅଧୁନା ଗଣତନ୍ତ୍ର ଶାସନ କାଳରେ ପ୍ରାଚୀନ ରାଜଧର୍ମର ଆଦର୍ଶ ବଦଳି ଯାଇଛି। ରାଜନୀତିରେ ରହିଯାଇଛି ଦୁର୍ନୀତି, ଅନୀତି ଓ ଭ୍ରଷ୍ଟାଚାର। ଆଜି ଏକବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଭାରତୀୟ ରାଜନୀତି ଅପରାଧୀମାନଙ୍କର ଏକ କ୍ରୀଡାଙ୍ଗନରେ ପରିଣତ ହୋଇଛି। ସେଥି ଯୋଗୁଁ ଚାରିଆଡେ ସୃଷ୍ଟି ହୋଇଛି ଅଶାନ୍ତି, ଅସନ୍ତୋଷ ଓ ଅରାଜକତା। ବ୍ରିଟିଶ୍ ଉପନିବେଶବାଦକୁ ଭାରତବର୍ଷରୁ ସମ୍ପୂର୍ଣ୍ଣଭାବେ ମୂଳପୋଛ କରାଇ ଦେଶକୁ ସ୍ୱାଧୀନତା ଆଣିବା ନିମନ୍ତେ ଯେଉଁ ତୁମୂଳ ଲୋମହର୍ଷଣକାରୀ ସଂଗ୍ରାମ ଆରମ୍ଭ ହୋଇଥିଲା, ସେଥିରେ ବହୁ ଜ୍ଞାନୀ, ଗୁଣୀ, ସ୍ୱଦେଶପ୍ରେମୀ, ସ୍ୱାଭିମାନୀ ବ୍ୟକ୍ତିଙ୍କ ଯୋଗଦାନ ଚୀରସ୍ମରଣୀୟ। ବହୁ ସଂଭ୍ରାନ୍ତ ଓ ବିତବାନ୍ ପରିବାର ଆପଣାର ସୁଖ ସ୍ୱାଛନ୍ଦ୍ୟକୁ ବଳିଦେଇ ଉକ୍ତ ଆନ୍ଦୋଳନରେ ଝାସ ଦେଇଥିଲେ। ପରମ ପୂଜ୍ୟ ଗାନ୍ଧିଜୀ ଦେଶର ସ୍ୱାଧୀନତା ପାଇଁ ଆନ୍ଦୋଳନର ନେତୃତ୍ୱ ନେଇ ବହୁ ଲାଂଛନା ଓ ନିର୍ଯ୍ୟାତନାକୁ ବରଣ କରିଥିଲେ। ଦେଶ ସ୍ୱାଧୀନତା ପ୍ରାପ୍ତି ତଥା ଗାନ୍ଧିଜୀଙ୍କ ମୃତ୍ୟୁ ପରେ ଭାରତୀୟ ଜାତୀୟ କଂଗ୍ରେସ ଅନୁଷ୍ଠାନ ତାର ମୌଳିକ ଆଦର୍ଶରୁ ବିଚ୍ୟୁତ ହୋଇ ତ୍ୟାଗ ସ୍ଥାନରେ ଭୋଗର ଏକ ଉଗ୍ର ଲାଳସା ନେତୃବର୍ଗଙ୍କୁ କାବୁକରିନେଇଥିଲା। ଯାହା ଫଳରେ ନିର୍ବଚନ ସମୟରେ କଳେ ବଳେ କୌଶଳେ ଭୋଟରମାନଙ୍କୁ ପ୍ରଭାବିତ କରି ଜୟଯୁକ୍ତ ହେବାକୁ ପାଗଳପ୍ରାୟ ହୋଇ ଏଥିରେ ଅଜସ୍ର ଅର୍ଥର ଆବଶ୍ୟକତା ଥିବାରୁ ସେମାନେ ଶିଳ୍ପପତି, ଖଣି ମାଲିକ, ବ୍ୟବସାୟୀ ଗୋଷ୍ଠୀ ଓ ଠିକାଦାରବର୍ଗଙ୍କଠାରୁ ଅର୍ଥ ଆଦାୟ କରୁଥିଲେ। ଜୟଯୁକ୍ତ ହୋଇ କ୍ଷମତାସୀନ ହେବା ପରେ ଚାନ୍ଦାଦାତାମାନଙ୍କୁ ଅନୁଚିତ ଅନୁଗ୍ରହ ପ୍ରଦର୍ଶନ କରି ସେମାନଙ୍କର ସମ୍ପତି ବଢାଇବାରେ ସାହାଯ୍ୟ କଲେ। ପୁଣି ସେହିମାନଙ୍କ ସାହାଯ୍ୟରେ ନିଜେ କୋଟି କୋଟି ଟଙ୍କାର କଳାଧନର ମାଲିକ ହୋଇ ରାଜକୀୟ ସୁଖଭୋଗ କରିବାକୁ ଲାଗିଲେ। ରାଜନୀତି କ୍ଷେତ୍ରରେ ଦୁର୍ନୀତି ଓ ଅସାଧୁତାର ବୀଜ ଏଇଠାରୁ ପ୍ରୋଥିତ ହୋଇଥିଲା କହିଲେ ଭୂଲ ହେବ ନାହିଁ। ଦେଶ ସ୍ୱାଧୀନ ହେବାର ପ୍ରାୟ ଦୁଇ ଦଶନ୍ଧି ପରେ କ୍ଷମତା ରାଜନୀତିରେ ଏକ ଭିନ୍ନ ମୋଡ ସୃଷ୍ଟି ହୋଇଥିଲା। ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ପାଇଁ ଏଣିକି କେବଳ ଅର୍ଥବଳ ଆବଶ୍ୟକ ହେଲା ନାହିଁ, ବାହୁବଳର ମଧ୍ୟ ପ୍ରୟୋଜନ ହେଲା। ଫଳରେ ପରସ୍ପର ପ୍ରତିଦ୍ୱନ୍ଦ୍ୱୀ ଦଳ ମଧ୍ୟରେ ସ୍ୱାର୍ଥଗତ ସଂଘର୍ଷ ଘଟି ଏହା ଧିରେ ଧିରେ ହିଂସାତ୍ମକର ରୂପ ନେଲା। ପ୍ରାର୍ଥୀମାନେ ନିଜ ନିଜର ସ୍ୱାର୍ଥ ପାଇଁ ପ୍ରତିପକ୍ଷକୁ ମୁକାବିଲା କରିବା ନିମନ୍ତେ ସମାଜ ବିରୋଧୀ ଦୁଷ୍ଟ ବେତାଳମାନଙ୍କୁ ନିଜର ଅଙ୍ଗରକ୍ଷୀ ଭାବେ ନିଯୁକ୍ତି କଲେ। ଅର୍ଥବଳ ସହିତ ବାହୁବଳରେ ବଳୀୟାନ ଏହି କ୍ଷମତାପିପାସୁ ରାଜନୈତିକ ବ୍ୟକ୍ତିବୃନ୍ଦ ଯେତେବେଳେ ରାଜପଥରେ ଗର୍ବର ସହ ଶୋଭାଯାତ୍ରାରେ ବାହାରିଲେ, ସମାଜର ସାଧାରଣ ଲୋକେ ତ୍ରାହି ତ୍ରାହି ଡାକିବାକୁ ବାଧ୍ୟ ହୋଇଥିଲେ।

ଏହାର କିଛି ଦିନ ପରେ ପୁଣି ଏକ ଭିନ୍ନ ମୋଡ ସୃଷ୍ଟି ହୋଇଥିଲା ଏଇ ରାଜନୀତିରେ। ଏତେ ଦିନ ଧରି ରାଜନୀତିକ ନେତାମାନଙ୍କୁ ବାହୁବଳ ଯୋଗାଇ କ୍ଷମତାସୀନ ହେବାରେ ସାହାଯ୍ୟ କରିଆସିଥିବା ବେତାଳମାନେ ସ୍ୱୟଂ କ୍ଷମତାର ମଧୁ ଚାଖିବା ପାଇଁ ବ୍ୟାକୁଳ ହୋଇ ଉଠିଲେ। ସେମାନେ ଅପରକୁ ସୁରକ୍ଷା ପ୍ରଦାନ କରି କ୍ଷମତାସୀନ ହେବାରେ ସାହାଯ୍ୟ କରିବା ଅପେକ୍ଷା ନିଜେ କାହିଁକି କ୍ଷମତା ଅଧିକାର ନ କରିବେ, ସ୍ୱତଃ ଏଭଳି ପ୍ରଶ୍ନ ସେମାନଙ୍କ ମନ ମଧ୍ୟରେ ଜାଗରଣ ସୃଷ୍ଟି ହେଲା। ଫଳରେ ଅପରାଧୀମାନେ ରାଜନୀତିରେ ପ୍ରତ୍ୟକ୍ଷଭାବେ ଧସେଇ ପଶିଲେ। ସେମାନଙ୍କର ପ୍ରବେଶକୁ ପ୍ରତିହତ କରାଯାଇ ପାରିଲା ନାହିଁ। ଏହା ଫଳରେ ବ୍ୟାଡ୍ ମନି ଡ୍ରାଇଭ୍ସ ଆଉଟ୍ ଗୁଡ୍ ମନି ନୀତିରେ ସମାଜର ସାଧୁ, ଶିଷ୍ଟ, ନିଷ୍ଠାପର ଓ ଚରିତ୍ରବାନ୍ ବ୍ୟକ୍ତିମାନେ କ୍ରମେ ରାଜନୀତି କ୍ଷେତ୍ରରୁ ଦୂରେଇ ଗଲେ। ଏଣିକି ରାଜନୀତି କେବଳ ଗୁଡାଏ ଅସାଧୁ, ଅଶିଷ୍ଟ, ଅସାମାଜିକ, ବିଦ୍ୟାହୀନ, କଳୁଷିତ ଓ ଅପରାଧପ୍ରବଣ ବ୍ୟକ୍ତିଙ୍କର କ୍ରୀଡାଭୂମି ପାଲଟି ଗଲା। ଏଥି ସହିତ ଭୋଟଦାନର ବୟସ ୧୮ ବର୍ଷ ବୟସକୁ ହ୍ରାସ କରି ଦିଆଯିବାରୁ ଏବଂ ନିଶାର ଅବାଧ କାରବାର ଚାଲିବାରୁ ଚପଳ ଭାବାପନ୍ନ, ଅପରିପୁକ୍ତ, ଚିନ୍ତାଧାରା ସମ୍ପନ୍ନ ଯୁବକମାନେ ରାଜନୀତି କ୍ଷେତ୍ରରେ ଦୁର୍ନୀତି, ଅନୀତି, ପ୍ରିୟାପ୍ରୀତି, ତୋଷଣ ଏବଂ ସମାଜରେ ହତ୍ୟା, ଲୁଣ୍ଠନ, ଧର୍ଷଣ ଇତ୍ୟାଦି ଦେଶରେ ଅରାଜକତାକୁ ବରଣ କରିଆଣିଛି। ଏଥି ସକାଶେ ବିଶ୍ୱ ଦରବାରରେ ଭାରତ ଆଜି ମୁଣ୍ଡ ଟେକି ଚାଲିପାରୁ ନାହିଁ।

ଏବେ ଯାହା ଦେଖାଯାଉଛି କାର୍ଯ୍ୟତଃ ଭାରତୀୟ ରାଜନୀତି ସମ୍ପୂର୍ଣ୍ଣଭାବେ ଅପରାଧୀମାନଙ୍କ ଦ୍ୱାରା କବଳିତ ହୋଇପଡିଛି। ଭୋହରା କମିଟିଙ୍କ ରିପୋର୍ଟ ଅନୁଯାୟୀ ସେମାନେ ଦେଶରେ ଏକ ସମାନ୍ତରାଳ ସରକାର ଚଳାଇଛନ୍ତି। ଏମାନଙ୍କୁ ରାଜନୈତିକ ସ୍ୱାର୍ଥ ଉଦ୍ଦେଶ୍ୟରେ ଲୋକପ୍ରତିନିଧିମାନେ ସମସ୍ତ ପ୍ରକାର ସୁରକ୍ଷା ଦେଉଛନ୍ତି। ୧୯୯୭ର ମଧ୍ୟଭାଗରେ ୯୫୦ କୋଟି ଟଙ୍କାର ପଶୁ ଖାଦ୍ୟ ଦୁର୍ନୀତି ମାମଲାରେ ଅଭିଯୁକ୍ତ ବିହାରର ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କୁ କେନ୍ଦ୍ର ତଦନ୍ତ ବ୍ୟୁରୋର ଅଫିସରମାନେ ଗିରଫ କରିପାରିଲେ ନାହିଁ। କାରଣ ଅଭିଯୁକ୍ତ ମୁଖ୍ୟମନ୍ତ୍ରୀ ମାରଣାସ୍ତ୍ରରେ ସଜ୍ଜିତ କେତେକ ସମାଜ ବିରୋଧୀ ଲୋକଙ୍କ ସୁରକ୍ଷା ବଳୟ ମଧ୍ୟରେ ନିରାପଦରେ ଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଗିରଫ କଲେ ରାଜ୍ୟରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ନିଜେ ମୁଖ୍ୟ ଶାସନ ସଚିବ ପାଟଣା ହାଇକୋର୍ଟରେ ସ୍ୱୀକାରୋକ୍ତି ଦେଇଥିଲେ। ଏହା ଘୋର୍ ଉଦ୍‌ବେଗର ଘଟଣା। ଭାରତୀୟ ରାଜନୀତି ଅପରାଧୀମାନଙ୍କ ଦ୍ୱାରା କବଳିତ ହେବାର ପରିଣତି କିଭଳି ଭୟାବହ, ତାହା ପ୍ରତ୍ୟକ ବ୍ୟକ୍ତି ଅଙ୍ଗେ ନିଭେଇ ସାରିଲେଣି। ଏହାଦ୍ୱାରା ଦେଶରେ ମୂଲ୍ୟବୋଧର ଚରମ ଅବକ୍ଷୟ ଘଟିଛି। ସାମାଜିକ ଶୃଙ୍ଖଳା ଓ ସଂହତି ନଷ୍ଟ ହୋଇଯାଇଛି। ସମ୍ବିଧାନସମ୍ମତ ପନ୍ଥାରେ ଶାସନ ଚଳାଇବା କଷ୍ଟ ହୋଇପଡୁଛି। ଯୋର୍ ଯାର୍ ମୂଳକ ତାର – ଏହି ନୀତିରେ ସମାଜ ଓ ରାଷ୍ଟ୍ର ପରିଚାଳିତ ହେଉଛି। ପ୍ରତିନିଧି ସଭାର ପବିତ୍ରତା ନଷ୍ଟ ହୋଇଯାଇଛି। ଭୋହରା କମିଟି ତାଙ୍କ ରିପୋର୍ଟରେ ଯାହା କହିଥିଲେ – ଦେଶରେ ଅପରାଧୀମାନେ ଏକ ସମାନ୍ତରାଳ ସରକାର ଚଳାଇଛନ୍ତି, ତାହା ଏକାନ୍ତ ସତ୍ୟ ଅଟେ। ରାଜନୀତିକ ସୁରକ୍ଷା ଓ ସାହାଯ୍ୟ ଲାଭ କରି ସମାଜରେ ଗୁଣ୍ଡା ଓ ଦାଦା ଶ୍ରେଣୀର ଲୋକମାନେ ବଳବାନ ହୋଇଉଠିଛନ୍ତି। ସେମାନେ ସଚ୍ଚୋଟ କର୍ମଚାରୀ, ଆଇନ୍ ଶୃଙ୍ଖଳା ରକ୍ଷାକାରୀ କର୍ମକର୍ତ୍ତା ଓ ସାଧାରଣ ନାଗରିକଙ୍କୁ ନାଲି ଆଖି ଦେଖାଇ ନିଜର କାର୍ଯ୍ୟ ହାସଲ କରୁଛନ୍ତି। ଦାଦା ବଟି ବା ଦାଦା ଚାନ୍ଦା ଆଦାୟ ହେଉଛି ଏକ ନିୟମିତ ଘଟଣା। ଏ ଶ୍ରେଣୀୟ ଅପରାଧୀମାନଙ୍କୁ ପୋଲିସ୍ ଗିରଫ କଲେ ରାଜନୈତିକ ଚାପରେ ସେମାନେ ଖଲାସ ହେଇଯାଉଛନ୍ତି। ସେମାନେ ହାଜତରେ ଥିବା ସମୟରେ ବେଶ୍ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି ଏବଂ ଜେଲ୍ କୋଠରୀରେ ଥାଇ ମଧ୍ୟ ବାହାରେ ଥିବା ଅପରାଧୀମାନଙ୍କ ସହ ନିର୍ଭୟରେ ସମ୍ପର୍କ ରଖିପାରୁଛନ୍ତି। ଫଳରେ ସମାଜରେ ହତ୍ୟା, ଲୁଣ୍ଠନ, ଧର୍ଷଣ ଭଳି ଜଘନ୍ୟ ଅପରାଧ ଦିନକୁ ଦିନ ବଢିବାରେ ଲାଗିଛି। ଗୋଟିଏ ସ୍ୱାଧୀନ ରାଷ୍ଟ୍ରରେ ଏହାଠାରୁ ବଳି ଅଧିକ ଗୁରୁତର ବିଷୟ ଆଉ କିଛି ନଥାଇ ପାରେ। ଆଜିର ଏଇ ସମାଜରେ ବା ଦେଶରେ ଯେଭଳି ଭାବେ ଅରାଜକତା ଓ ଗୁଣ୍ଡାରାଜ ଚାଲିଛି, ତାହାର ପ୍ରଧାନ କାରଣ ହେଉଛି କ୍ଷମତା ରାଜନୀତି। ଏହା ଏକ ଲାଭଜନକ ବ୍ୟବସାୟରେ ମଧ୍ୟ ପରିଣତ ହୋଇଛି। ତେଣୁ ଅସାଧୁ ଓ ନୀତିହୀନ ଲୋକମାନେ ଏଥିରେ ପ୍ରବେଶ କରି ଯେକୌଣସି ଉପାୟରେ ଦଖଲ କରିବାରେ ଆଗ୍ରହୀ। ଏହାର ସହଜ ସମାଧାନର ପନ୍ଥା ଦୃଷ୍ଟିକୁ ଆସେ ନାହିଁ। କେଉଁ ଅନାଗତ ଭବିଷ୍ୟତରେ ଦିନେ ବୈପ୍ଳବିକ ପରିବର୍ତନ ଘଟି ଏହାର ସମାଧାନ ହେବ, ତାହା ମଧ୍ୟ ସ୍ପଷ୍ଟ ଦେଖି ହୁଏ ନାହିଁ। ତଥାପି ଉପସ୍ଥିତ କ୍ଷେତ୍ରରେ ସର୍ବାଦୌ ନିର୍ବଚନ ପଦ୍ଧତିରେ ବ୍ୟାପକ ସଂସ୍କାର ଆବଶ୍ୟକ। ଏଥି ନିମନ୍ତେ ନିର୍ବାଚନରେ ପ୍ରାର୍ଥୀମାନଙ୍କର ଚରିତ୍ର, ଶିକ୍ଷାଗତ ଯୋଗ୍ୟତା, ବୟସ ସୀମା, ସାମାଜିକ ଆଚରଣ ଇତ୍ୟାଦିକୁ ବିଚାରକୁ ନେବାକୁ ଆଇନ୍ ପ୍ରଣୀତ ହେବା ଦରକାର। ସେଇଭଳି ଅପରାଧୀମାନଙ୍କୁ କିଭଳି ନିର୍ବଚନ ପ୍ରକ୍ରିୟାରୁ ବାଦ୍ ଦିଆଯାଇପାରିବ ତାର ଆଇନଗତ ବ୍ୟବସ୍ଥା କରାଯିବା ଉଚିତ। ନିର୍ବାଚିତ ପ୍ରତିନିଧିମାନଙ୍କୁ ଦରମା, ଭତା, ହାତ ପାଣ୍ଠି, ପେନ୍‌ସନ୍, ଗାଡି, ବଙ୍ଗଳା ଇତ୍ୟାଦି ଯେଉଁ ସବୁ ଆକର୍ଷଣୀୟ ସୁବିଧା ସୁଯୋଗ ଦିଆଯାଉଛି, ସେସବୁକୁ ସୀମିତ କରାଯିବା ଉଚିତ୍ ହେବ ବୋଲି ମନେ ହୁଏ।

*ଜଗତ୍‌ସିଂହପୁର*
*ମୋ – ୯୯୩୭୪୧୨୫୧୫*

# ଅସଂକ୍ରମିତ ରୋଗର ବଜେଟ୍ ବଢ଼ାଯାଉ



ଶାରଦା ପ୍ରସନ୍ନ ବେହେରା

ଦେଶରେ ଅସଂକ୍ରମିତ ରୋଗ ଜନିତ ଅସୁସ୍ଥତା ତଥା ମୃତ୍ୟୁର ହାର ବଢୁଥିବାବେଳେ ସ୍ୱାସ୍ଥ୍ୟ ନୀତିରେ ଏହାର ମୁକାବିଲାକୁ ଉପଯୁକ୍ତ ଅଗ୍ରାଧିକାର ଦିଆଯାଉ ନଥିବା ଚିନ୍ତାର ବିଷୟ। ଯଦିଓ ଏପର୍ଯ୍ୟନ୍ତ ସଂକ୍ରମିତ ରୋଗର ସମସ୍ୟା ଭାରତ ପାଇଁ ବଡ଼ ତଥାପି ଏବେ ଦେଖାଯାଉଛି ଯେ ରୋଗ ଧାରା ବଦଳୁଛି ଏବଂ କ୍ୟାନ୍ସର, ଡାଇବେଟିସ୍ ଓ ହୃଦ୍‌ରୋଗ ଭଳି ଅସଂକ୍ରମିତ ରୋଗ ଜନିତ ମୃତ୍ୟୁହାର ପ୍ରତିବର୍ଷର ମୋଟ ମୃତ୍ୟୁରେ ୫୩ ପ୍ରତିଶତକୁ ବୃଦ୍ଧି ପାଇଛି। କୁହାଯାଉଛି ଯେ, ୨୦୨୦ ସୁଦ୍ଧା ଭାରତରେ ବର୍ଷକୁ ୬୦ ନିୟୁତ ଲୋକ ଏପରି ଅସଂକ୍ରମିତ ରୋଗରେ ମୃତ୍ୟୁବରଣ କରିବେ। ଏ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସଂପର୍କିତ ନୀତି ଓ କାର୍ଯ୍ୟକ୍ରମରେ ଏହି ପରିବର୍ତ୍ତିତ ସ୍ଥିତିକୁ ଅଧିକ ଗୁରୁତ୍ୱ ଦିଆଯାଇ ତାର ମୁକାବିଲା ସକାଶେ ପଦକ୍ଷେପ ନିଆଯିବା ଦରକାର।

ପୃଥିବୀର ମୋଟ ରୋଗ ଭାରର ୨୧ ପ୍ରତିଶତ ନେଉଛି। ବହୁ ଦଶନ୍ଧି ଧରି ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ମୂଳ ସମସ୍ୟା ଥିଲା ସଂକ୍ରମିତ ରୋଗ। ଏଥିଯୋଗୁଁ ଏବେ ବି ପଛୁଆ ଅଞ୍ଚଳରେ ବେଶୀ ଲୋକ ମୃତ୍ୟୁବରଣ କରୁଛନ୍ତି। କିନ୍ତୁ ଅର୍ଥନୈତିକ ଅଗ୍ରଗତି ଓ ଜୀବନଶୈଳୀରେ ପରିବର୍ତ୍ତନ ତଥା ଅନ୍ୟାନ୍ୟ କାରଣରୁ ଅସଂକ୍ରମିତ ରୋଗ ବଢୁଛି। ଜୀବନଶୈଳୀ ରୋଗରେ ଆକ୍ରାନ୍ତ ଭାରତୀୟଙ୍କ ସଂଖ୍ୟା ଅଧିକ ରହିଛି। ଡାଇବେଟିସ୍ ଓ ରକ୍ତଚାପ ଏବଂ ତା'ସାଙ୍ଗକୁ ହୃଦ୍‌ରୋଗ ତଥା କିଡ଼ନୀ ରୋଗ ବ୍ୟତୀତ କ୍ୟାନ୍ସର ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏସବୁର ଚିକିତ୍ସା ବ୍ୟୟ ସାପେକ୍ଷ। ଭାରତରେ ଚିକିତ୍ସା ବାବଦରେ ଲୋକେ ନିଜ ହାତରୁ ଅଧିକ ବ୍ୟୟ କରିବାକୁ ପଡ଼େ। ହିସାବ କରାଯାଇଛି ଯେ, ବିଶ୍ୱରେ ଭାରତରେ ଏ ବାବଦରେ ବ୍ୟକ୍ତିଗତ ଖର୍ଚ୍ଚ ସର୍ବାଧିକ ଯାହା ୬୧ ପ୍ରତିଶତ। ସରକାରୀ ଚିକିତ୍ସା ସୁବିଧା ଉପରୋକ୍ତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଯଥେଷ୍ଟ ନୁହେଁ। ସ୍ୱାସ୍ଥ୍ୟ ବୀମାହାର ମଧ୍ୟ ଖୁବ୍ କମ୍। ତା ଛଡ଼ା ବୀମାଧାରୀ ବ୍ୟକ୍ତି ମଧ୍ୟ ଅସୁବିଧା ସମୟରେ ପୁରା ଚିକିତ୍ସା ଖର୍ଚ୍ଚ ବୀମା କମ୍ପାନୀମାନଙ୍କ ଠାରୁ ପାଉନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ ୨୦୧୭ର ନୂଆ ଜାତୀୟ ସ୍ୱାସ୍ଥ୍ୟନୀତି ଠାରୁ ଅନେକ କିଛି ଆଶା କରାଯାଏ। ଯଦି ଏହାର କାର୍ଯ୍ୟକାରିତା ପରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମସ୍ୟା ହ୍ରାସ ପାଇଲା ତେବେ ନୀତିର ସଫଳତାକୁ ସମସ୍ତେ ଉପଲବ୍ଧି କରିବେ। କିନ୍ତୁ ବଡ଼କଥା ହେଲା ଦେଶର ମୋଟ ଆଭ୍ୟନ୍ତରୀଣ ଉତ୍ପାଦନରେ ସ୍ୱାସ୍ଥ୍ୟ ବାବଦ ବ୍ୟୟ ବରାଦ କମ୍। ଏହା ୧ ପ୍ରତିଶତରୁ ସାମାନ୍ୟ ଅଧିକ। ନୂଆ ନୀତି ସାର୍ବଜନୀନ ସ୍ୱାସ୍ଥ୍ୟ ସେବାର ପ୍ରତିଶ୍ରୁତି ଦେବା ସାଙ୍ଗକୁ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ରହିଥିବା ଦୁର୍ବଳତାଗୁଡ଼ିକର ଦୂର କରିବା ଲାଗି ଗୁରୁତ୍ୱ ଦେଇଥିବାରୁ ଆଶା କରାଯାଉଛି। ସରକାର ତଦନୁସାରେ ସ୍ୱାସ୍ଥ୍ୟ ବ୍ୟୟବରାଦ ବଢ଼ାଇବେ ଓ ବୀମା ବ୍ୟବସ୍ଥା ତଥା ଆନୁସଙ୍ଗିକ ଆବଶ୍ୟକତାଗୁଡ଼ିକୁ ସୁଦୃଢ଼ କରିବେ। ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ ଜିଡ଼ିପିରେ ୨.୫ ପ୍ରତିଶତକୁ ବଢ଼ାଇବା ପାଇଁ ପ୍ରସ୍ତାବ ରଖାଯାଇଛି। କିନ୍ତୁ ତାହା ମଧ୍ୟ ଅଧିକ ହେବନାହିଁ। ଅନ୍ୟାନ୍ୟ ଦେଶ ଏପରିକି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସ୍ୱାସ୍ଥ୍ୟ ବାବଦରେ ଅଧିକ ଅର୍ଥ ବ୍ୟବସ୍ଥା କରୁଛନ୍ତି। ବଜେଟରେ ଅଧିକ ଅର୍ଥ ବରାଦ ଓ ତା ସାଙ୍ଗକୁ ନୂଆ ସମସ୍ୟାର ମୁକାବିଲା ଲାଗି ସ୍ୱତନ୍ତ୍ର ପଦକ୍ଷେପ ନିଆଯିବା ଦରକାର। ଆଗରୁ କୁହାଯାଇଛି ଯେ, ଦେଶରେ ଅସଂକ୍ରମିତ ରୋଗ ସମସ୍ୟା ବଢୁଛି। କିନ୍ତୁ ଏସବୁ ରୋଗ ପାଇଁ ୨୦୧୫-୧୬ର ସ୍ୱାସ୍ଥ୍ୟ ବଜେଟରେ ମାତ୍ର ୩ ପ୍ରତିଶତର ଅର୍ଥ ବରାଦ କରାଯାଇଥିଲା। ଅନ୍ୟପକ୍ଷରେ ଜାତିସଂଘ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ କରାଇଦେଇଛନ୍ତି ଯେ ଏସବୁ ରୋଗର କ୍ଷତିକାରକ ପ୍ରଭାବ ଭାରତ ପାଇଁ ମହଙ୍ଗା ପଡ଼ିବ ଯାହା ୨୦୧୨ରୁ ୨୦୩୦ ମଧ୍ୟରେ ୬.୨ ଟ୍ରିଲିଅନ ଡଲାର ହେବାର ଅଟକଳ କରାଯାଇଛି। ଭାରତର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଯାହା ଏସବୁ ରୋଗର ଚିକିତ୍ସା ପାଇଁ ସରକାର ବେଶୀ ସାହାଯ୍ୟ କରିବା ଉଚିତ। ସରକାରୀ ହସ୍ପିଟାଲଗୁଡ଼ିକର ଉନ୍ନତୀକରଣ ଦ୍ୱାରା ଏସବୁ ରୋଗର ଚିକିତ୍ସା ସୁବିଧା ଅଧିକ ସରକାରୀ ହସ୍ପିଟାଲରେ ସୃଷ୍ଟି କରିବାକୁ ପଡ଼ିବ। ଗରୀବ ଲୋକଙ୍କ ପାଇଁ ଏ ସକାଶେ ମାଗଣା ଓ ଅନ୍ୟମାନଙ୍କ ପାଇଁ କମ୍ ମୂଲ୍ୟରେ ଏହାର ଚିକିତ୍ସା ବ୍ୟବସ୍ଥା କରାଯାଇପାରେ। ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମାରେ କିପରି ଅନ୍ତର୍ଭୁକ୍ତ କରାଯାଇପାରିବ ଓ ସେଥିଲାଗି ପ୍ରିମିୟମ ଦେବାରେ ସରକାର ଯଦି ଗରୀବ ତଥା କମ୍ ଆୟକାରୀ ବର୍ଗଙ୍କୁ ସାହାଯ୍ୟ କରିପାରିବେ ତେବେ ସେମାନେ ଗୁରୁତର ଅସଂକ୍ରମିତ ରୋଗ ପାଇଁ ଘରୋଇ ହସ୍ପିଟାଲକୁ ଯାଇପାରିବେ। କ୍ୟାନ୍ସର ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ଅଧିକ ସରକାରୀ ହସ୍ପିଟାଲରେ ଏହାର ଚିକିତ୍ସା ହେବା ଉଚିତ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପୁଣି ଦେଖାଯାଇଛି ଯେ ବରାଦ ଅର୍ଥ ମଧ୍ୟ ପୁରା ଖର୍ଚ୍ଚ ହୋଇପାରୁନାହିଁ। ୨୦୧୩-୧୬ ମଧ୍ୟରେ ୪୮ ହଜାର ୬୪୯ କୋଟି ଟଙ୍କା ଖର୍ଚ୍ଚ ହୋଇପାରିନଥିବା ପ୍ରକାଶ ପାଇଛି। ସଂସଦରେ ସରକାର ପ୍ରକାଶ କରିଛନ୍ତି ଯେ, ୨୦୧୫-୧୬ରେ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକ ମିଶି ୧.୬୯,୫୪୪.୫୪ କୋଟି ଟଙ୍କା ବରାଦ କରିଥିବାବେଳେ ସେଥିରୁ ୧,୫୭,୭୨୯.୭୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ସରକାରୀ ଅର୍ଥ ବିନିଯୋଗ କରାଯିବା ଆବଶ୍ୟକ ପଡୁଥିବାବେଳେ ବରାଦ ଅର୍ଥ ଖର୍ଚ୍ଚ ନ ହୋଇପାରିବା ଦୁର୍ଭାଗ୍ୟଜନକ। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବିନା କେନ୍ଦ୍ରୀୟ ସରକାରଙ୍କ ସହାୟତାରେ ଅନେକ ଲୋକପ୍ରିୟ ଓ ତତ୍କାଳ ଟୀକାକରଣ, ଯାବତୀୟ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି ଯାହାକି ଅନ୍ୟ ରାଜ୍ୟମାନଙ୍କ ପାଇଁ ଏହା ଆଦର୍ଶଣୀୟ।

*ଭେଷଜ ତତ୍ତ୍ୱାବଧାରକ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୭୬୫୭୦୭୧୯୬୭*

# ମୋକ୍ଷ ପଥ

ଯୋଗୀ ଗଣେଶ୍ୱର

ଭାଗ-୧୦

"ପୁତ୍ର ବୋଲେ ଏଡ଼େ ବ୍ରହ୍ମଜ୍ଞାନୀ ମାତା
ବଙ୍ଗବଜାରରେ ରହି।
ମୋହର ପିତାଙ୍କୁ ଯମ ବାନ୍ଧି ନେଲା ରଖି ନ
ପାରିଲୁ ତୁହି ॥"

ମାତାଙ୍କ ମୁଖରୁ ସବୁ ବୃତ୍ତାନ୍ତ ଶୁଣିବା ପରେ ଯୁବରାଜ ଗୋବିନ୍ଦଙ୍କ ମନରେ କିଛି ପ୍ରଭାବ ପଡ଼ିଲା ନାହିଁ। ଭୋଗବିଳାସରେ ବୁଡ଼ି ରହିଥିବା ଯୁବରାଜ ଜନ୍ମମୃତ୍ୟୁର ରହସ୍ୟ କଥା କେବେ ଚିନ୍ତା କରି ନ ଥିଲେ। ମାତା ପାଗଳୀଙ୍କ ଭଳି କ'ଣ ସବୁ ପରାମର୍ଶ ଦେଉଛନ୍ତି,ସେ କଥା ଗ୍ରହଣ କରିବା ସ୍ଥିତିରେ ନ ଥିଲେ। ସେ ସଂଶୟଭରା କଣ୍ଠରେ ପ୍ରଶ୍ନ କଲେ,ହେ'ମାତା,ତୁମେ ଯଦି ଏତେ ବଡ଼ ବ୍ରହ୍ମଜ୍ଞାନୀ ବୋଲାଉଛ,ତେବେ ବିଧବା କାହିଁକି ହେଲ! ଯେତେବେଳେ ମୋର ପିତାଙ୍କୁ ଯମଦେବ ବାନ୍ଧି ନେଇଗଲେ ତୁମ୍ଭେ ତାଙ୍କୁ ରକ୍ଷା କରି ପାରିଲ ନାହିଁ କିପରି? ଯଦି ତୁମ୍ଭେ ବ୍ରହ୍ମଜ୍ଞାନ ବଳରେ ଯମପୁରକୁ ଜୟ କରିଛ,ତେବେ ମୋର ପିତାଙ୍କୁ ଯମ ନେବା ବେଳାରେ ତୁମ୍ଭେ କେଉଁଠି ଥିଲ,ବୁଝାଇ କହ।

ଅବୁଝା ପୁତ୍ରର ସନ୍ଦିହାନ ପ୍ରଶ୍ନ ଶ୍ରବଣ କରି ମୁକ୍ତାଦେଇ କହିଲେ-ହେ'ପୁତ୍ର, ଆଚ୍ଛା କଥାଏ ପଚାରିଲୁ। ପିତାମାତାଙ୍କର ଦୁଃଖ କଥା ପିଲାମାନେ ବୁଝି ପାରନ୍ତି ନାହିଁ। ମା'ର ଗଭୀର ମମତାର ଗହନ କଥା ସନ୍ତାନ କାହୁଁ ଜାଣିବେ। ସେଇ ଘଟଣାର ସତ୍ୟାସତ୍ୟ ଜାଣିବା ଉଦ୍ଦେଶ୍ୟରେ ଯେଉଁ ଜିଜ୍ଞାସା କଲୁ ତାହା ଯଥାର୍ଥ। ଏବେ ତୋତେ ସେଇ କଥା ଶୁଣାଇବି,ମନ ଦେଇ ଶ୍ରବଣ କର। ଜ୍ୟୋତିଷର ଭାଗ୍ୟଲିଖନ କଥା କହିଲେ ତୋର ପିତା ଭାଙ୍ଗି ପଡ଼ିବେ ଅଥବା ଜୀବନ ହାରିବେ ଆଶଙ୍କାରେ ତୋର ମୃତ୍ୟୁ ଖବର ଗୁପ୍ତ ରଖିଥିଲି। ଏଣେ ମା'ର କର୍ତ୍ତବ୍ୟ,ତେଣେ ପତ୍ନୀର ପତିବ୍ରତ,ଉଭୟଙ୍କୁ ରକ୍ଷା କରିବାର ଶପଥ ନେଇ ଅବ୍ୟକ୍ତ ଚିତ୍ତରେ ଦିନ ବଞ୍ଚୁଥିଲି। ତୋତେ ଯେତେବେଳେ ଚଉଦ ସରି ପନ୍ଦର ବର୍ଷ ଚାଲିଲା,ସେତେବେଳେ ତୋର ମୃତ୍ୟୁ ଚିନ୍ତା ଘାରିଲା। ଯେଉଁ ସୃଷ୍ଟିକର୍ତ୍ତା ଗଢ଼ନ୍ତି,ସେ ପୁଣି ଭାଙ୍ଗି ଦେଇ ପାରନ୍ତି। ନିୟତିର ସବୁ କଳ୍ପନା ଜଳ୍ପନାକୁ ଓଲଟ ପାଲଟ କରିଦେବାର ଶକ୍ତି କେବଳ ଶ୍ରୀହରିଙ୍କ ଇଚ୍ଛାରୁ ସମ୍ଭବ ହୋଇଥାଏ! ତୋର ଜୀବନ ଭିକ୍ଷା କରି ବିଷ୍ଣୁଙ୍କୁ ପ୍ରାର୍ଥନା କଲି। ଜାହ୍ନବୀ ନଦୀର ଜଳ ଭିତରେ ବସି ନିଶ୍ଚଳ ତପସ୍ୟାରେ ବ୍ରତୀ ରହିଲି। ଏହି କାଳରେ ରାଜଗୁରୁ ସେଠାରେ ପହଞ୍ଚି ତୋର ପିତାଙ୍କର ଆକସ୍ମିକ ମୃତ୍ୟୁ ହୋଇଥିବା ଖବର ଦେଲେ। ଏହି ଶୋକବାର୍ତ୍ତା ପାଇବା ପରେ ମୋର ଦୁଃଖ ଦ୍ୱିଗୁଣିତ ହେଲା। ତୋତେ ମରଣମୁହଁରୁ ରକ୍ଷା କରିବା ପାଇଁ ତପସ୍ୟାରତ ଥିବା କାଳରେ ଯମ ଆସି ତୋର ପିତାଙ୍କୁ ନେଇଯିବା ଘଟଣା ହୃଦୟ ବିଦୀର୍ଣ୍ଣ କରି ପକାଇଲା। ବିଧବା ଖବର ଶୁଣି ମୋର ପିଣ୍ଡରୁ ପ୍ରାଣ ଛାଡ଼ିଯିବା ପରି ବୋଧ ହେଲା। କ୍ରୋଧରେ ଶରୀର କମ୍ପିବାକୁ ଲାଗିଲା। ଯମଦେବତାଙ୍କର ଏତାଦୃଶ୍ୟ କାର୍ଯ୍ୟକଳାପ ପ୍ରତି ମୋ ମନରେ ଜିଜ୍ଞାସା ସୃଷ୍ଟି ହେଲା। ସ୍ୱାମୀ ଓ ପୁତ୍ରଙ୍କ ଆୟୁଷ ପ୍ରତି ଯମରାଜଙ୍କର କୋପ ଦୃଷ୍ଟିର ଯଥାର୍ଥ ଉତ୍ତର ପାଇବା ପାଇଁ ମନ ବ୍ୟାକୁଳ ହୋଇ ପଡ଼ିଲା। ମୋର ଗୁରୁ ଗୋରେଖ ଗୋସାଇଁଙ୍କୁ ସ୍ମରଣ କଲି। ଗଙ୍ଗାର ପବିତ୍ର ଜଳରୁ ଉଠି ଠିଆ ହେଲି। ଓଦାବସ୍ତ୍ର ଓ ଜଳ ଭିଜା ଚୂଟିରୁ ଟପ ଟପ ହୋଇ ପାଣି ଝରୁଥିଲା। ବ୍ରହ୍ମଜ୍ଞାନ ବଳରେ ସେଇ ଓଦାବସ୍ତ୍ର ପିନ୍ଧି ଯମଭୁବନରେ ଯାଇ ପହଞ୍ଚିଲି।

ହେ'ପୁତ୍ର, ମୋର ଉଗ୍ରରୂପ ଦେଖି ଯମଭୁବନର ଦ୍ୱାରପାଳଗଣ ଫାଟକ ବନ୍ଦ କରିଦେଲେ। ଯମଙ୍କ ସିଂହାସନ ପର୍ଯ୍ୟନ୍ତ ଯିବା ବାଟକୁ ଓଗାଳିଲେ। ଯମାଳୟର କର୍ମଚାରୀଙ୍କ ଏତାଦୃଶ୍ୟ ଦୁଷ୍ଟଭାବ ଦେଖି ଗୋରେଖ ଗୋସାଇଁଙ୍କୁ ସ୍ମରଣ କଲି। ଦୈବୀଶକ୍ତି ସଞ୍ଚୟ କରି ଯମରାଜାଙ୍କର ବହଳ କଂସାର କବାଟକୁ ବାମ ଗୋଇଠାରେ ଭାଙ୍ଗି ଚୁର୍‌ମାର କରିଦେଲି। ଦ୍ୱାରପାଳମାନେ ଭୟରେ ପଳାଇଗଲେ। କମ୍ପମାନ ଶରୀରରେ ସିଂହାସନ ପର୍ଯ୍ୟନ୍ତ ଚାଲିଗଲି। ଦୂରରୁ ଦେଖିଲି ଯମ ସମ୍ମୁଖରେ ତୋର ପିତା ମାଣିକଚନ୍ଦ୍ର ଦଣ୍ଡାୟମାନ। ଯମ ପାପପୁଣ୍ୟର ବିଚାର ନିମନ୍ତେ ଚିତ୍ରଗୁପ୍ତଙ୍କୁ ପଚାରି ବୁଝୁଛନ୍ତି। ଜୀବନକାଳରେ ରାଜା ଯଦି ଦାନ ଧର୍ମ କରିଛି ତେବେ ବିଷ୍ଣୁଲୋକକୁ ପଠାଇବି। କିଛି ଧର୍ମବଳ ପୁଣ୍ୟବଳ ନ ଥିଲେ ନର୍କରେ ବୁଡ଼ାଇବି। ନିକଟକୁ ଯାଇ ଦେଖିଲି ବାଇଶି ମହଣ ଗୋ-ଚର୍ମରେ ତିଆରି ଦଉଡ଼ି ଯମଙ୍କ କାନ୍ଧରେ ପଡ଼ିଛି! ବଡ଼ ବଡ଼ ଲୁହା ଶିକୁଳି ପାହାଡ଼ ପରି ଗଦା ହୋଇଛି! ଅତି ଭୟଙ୍କର ଦିଶୁଥିବା କାଳଚକ୍ଷୁ କଟାକ୍ଷରେ ତିନିଭୁବନର ଜୀବଗଣଙ୍କୁ ଥରହର କରୁଥିବା ଯମଙ୍କୁ ଦେଖି ମୋର ରାଗ ପ୍ରଚଣ୍ଡରୂପ ଧାରଣ କଲା। ଯମ ନିକଟକୁ ଝପଟି ଯାଇ ତାଙ୍କ ଗାଲରେ ଠୋ' କରି ଚାପୁଡ଼େ ମାରିଲି। ବ୍ରହ୍ମଚାପୁଡ଼ା ଖାଇ ଯମ ସିଂହାସନରେ ଥାଇ ଚେତାଶୂନ୍ୟ ହୋଇଗଲେ। ଯମାଳୟ ସ୍ତବଧ୍ ହୋଇ ପଡ଼ିଲା! କେତେ ସମୟ ପରେ ଯମଦେବଙ୍କର ମୂର୍ଚ୍ଛା ଭଙ୍ଗ ହେଲା। ସେ ଉଠି ପଡ଼ି କରଯୋଡ଼ିଲେ। କହିଲେ,ମା'ମୁକ୍ତା ଦେଈ, ବୃଥାରେ ବ୍ରହ୍ମଚାପୁଡ଼ା ମାରିଲ। ତୁମ ହୃଦୟର ବ୍ୟଥା,ଦୁଃଖସୁଖର ଜୀବନପଥର ସମ୍ବାଦ ଦେବଲୋକକୁ ଅଗୋଚର ନୁହେଁ। ମାତ୍ର ବିଧିର ବିଧାନକୁ ଏଡ଼ାଇ କିଛି କରିବା ସମ୍ଭବ ନୁହେଁ। ତୁମ୍ଭ ସ୍ୱାମୀ ରାଜା ମାଣିକଚନ୍ଦ୍ରଙ୍କର ଯେତିକି ଆୟୁଷ ଥିଲା ସବୁ ସରିଛି। ଶହେ ଷାଠିଏ ବର୍ଷ ଆୟୁ ଦେଇଥିଲୁ। ଆଉ ଅଧିକ ଆୟୁ କେଉଁଠାରୁ ଆଣି ଦେବୁ! ଯଦି ତୁମର ସନ୍ଦେହ ହେଉଛି, ତେବେ ତୁମେ ନିଜେ ପାଞ୍ଜି ଦେଖି ସଂଶୟ ମୋଚନ କର। ହେ'ଗୋବିନ୍ଦ,ଯମଙ୍କ ମୁଖରୁ ଏ ବଚନ ଶୁଣି ମୁଁ ଚିତ୍ରଗୁପ୍ତଙ୍କ ହସ୍ତରୁ ପାଞ୍ଜି ଛଡ଼ାଇ ନେଇ ଏକାନ୍ତରେ ବସି ପଢ଼ିଲି। ତୋର ପିତାଙ୍କ ଆୟୁଷର ତିଥିବେଳା ଠିକ୍ ଥିବା ଜାଣିଲି। ତହିଁ ପରେ ତୋର ଜାତକ ଗଣନା କାଳରେ ଜ୍ୟୋତିଷଙ୍କ ବାଣୀ ସତ୍ୟ କିବା ମିଥ୍ୟା ଜାଣିବା ନିମନ୍ତେ ତୋର ଆୟୁଷ ଫର୍ଦ୍ଦ ପଢ଼ିଲି! ଏକବିଂଶ ବର୍ଷେ ମରଣଯୋଗ ପଢ଼ି ମୋର ଛାତି ଫାଟି ପଡ଼ିଲା! ମୋ କୁଳର ମଣିକୁ କିପରି ବଞ୍ଚାଇବି ଚିନ୍ତା ଘାରିଲା। ଯମଦେବତାଙ୍କୁ ବୋଧ ଦେଇ ରାଜନଗରକୁ ଫେରିଆସିଲି। ତୋର ପିତାଙ୍କର ଶ୍ରାଦ୍ଧକର୍ମ ସାରି ପନ୍ଦର ବର୍ଷରେ ତୋର ରାଜ୍ୟାଭିଷେକ କରାଇଲି। ମାୟାକୁ ଚିହ୍ନିଲେ ମାୟା ତ୍ୟାଗ କରିବା ସହଜ ହୋଇଥାଏ। ମନର କଥା ମନରେ ରଖି ଅଠର ବରଷେ ସାବାଳକ ଦେଖି ଅନେଶତ ରାଜକନ୍ୟାଙ୍କ ସହିତ ବିବାହ କରାଇଲି। ସେବେଠାରୁ ପ୍ରତିଜ୍ଞା କଲି ଯେ ରାଜ୍ୟ,ରାଜ୍ୟସମ୍ପଦ ସବୁ ଚାଲି ଯାଉ ପଛେ ମୋ ଗୋବିନ୍ଦ ଯୁଗେ ଯୁଗେ ଅମର ହେଉ! ହରି ଓଁ ତତ୍‌ସତ୍!

*ଦୂରଭାଷ-୯୬୬୮୬୩୧୨୫୭*



ଉପନ୍ୟାସ

ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୩୮

ଅନେକ ବର୍ଷ ହୋଇଗଲାଣି ଯା'ଭିତରେ। ପାରୋର ଚେହେରା ବଦଳିଯାଇଛି। ତା ଆଖିର ଚାହାଣୀ ଶରୀରର ମାପଚୁପ୍ ସୌନ୍ଦର୍ଯ୍ୟ ସହିତ ପୁରା ଖାପ ଖାଉଛି! ପୂର୍ବ ଭଳି ଆଣ୍ଠୁ ନଲୁଚୁଥିବା ଫ୍ରକ୍ ଆଉ ପିନ୍ଧୁନି ସେ। ଆଉ କାହା ପାଖେ ଛିଡା ହୋଇ ଅଳି କରୁନି ତା ସାଙ୍ଗ ହେବାକୁ କିମ୍ବା ତା ସହିତ ଯାତ୍ରା ଦେଖି ଯିବାକୁ। ତା ଦେହ ସହିତ ମନ ବି ତରଳ ଜ୍ୟୋସ୍ନା ଭଳି ଆଛନ୍ନ। ସେ ବି ଆଜିକାଲି ସ୍ୱପ୍ନ ଦେଖୁଛି। ଫୁଲ ଭଅଁରଙ୍କ ସହିତ ଢେର୍ ଗପୁଛି! ରାତି ରାତି ଅନିଦ୍ରା ରହିଯାଉଛି! କିଛି ଗୋଟେ ଘଟୁଛି କି ତା ଜୀବନରେ,ଯାହା ଏ ବୟସରେ ଘଟେ ପ୍ରାୟ ପ୍ରତି ଝିଅଙ୍କ ସହିତ! ବେଳେବେଳେ ଖୁବ୍ ଗୁଡେ ଉଦାସୀପଣରେ ଭାରି ହୋଇଯାଉଛି ତ ପୁଣି କେତେବେଳେ ଚପଳ ଆମୋଦରେ ଢଳଢଳ। ଆଜିକାଲି ତାର ଅନେକ ଅଭ୍ୟାସ ବଦଳିଯାଇଛି। ପୁଣି କେତେକ ଅଭ୍ୟାସ ନୂଆ କରି ତା ଭିତରେ ଆସ୍ଥାନ ଜମାଇଛନ୍ତି। ତା ପ୍ରତି ଅନ୍ୟମାନଙ୍କ ପ୍ରତିକ୍ରିୟା ସବୁଠୁ ବେଶୀ ବଦଳିଛି! ପୁଅ ସାଙ୍ଗମାନେ ଦେଖି କହୁଛନ୍ତି-ପାରୋଟା ପୁରା ଉପନ୍ୟାସର ନାୟିକା ଭଳି ଦିଶୁଛି। ତାର ରହସ୍ୟ କଣ ହୋଇପାରେ!

ସେମିତି ସମବୟସୀ ଝିଅମାନେ ଟିପ୍ପଣୀ ଦେଉଛନ୍ତି-ଉଙ୍କୁଣୀ ଭରଭର ହେଉଥିବା ମୁଣ୍ଡରେ ଏତେ ଗହଳ ଓ ଲମ୍ବା କେଶ! ତା ବାପା ସହରରୁ କଣ ଗୋଟେ ଆଣି ତାକୁ ଦେଇଥିବ ନା! ଆଗରୁ ଶ୍ୟାମଳ ଥିବା ଝିଅର ଦେହଟା ମାର୍ବଲ ପରି ଚମକି ଉଠୁଛି! ମୁହଁର ବର୍ଣ୍ଣନା କଣ କରିବା। ପୁରା ଡଉଲ ଡାଉଲ..ପୂର୍ଣ୍ଣିମା ଚାନ୍ଦ ପରି!

ସତରେ ରୂପର ନଈ ତାର ବହି ଚାଲିଥିଲା ଅନୁପମ ଆକର୍ଷଣ ନେଇ..! ଲାଗୁଥିଲା ସତେ ଅବା ସ୍ୱର୍ଗର ରମ୍ଭା,ମେନକା କି ଉର୍ବଶୀ..ଅଭିଶପ୍ତ ହୋଇ ପଡି ରହିଥିଲା। ହଠାତ୍ ସେ ଅଭିଶାପର କଳାବାଦଲ ତା ମଥାରୁ ହଟିଗଲା ପରେ ଈର୍ଷାରେ ଛଟପଟ କରୁଛି ସମସ୍ତଙ୍କୁ। ଆକୁଳ ବେଦନାରେ ବିକ୍ଷିପ୍ତ କରୁଛି ମନକୁ। ବିଭ୍ରାନ୍ତ କରି ନଦୀ ମୁହାଣି ଆଡକୁ ଟାଣି ନେଉଛି! ତାର କିନ୍ତୁ କାହା ପ୍ରତି କୌଣସି ପ୍ରତିକ୍ରିୟା ନାହିଁ। ଚାଲିଚଳନରେ ଲାଜର ଛିଟା,ସଂଭ୍ରମତାର ପ୍ରଲେପ..! ଗାଁର ମଉଡମଣି ଯେପରି!

ଆଃ କାହିଁକି ତାକୁ ଏତେ ଅପମାନିତ କରିଥିଲେ କାହିଁକି ସେମାନେ? କାହିଁକି ତାକୁ ଏକା ଗାଳି ଖାଇବାକୁ ଛାଡି ଦେଇ ସମସ୍ତେ ଧାଇଁ ଆସୁଥିଲେ! ଖୁବ୍ ଅବିଚାର କରିଛେ ଆମେ ନା? ପ୍ରଶ୍ନ କଲା ହୃଷି।

ହଁ ଏବେ ଭାବିଲେ ଭାରି ଖରାପ ଲାଗୁଛି! ତା ସହିତ କଥା ହେବାକୁ ବି କେମିତି ମାଡି ମାଡି ପଡୁଛି। ଉତର କଲା ମନୋଜ।

ଆରେ ଯାହା ହେଲାଣି ତାକୁ ନେଇ ଏତେ ଭାବିବା ଅପେକ୍ଷା ସରି କହିଦେବା ବରଂ ଭଲ ନା କଣ କିରେ ହୃଷି? ହାଲକା ଭାବେ ପଚାରିଲା ଅଂଶୁମାନ।

ବେଳେବେଳେ ସରି ଶବ୍ଦ ବି ଛୋଟ ଲାଗେ କରିଥିବା ଭୁଲଠାରୁ। ଆଜି ମନେହେଉଛି ତାକୁ ସବୁଦିନ ଏତେ ପରିମାଣରେ ଅପମାନିତ କରିଛେ ଯେ ଲାଗିପଡି ସରି କହିଲେ ଆମେ ସବୁ ବୁଢା ହୋଇଯିବା। ସେ ଏସବୁକୁ ଗୁରୁତ୍ୱ ଦେବନି। କହିଲା ହୃଷି।

ଆରେ ଗୁରୁତ୍ୱ ଦେବ କଣ ସେ ଆମକୁ ଆଡ ଆଖିରେ ଚାହେଁନି ବି। ଅଂଶୁମାନ କଥାରେ ଏକମତ ହୋଇ ମନୋଜ କହିଲା-

ଆଗରୁ ବିକଳ ହୋଇ ସାଙ୍ଗ ଖୋଜୁଥିବା ଝିଅଟି ଏବେ ପଦ୍ମ ପରି ହାତରୁ ଖସି ଯାଉଛି ଟିକେ ଟିକେ ଦୂରକୁ। ଆଉ ଆମେ ସାହସ କରି ତାକୁ ଧରି ପାରୁନେ। ସେତେବେଳେ ଛାତ ଉପରୁ ଶୁଖିଲା ଲୁଗା ତାରରୁ ତୋଳୁଥିଲା ପାରୋ..! କୌଣସି ଆଡେ ନିଘା ନଥିଲା ତାର। କିନ୍ତୁ ଅପଲକ ନେତ୍ରରେ ଚାହିଁଥିଲେ ତା ସମସାମୟିକ ହୃଷି, ମନୋଜ ଓ ଅଂଶୁମାନ। ଆଜିକାଲି ସେ ଏକାକୀ ବଂଚି ଶିଖିଲାଣି। ବାପାର କାମରେ ବି ସାହାଯ୍ୟ କରୁଛି। ବି.ଏ ସାରି ପିଲାଙ୍କୁ ଟିଉସନ୍ କରୁଛି। ତା ବାପା ଏବେଠୁ ତା ପାଇଁ ଭଲ ବର ଯୋଗାଡରେ ଲାଗି ପଡିଲାଣି। କିନ୍ତୁ ପାରୋ କାହାକୁ ପସନ୍ଦ କରୁନି। ଅଂଶୁମାନ କହିଲା-ଏଁ ଏମିତି କଣ ତାର ପସନ୍ଦ କି? କଣ ଆକାଶରୁ ଖସିଥିବ ନା ମାଟି ତାଡି ବାହାରିବ। କୋଉ ଗୋଟେ ରାଜକୁମାର ଆସିବ କି ତା ପାଇଁ? ବେଶୀ ଫୁଲେଇ ହେଉଚି ସେ!

ମନୋଜ ଅଂଶୁମାନକୁ ଚିଡାଇବା ପାଇଁ କହିଲା-କାଇଁ ତୋ ପ୍ରସ୍ତାବକୁ ସେ ନାଇଁ କଲା ବୋଲି ଏତେ ରାଗ ତା ଉପରେ ନା? ଅଂଶୁମାନ ଥ'ଥ'ମ'ମ' ହୋଇ କହିଲା- କାଇଁ ନାଇଁ ତ! ମୋ ବାହାଘର ପ୍ରସ୍ତାବ ତା ପାଇଁ କାଇଁ ଯିବ ଯେ! ମୋତେ କଣ ସୁନ୍ଦରୀ ଝିଅ ଅଭାବ ହେବେ କି? ହକ ଉଞ୍ଜିନିୟରିଂ ସାରି ଚାକିରୀ କଲିଣି। ସୁନ୍ଦରୀଙ୍କ ଲମ୍ବା ଧାଡି ମୋ ପଛରେ। ଆଉ ଏ ଉଙ୍କୁଣି ମୁଣ୍ଡିକୁ କିଏ ପଚାରେ ମାଁ!

ହଅ ଗାଁ କନିଆଁ ସିଂଘାଣିନାକି ବୋଲି କହୁଛୁ। ତେବେ ତୁ ନିଜେ କାଇଁ ଏ ପୋଲ ପାଖେ ଘଂଟା ଘଂଟା ଧରି ବସି ରହୁଛୁ ତାର ଏତେ ଟିକେ ଝଲକ ପାଇଁ? ଛୁଟିରେ ଆସିଲେ ଅନନିଃଶ୍ୱାସୀ ହୋଇ ଧାଉଁଛୁ ଗୋଟେ ଅଜବ ନିଶାରେ? ଏଇ କିଛି ମାସର ଚାକିରୀ ତୋତେ ଆନମନା କରିପାରୁନି! ତୋ ମନରେ ଗୁଡେ ସ୍ୱପ୍ନ ଭରିଦେଉନି! କାରଣ ତୁ ଆଉ କୋଉ ସ୍ୱପ୍ନ ପଛେ ଅନ୍ଧ ମୋହରେ ଧାଉଁଚୁ। ଅବଶ୍ୟ ତୁ ତା ପାଇଁ ଫିଟ୍ ହୋଇପାରୁ। ତା ବାପା ବି ତୋ ବାପାଙ୍କ ସହିତ ତାଳ ଦେଇପାରେ ଧନ ସଂପତିକୁ ହିସାବ କଲେ। କେହି କାହାରିଠୁ ଊଣା ନୁହଁନ୍ତି। ହେଲେ ପାରୋ ମନା କଲା ବୋଲି ତୋ ମନଟା ଆମ୍ବଡା ପରି ଖଟା ହୋଇଯାଇଛି ନା? ପଚାରିଲା ମନୋଜ।

ଆଉ ତୁ..? ତୁ ବି ପଚା ବିଲାତି ବାଇଗଣ ପରି ସଢିଗଲୁଣି ଏମିତି ସାରା ଦିନ ପାରୋର ଝଲକ ଦେଖି ଦେଖି। ଅଥଚ ସେ ତୋ ଆଡକୁ ଟିକେ ଚାହୁଁନି! ଅଂଶୁମାନ ପାଲଟା ଜବାବ୍ ଦେଇ କହିଲା -

ସତ କଥା ମନୋଜ। ମୁଁ ସ୍ୱୀକାର କରୁଛି ତୋ କଥା। ତାକୁ ଚାହିଁଚାହିଁ ଦିନ ବିତାଇ ଦେଉଛି। ସ୍କୁଲ୍ ଛୁଟି ପରେ ଏଇଠି ବସି ରହେ। ପାରୋ ଛାତକୁ ଆସେ। ନହେଲେ କେବେ କେବେ ଏଇ ବାଟ ଦେଇ ବଜାର ଯାଏ। ତା ଆପାଦମସ୍ତକ ତାକୁ ଖାଲି ଉଣ୍ଡେ। ଖୁନ୍ଦି ହୋଇଥିବା ସୌନ୍ଦର୍ଯ୍ୟକୁ ଆଖି ଓ ମନରେ ମାପେ। ରାତିରେ ତାକୁ ସ୍ୱପ୍ନ ଦେଖେ। ତା ସହିତ କେତେକଣ କଥା ହୁଏ ମନେମନେ। ଆଉ ବି କେତେ କଣ କାମ କରିଯାଏ।

ରହ ରହ ମନୋଜ। ତୋ ଭାବନା ଓ ସ୍ୱପ୍ନକୁ ସେଇଠି ଟିକେ ବିଶ୍ରାମ ଦେ'? ତୁ ଯେମିତି ଧାଉଁଚୁ ନା ଦୁର୍ଘଟଣା ତ ସୁନିଶ୍ଚିତ। ଆଚ୍ଛା ତୋତେ ମାଷ୍ଟର କିଏ କଲା? ପିଲାଙ୍କୁ ଛେନାଗୁଡଟା ପଢାଇବୁ। ହୃଷି ରାଗିଗଲା ବୋଧେ।

କଣ ସାଙ୍ଗ ତମ ମନ କାଇଁ ଘର ଧରିଗଲା? କଣ ପୋଡିଗଲା କି ତମର? ତିଅଣ ନା..ଚିକେନ କଷା? ତାତ୍ସଲ୍ୟ କଲା ଅଂଶୁମାନ।

ମନୋଜ କହିଲା-ଛାଡ ତା କଥା। ବହୁତ କଥା ଅଛି ସେୟାର୍ କରିବାକୁ। ହେଲେ ଆମେ ଏକାଠି ହେଲେ ପାରୋ କଥା କାଇଁ ହେଉ ଯେ! ଅଥଚ ସମସ୍ତେ ଚୁପ୍ ଥିଲେ। ସେ ନୀରବତାରେ ବି ଅନେକ ପ୍ରଶ୍ନ ଥିଲା। ଅସହାୟତା, ଅବଶୋଷ ଜନିତ ବେଦନାର ଜ୍ୱଳନ ଭରିଥିଲା। ସମୟ ବି ଅଲଗା ରୂପ ନେଇପାରେ। ବାତ୍ୟା ପରି ବିଧ୍ୱଂସ କରିବାକୁ ଧୀରେ ଧୀରେ ନିକଟତର ହୁଏ। କିଏ ଜାଣେ ତାର ଦିଗ ବଦଳିବ କି ନାଁ! କିପରି ବଦଳିବ। କି ଦାଗ ଛାଡିଯିବ! ସମସ୍ତଙ୍କୁ ଯଦି ନିଜ ଦୋଷ ତ୍ରୁଟିକୁ ମାର୍ଜିତ କରିବାକୁ କୁହାଯାଆନ୍ତା,ତେବେ ହୁଏତ ଅସାଧ୍ୟ ହୋଇ ରହନ୍ତାନି କିଛି! କିନ୍ତୁ ଜୀବନର ବିଡମ୍ବନା ଏଇଆ ଯେ ସମୟର ଚକକୁ ପୂର୍ବକୁ ଘୂରାଇ ହୁଏନି।

କ୍ଲାସ୍‌ରେ ଅନେକ ଝିଅ ଥିଲେ। ଭଲ ପାଠ ବି ପଢୁଥିଲେ ପାରୋଠାରୁ। କିଛି ସୁନ୍ଦରୀ ବି ଥିଲେ। ଏବେ ବି ଗାଁରେ ଅଛନ୍ତି। କିଛି ବିବାହ କରିଗଲେଣି! ହେଲେ ସେମାନଙ୍କୁ ନେଇ ଏତେ ଚର୍ଚ୍ଚା ହୁଏନି। କିନ୍ତୁ ପାରୋ..ନିଜର ବିବର୍ତ୍ତିତ ଚେହେରା ଓ ମାର୍ଜିତ ବ୍ୟବହାରରେ ସମସ୍ତଙ୍କ ମନରେ ଆଲୋଡନ ସୃଷ୍ଟି କରିଛି। ସମସ୍ତଙ୍କୁ ତାଟକା କରି ଦେଇଛି! ସମସ୍ତଙ୍କ ଆଖିରେ ଅଙ୍ଗୁଳି ଗେଞ୍ଜି ଯେପରି କହୁଛି-ଦେଖ..ଏ ସମୟ ନଦୀର ଧାର..ଆଜିକାଲି ମୋ ଦେହ ଛୁଇଁ ବହୁଛି। ମୋ ଅଗଣାରେ ମଳୟ..! ବାଟ ଭୁଲି ଅଟକିଯାଇଛି! ଆଉ ସବୁତକ ପ୍ରଜାପତି କଥା ମାନି ଉଡିବୁଲୁଛନ୍ତି ମୋ ଅଗଣାସାରା। ମନର ସ୍ୱପ୍ନ ଉଠ୍ ବସ୍ ହେଉଛନ୍ତି ମୋ ଇଙ୍ଗିତରେ। ପୃଥିବୀର ସବୁତକ ସୌନ୍ଦର୍ଯ୍ୟ ପରାସ୍ତ ଏବେ ମୋ ପାଖେ। କାଲିଯାଏଁ ଯାହାକୁ ଏତେ ଘୃଣା କରୁଥିଲ,ଯାହାକୁ ନେଇ ପରିହାସରେ ମାତୁଥିଲ,ଦେଖ ସେ କିପରି ସମୟକୁ ଜିତିଯାଇଛି!!

ବେଳେବେଳେ ସମୟ ଆଗକୁ ବଢିଯାଏ ଅବଶୋଷକୁ ଶୋଷିନେଇ। ପରାଜିତ ମଣିଷକୁ ଆଶ୍ୱାସନା ଦେବା ପାଇଁ ସେ ଭିନ୍ନ ଏକ ରୂପ ନିଏ। ଆଜି ଯେ ରାଜା କାଲି ସେ ରଙ୍କ! ସତରେ କେତେ ଠିକ୍ କଥାଟିଏ କେହି ମହାପୁରୁଷ କହିଯାଇଛନ୍ତି! କିଛି ସମୟ ନୀରବତା ପରେ ହୃଷି ଉଠିଲା। ବଜାର ଆଡକୁ ଯିବାର ଥିଲା ତାର।

ତା ଭିତରର କଂଚାମାଟିରେ କାଚଗୁଣ୍ଡ ପୁଳେ ଛିଂଚିଦେଲା କେହି ଯେମିତି! ଏବେ ଆଉ ମନରେ ପାରୋର ମୂର୍ତି କିପରି ଗଢିବ! ପାରୋ ତା ପାଇଁ ଦୂର ଆକାଶର ପାହାନ୍ତି ତାରା। ଆଖି ମଳି ତାକୁ ଚାହୁଁ ଚାହୁଁ ସେ ହଜିଯାଏ ସୂର୍ଯ୍ୟ କିରଣରେ। କିଛି ଦିନ ସାଉଦିରୁ ଛୁଟି ନେଇ ଆସିଥିଲା ଘରକୁ। ଭାବିଥିଲା ପାରୋ ଏ ବିବାହ ପ୍ରସ୍ତାବରେ ହଁ ଭରିଦେବ। ହେଲେ ନା..! ଏଯାଏଁ ବି ତା ମନ ସେମିତି ରହିଯାଇଛି! କୋଉଠି କେମିତି କଂଚାପଣ..ତା ମନତଳେ ଆଜିଯାଏଁ। ଜାଣି ବି ଅଜଣା ପାଲଟିଲା ଭଳି ବାରି ହୋଇ ପଡୁଛି! ବୋଧେ ସେ ତାକୁ ବିବାହ କରିବାକୁ ଚାହେଁନି। ତା ମନରେ କଣ ଆଉ କେହି ବସା ବାନ୍ଧି ରହିଛି! ସେ କଣ ଆଉ କାହାକୁ ମନଦେଇ ବସିଛି! **(କ୍ରମଶଃ...)**

## ବିଶେଷ କବିତା

# କବିର ବକ୍ତବ୍ୟ



ଇପ୍‌ସିତା ଷଡଙ୍ଗୀ

ଅନେକ କବିତା ପଢ଼େଇଛୁ ତମକୁ
କାଳେ ସେଥିରେ କହିପାରିବୁ
କହି, ନ କହି, ଥାପି, ଉଠେଇ
ଲୁଚାଉଥିବା ଅଭିମାନକୁ।

ଆଉଜିଛୁ ଶବ୍‌ଦ ପାଖରେ
ଭରାଦେଇ କବିତା ଉପରେ
ଲଟେଇବା ଶିଖୁଶିଖୁ
ତମ ଶବ୍ଦର ଲାଞ୍ଛନାରେ
ଛାଟି ହେଇ କାନ୍ଥରେ ବାଜିଛୁ।
ଏବେ ଆମ ଲୁହ ନେଇ ବହିଯାଏ
ଆଉ ଏକ କବିତା।
ନଈକୁ ବଙ୍କେଇବା କଥା କହିବାମାନେ ଇ
ତା' ସ୍ୱାଭିମାନରେ ହସ୍ତକ୍ଷେପ;
ତା' ପାଇଁ ଆବାଦ୍ ହୁଏ ଏକ ଭୂଖଣ୍ଡ ତ
ବର୍‌ବାଦ - ସମାନ୍ତରାଳ ବିନ୍ଦୁଟି ତା'ର।

ତମ ଶବ୍ଦଙ୍କ ତୀର୍ଯ୍ୟକ୍ ଧ୍ୱନିରେ
କ୍ଷତାକ୍ତ ଆମ ଅହଂକାରର ଅବୟବ
ହଜାରେ ବାଙ୍କର ଦୁର୍ଭାଗ୍ୟ ପରେ ବି
ମିଳେନି ସମୁଦ୍ର।



ଅଳନ୍ଧୁର ଚିକିଟା ଜାଲରେ
ହଳଦୀ-କଳା ଛିଟୀ ପ୍ରଜାପତିଟି ବନ୍ଧା।

କାହା କଥା ବଖାଣିବା?

ନଈକୁ ବାଙ୍କ ମୋଡ଼ିବା ପାଇଁ
ଶବ୍ଦକୁ ସ୍ୱର ବସାଣର
ଦିଗ ହୁଡ଼ିବା ପାଇଁ
ବାଧ କରିବ କି!

ଥକି ଯାଇନୁ।
ଏବେ ସାହସ, ସାମର୍ଥ୍ୟ ଆଉ ଶବ୍ଦଙ୍କୁ
ଭାଗବତ କରି
ପିଣ୍ଡାରେ ବସିବୁ, ସାବଧାନ।।

*ଗୁହାଳପଡ଼ା, ନିମାପଡ଼ା*
*ପୁରୀ-୭୫୨୧୦୬*



ସତୀଶ ନୂତନ

*ମୂଳ ରଚନା (ହିନ୍ଦୀ)*
*ଅନୁବାଦ : ଇପ୍‌ସିତା ଷଡଙ୍ଗୀ*

(୧)

## ପେଣ୍ଟୁ

ପ୍ରଥମଥର କେବେ ଭେଟ ହେଇଥିଲା
ମନେ ନାହିଁ
ଏତିକି ମନେ ଅଛି
ସେ ହିଁ ଶିଖେଇଥିଲା
ଉଚ୍ଛାସରେ ଡେଇଁ ପଡିବା
ପ୍ରଥମ ଥର।



(୨)

## ଲାଞ୍ଜ

ପଶୁଙ୍କର ଲାଞ୍ଜ ଥାଏ
ଯାହାକୁ ସେ ହଲାନ୍ତି
ଓ ଦେଖାନ୍ତି ବି।

କଥାରେ ଅଛି
କୁକୁରଟିଏ ହିଁ
ଭଲ ଭାବରେ ହଲେଇପାରେ
ନିଜ ଲାଞ୍ଜ।

କିନ୍ତୁ
ଚମତ୍କାର ଦେଖନ୍ତୁ
ବିନା ଲାଞ୍ଜରେ ବି ସିଏ
କେତେ ସୁନ୍ଦର
ହଲେଇ ପାରୁଛନ୍ତି
ଲାଞ୍ଜକୁ।



*ଟାଉନ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ*
*ହାଜୀପୁର, ବୈଶାଳୀ,ବିହାର-୮୪୪୧୦୧*

## କୁନାବାପାଙ୍କ କୁନିକଥା ୪୯



**ଗ**ଲା ଗୁରୁବାର ଥିଲା ଅନ୍ତର୍ଜାତୀୟ ଯୋଗ ଦିବସ। କୁନାବାପା ସକାଳୁ ପାର୍କରେ ମର୍ଣ୍ଣିଂୱାକରେ ଯାଇ ଦେଖନ୍ତି ତ' ପାର୍କର ଅଧାରୁ ଅଧିକ ଯାଗାରେ ମସିଣା ପାରି କବଜା କରିଛନ୍ତି ଅଦିନିଆ ଯୋଗ ଅଭ୍ୟାସକାରୀ। ନୂଆ ଯୋଗ ଅଭ୍ୟାସକାରୀଙ୍କ ସହ ନୂଆ ଯୋଗଗୁରୁଙ୍କର ଆବିର୍ଭାବ ମଧ୍ୟ ହୋଇଥାଏ। ଯୋଗ ସପକ୍ଷ ବିଭିନ୍ନ ମତ ମନ୍ତବ୍ୟ ମଧ୍ୟ ଚାଲିଥାଏ। କିଏ ପବନରେ ଖୁରାଟେକି ହାତ ତଳକୁ କରୁଛି ତ' କିଏ ପଦ୍ମାସନରେ ବସି ପେଟକୁ ଖାଙ୍କେଇ ସୁଁ ସୁଁ ହେଉଛି। ବିଭିନ୍ନ ଶୈଳୀରେ ଚାଲିଥାଏ ଯୋଗାଭ୍ୟାସ। ଯୋଗ ଯେତିକି, ସେତିକ କ୍ୟାମେରା ଆଁ କରି ଫଟୋ ଗୁଡିକ ସେଭ ଆଉ ସେୟାର ସହ ଲାଇଭ ଟେଲିକାଷ୍ଟ ହେଉଥାଏ ଫୋନରେ। ଏସବୁ ଦେଖି କୁନାବାପାଙ୍କର ମଧ୍ୟ ଇଚ୍ଛା ଜାଗ୍ରତ ହେଲା ଯୋଗ କରିବାକୁ, ହେଲେ ସମୟର ସ୍ୱଳ୍ପତା ଓ ସକାଳ ସଜ କ୍ଷୀର ସହ ବିସ୍କୁଟ ଖାଇବାର କୁନାର ଅଭ୍ୟାସ ହେତୁ ଘରମୁହାଁ ହେଲେ। ବାଟରେ କ୍ଷୀର ଆଣିବା ପାଇଁ ଦୋକାନରେ ଠିଆ ହୋଇଛନ୍ତି, ଦେଖାହେଲେ ପତିବାବୁ। କହିଲେ, କ'ଣ ଯୋଗ କଲେ? କୁନାବାପା ହଡବଡେଇ ଗଲେ ଓ କହିଲେ, ଆଉ କ'ଣ ଯୋଗ କରିବା, ଯାହା ସରକାର ଦରମା ଗଣ୍ଡାକରେ ଦି ବର୍ଷତଳେ କିଛି ଯୋଗକରି ଛାଡିଛନ୍ତି। ପତିବାବୁ କହିଲେ, ନାହିଁ, ଆଜି ପରା ଅନ୍ତର୍ଜାତୀୟ ଯୋଗ ଦିବସ। ଆପଣ କୋଉଠି ବସି ଯୋଗ କଲେ ନା ନାହିଁ? କୁନାବାପା କହିଲେ, ହଁ ଯୋଗ ଦେଖିଛି ସକାଳୁ। ଚା' ଢୋକେ ପାଟିକି ନେଉ ନେଉ ଓଃ ଆଃ ହୋଇ ପହଞ୍ଚିଲେ ଶୁଭ୍ରକେଶୀ ପ୍ରଧାନ ବାବୁ। କାରଣ ପୁଛନ୍ତେ କହିଲେ, ଆଜି ଯୋଗ ଦିବସରେ ଯୋଗ କରିବା ବେଳକୁ ଅଣ୍ଟାରେ ରକାଟେ ପଶିଗଲା ଯେ, ଚାଲିବାରେ ବି ଅସୁବିଧା। ଚା' ଦୋକାନୀ କହିଲା, ସାଆରେ ଗରମ ଚା' କପଟେ ହେଲେ ଆରାମ ମିଳିବ। ପତିବାବୁ ଖତେଇ ହେଲାପରି କହିଲେ, ତେବେ ଆଜି ଆପଣ ପୀଡା ଯୋଗ କଲେ? ପାଖରେ ଠିଆ ହୋଇଥିବା ଅଜଣା ଲୋକ ଜଣେ କହିଲେ, ଆଜ୍ଞା ଆଜିକାଲି ସରକାର ବହୁତ ଯୋଗ ନିଜେ କରୁଛନ୍ତି ଓ ଆମକୁ ମଧ୍ୟ କରାଉଛନ୍ତି। ଆମେ ଗାଡିଖଣ୍ଡେ କିଣିଲେ, ସିଏ ପ୍ରଥମେ ଟ୍ୟାକସ୍ ଯୋଗଲେ, ତା'ପରେ ପ୍ରତିଦିନ ତେଲ ଦରରେ ଯୋଗ ହେଉଛି। ପ୍ରତିବର୍ଷ ପିଲାଙ୍କ ସ୍କୁଲ ଫିଜ୍‌ରେ କିଛି ପ୍ରତିଶତ ଯୋଗହୋଇ ଫିଜ ବଢୁଛି। ନୂଆ ନୂଆ ଆଡ ଦେଖି ଘରଣୀ ଓ ପିଲାମାନଙ୍କ ଫରମାଇସ୍‌ରେ ଯୋଗ ହେଉଛି। ଯୁଆଡେ ଦେଖିବେ ଖାଲି ଯୋଗ। ପତିବାବୁ ଉପରେ ପଡି କହିଲେ, ଆହେ ସେଇଥିପାଇଁ ତ' ମୁଁ କହୁଛି, ଯେମିତି ସବୁ ଡେ' ମଦରସ୍ ଡେ', ଫାଦରସ୍ ଡେ', ଭାଲେଣ୍ଟାଇନ୍ ଡେ' ଦିନେ ପାଇଁ ନୁହେଁ ସବୁଦିନ ପାଳିବା କଥା। ସେହିପରି ପ୍ରତିଦିନ ଯୋଗ କଲେ ଶରୀର ସୁସ୍ଥ ରହିବ। ତେଲ ଦରରେ ଯୋଗ ହେଲେ, ଆପଣ ସାଇକେଲରେ ଯିବେ, ଶରୀର ସୁସ୍ଥ ରହିବ। ଅଫିସରେ ଅଫିସରେ ୱାର୍କଲୋଡ ଯୋଗ ହେଲେ କାର୍ଯ୍ୟଦକ୍ଷତା ବଢ଼ିବ ଓ ତାକୁ ଦେଖି ପ୍ରମୋଶନ ଯୋଗ ବି ହେବ। ଆଉ ଅଦିନିଆ ଯୋଗ କଲେ, ଆମ ପ୍ରଧାନ ବାବୁଙ୍କ ଭଳିଆ ପୀଡା ଯୋଗ ହେବ। କୁନାବାପା କହିଲେ, ସବୁଦିନ ଯୋଗ କରନ୍ତୁ, ଯଦି ଆରମ୍ଭ କଲେଣି ଭଲକଥା। ନହେଲେ ସରକାରଙ୍କ ଯୋଗରୁ ରକ୍ଷା ପାଇବାକୁ ଉପାୟ ଯୋଗ କରନ୍ତୁ। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ଦେବୀ ମରିଯାଇଛି

**ଦୁ**ର୍ଗା ପୂଜାକୁ ମାସେ ପାଖାପାଖି ଥାଏ। କେମିତି ପୂଜାର ଆୟୋଜନ ହେବ ? କେତେ ଟଙ୍କା ଖର୍ଚ୍ଚ ହେବ ? କେଉଁଠୁ ଆସିବ ? କିଏ ଦେବ ? ତାକୁ ନେଇ ସମସ୍ତେ ନିଜ ନିଜ ଭିତରେ ଆଲୋଚନା କରି ଖୁବ୍ ବ୍ୟସ୍ତ ବିବ୍ରତ ହୋଇପଡୁଥିଲେ। ଶେଷରେ ଛକମଝିରେ ଥିବା ସେ ବରଗଛମୂଳେ ସଭା ବସିଲା। ସଭାରେ ଆସି ଉପସ୍ଥିତ ହେଲେ ସହରର ନାମକରା ବିଧାୟକ, ଖୁବ୍ ପଇସାବାଲା ଶିଳ୍ପ ପତି, କିଛି ସମାଜିକ କର୍ମୀ, ବଡ ବଡ ସିନେ ତାରକା, ସହରର କ୍ଲବରେ ଯୋଗଦେଇଥିବା ଯୁବଗୋଷ୍ଠୀ ଆଉ କିଛି ମାନ୍ୟଗଣ୍ୟ ବ୍ୟକ୍ତି। ସଭା ଆରମ୍ଭ ହେଲା କିଛିଟା ଦାମୀ ବିସ୍କୁଟ ଓ ଥଣ୍ଡା ମୃଦୁ୍ୟ ପାନୀୟରୁ। ପ୍ରଥମେ ବିଧାୟକଙ୍କୁ କହିବାକୁ ସୁଯୋଗ ଦିଆଗଲା। ବିଧାୟକ ବିସ୍କୁଟ ଖଣ୍ଡେ ଖାଇ କହିଲେ ମୁଁ ଏତେ ଟଙ୍କା ଦେବି, ଶିଳ୍ପପତି ବାବୁ ବି କମ୍ ନଥିଲେ ସେ ମଧ୍ୟ କହିଲେ ମୁଁ ବି ଏତିକି ଟଙ୍କା ଦେବି। ସିନେ ତାରକା କହିଲେ ଦର୍ଶକ ମାନଙ୍କ ମନରୋଞ୍ଜନ ଦାୟୀତ୍ୱ ଆମ ଉପରେ ଛାଡି ଦିଅ। ସମାଜିକ କର୍ମୀମାନେ କହିଲେ ପୂଜା ବିଷୟରେ ଲୋକ ମାନଙ୍କୁ ବୁଝାଇବା ଓ କାର୍ଡ ଦେବା ଦାୟୀତ୍ୱ ଆମର। ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ କହିଲା ମୁଁ ଏଇଟା କରିଦେବି ଆଉ କିଏ କହିଲା ମୁଁ ଏତେ ଟଙ୍କା ଦେଇଦେବି। ଶେଷରେ ପାଳି ପଡିଲା କ୍ଲବର ଯୁବଗୋଷ୍ଠୀମାନଙ୍କର ସେମାନେ କହିଲେ ଚାନ୍ଦା ଆଦାୟ କରିବା ଦାୟୀତ୍ୱଟା ଆମର। ଏହାପରେ ହିସାବ ହେଲା କେତେ ଟଙ୍କା ଖର୍ଚ୍ଚ ହେବ, କ'ଣ କ'ଣ ଆୟୋଜନ କରାଯିବ , କେଉଁ ମେଲୋଡି ପାର୍ଟି ଆସିବ ଏମିତି ଅନେକ କିଛି। ସଭା ସରିଆସୁଥାଏ ପାଖ ରାଜୁଆ ଦୋକାନରୁ ପୂଜା ସଙ୍ଘର ସଭାପତି ଅର୍ଡର ଦେଇଥାନ୍ତି ବିଧାୟକ ଓ ଶିଳ୍ପପତିଙ୍କ ସମେତ ସଭିଙ୍କ ପାଇଁ ଗରମାଗରମ ଚାଆ ଓ ପକୁଡି ପାଇଁ, ସେଇଟା ପୁଣି ବିନା ପଇସାରେ କାରଣ ସେ ଦୁର୍ଗା ମଣ୍ଡପ ପାଖେ ଦୋକାନ ଦେଇଛି। ଏହି ସମୟରେ କେଉଁଠି ଥିଲା ସେ ପାଗଳା ବୁଢାଟା ଚିତ୍କାର କରିଉଠିଲା। କାହିଁକି ଏତେ ପଇସା ଖର୍ଚ୍ଚ କରୁଛ ? କାହିଁକି ଦେବି ପୂଜା କରୁଛ ? ଦେବୀ ତ କେବେ ଠୁ ମରିସାରିଛି ! ତା କଥା ଶୁଣିବାପରେ ତା ଆଡକୁ କେହି କର୍ଣ୍ଣପାତ କଲେ ନାହିଁ। ମାତ୍ର ସେ ପାଗଳା ବୁଢା ଗର୍ଜନ କରୁଥାଏ। ହଁ ହଁ ସେ ଦେବୀ ମରିଯାଇଛି ଆଉ ତାକୁ ତୁମେମାନେ ହିଁ ମାରିଦେଇଛ। ତା ରଡି ଶୁଣି ବିଧାୟକଙ୍କ କଥାରେ କ୍ଲବର କିଛି ଯୁବକ ତାକୁ ଉଠାଇନେଇ ଦୂରକୁ ଚାଲିଗଲା ବେଳେ ବି ସେ ଗର୍ଜନ କରି କହୁଥିଲା ହଁ ସେ ଦେବୀ ମରିଯାଇଛି ଯେଉଁଦିନ ତୁମେମାନେ ଗୋଟିଏ ଛଅ ବର୍ଷର ଝିଅକୁ ଧର୍ଷଣ କଲ, ଯେଉଁଦିନ ତୁମେମାନେ ସିନେମାରେ ଅଭିନୟ କରାଇଦେବ ବୋଲି କହି କାଷ୍ଟିଂକାଉଚ୍ କଲ, ଯେଉଁଦିନ ତୁମେମାନେ ମଦ ପିଇ ଘରେ ଥିବା ସ୍ତ୍ରୀ ଉପରେ ପୁରୁଷ ପଣିଆ ଜାହିର କର, ଯେଉଁଦିନ ତୁମେମାନେ ଯୌତୁକ ଜୁଇରେ ନବବଧୂକୁ ଜାଳିଦେଲ, ଯେଉଁଦିନ ତୁମେମାନେ ଛକ ଉପରେ ବସି ଝିଅ ବୋହୂମାନଙ୍କୁ ଅଶ୍ଳୀଳ ଇଙ୍ଗୀତ କଲ, ଯେଉଁଦିନ ଅଫିସରେ କାମଟେ ଦେବା ନାଁରେ ତୁମେ ମାନେ ନିରିହ ଝିଅଟିର ଦେହର ଇଜ୍ଜତକୁ ଲୁଟିନେଲ, ଯେଉଁଦିନ ତୁମେମାନେ ଦେବୀପୂଜା କରିବା ନାଁରେ ପଇସା ଆଦାୟ କରି ତାରି ବେଢା ଭିତରେ ପିଇଲ ସେଇଦିନ ହିଁ ଦେବୀ ମରିଯାଇଛି। ତେବେ ଆଜି ପୁଣି କାହିଁ ଦେବୀ ପୂଜାର ଏ ମିଛ ଆୟୋଜନ। ସେ ମରିଗଲା ପରେ ଅବା କି ପ୍ରୟୋଜନ ଅଛି ଦେବୀ ପୂଜା କରିବାର... ।

# ପୁରୁଣା ପ୍ରେମିକା

**ସ**କାଳ ହେବାକୁ ଆଉ ଘଡିଏ କି ଦୁଇ ଘଡି ବାକି ଥାଏ। ହଠାତ୍ ନିଦ ଭାଙ୍ଗିଗଲା ସ୍ୱପ୍ନାର। ତା ନିଦ ଭାଙ୍ଗିଯିବାର କାରଣ ଥିଲା ସେ କଡ ଲେଉଟାଇଲା ବେଳକୁ ବିଛଣାରେ ସାଗର ନଥିଲା। ତା ମନର ମଣିଷ, ପ୍ରିୟତମ ପୁରୁଷ ସାତ ଜନମର ସାଥୀ ସାଗର ଏ ଅସମୟଟାରେ କୁଆଡେ ଗଲେ ? କ'ଣ ଆଉ ବାଥରୁମ୍ ଯାଇଛନ୍ତି କି ? ହେଲେ ବାଥରୁମର ଲାଇଟ ତ ଅଫ ଅଛି ତେବେ ଗଲେ କୁଆଡେ। ଘରଟା ସାରା ସେ ଖୋଜିଆସିଲା ମାତ୍ର କେଉଁଠି ନଥିଲା ସାଗର। ଶେଷରେ ବାଲ୍‌କୋନିକୁ ଗଲାବେଳେ ଦେଖିଲା ସେଠାରେ ପଡିଥିବା ଚୌକି ଉପରେ ବସି ସାଗର ସିଗାରେଟ୍‌ର ମନ୍ଦ ମନ୍ଦ ଧୂଆଁ ଭିତରେ ନିଜକୁ ହଜାଇ ଦେଇଛି।



ଦୂର ଦିଗନ୍ତ ବ୍ୟାପି ଅସମାହିତ ଆକାଶର ଧୂଷରିତ ବକ୍ଷକୁ ଚାହିଁ କ'ଣ ସବୁ ଭାବୁଛି... ଆରେ ପୁରୁଣା ପ୍ରେମିକାକୁ ସ୍ୱପ୍ନ ଦେଖିଲ ନା କ'ଣ ? ଏମିତି ଧଡ ପଡ ହୋଇ ଉଠିଆସି ଏଠାରେ ବସି ସିଗାରେଟ୍ ଟାଣୁଛ ଯେ... । ଏହା କହି ସ୍ୱପ୍ନା ସାଗର କୋଳରେ ଯାଇ ବସି ପଡିଲା। ତା ହାତରୁ ନିଆଁର କବଳରୁ ବଳିପଡିଥିବା ଅଧା ପୋଡା ସିଗାରେଟ୍‌କୁ ଫୋପାଡି ଦେଇ କହିଲା କ'ଣ ଯେ ପାଖରେ ଏମିତି ଗୋଟିଏ ସୁନ୍ଦରୀ ସ୍ତ୍ରୀ ବସିଛି ଆଉ ତୁମେ ସିଗାରେଟ୍‌କୁ ପ୍ରେମ କରି ପୁରୁଣା ପ୍ରେମିକା କଥା ଭାବୁଛ। ସାଗର ମଥାରେ ଗୋଟିଏ ଚୁମ୍ବନ ଦେଇ ତା କେଶରାଜି ସହ ଖେଳିବାକୁ ଲାଗିଲା ସ୍ୱପ୍ନା। ସମୁଦ୍ର ପଟୁ ବହି ଆସୁଥିବା ଶୀତଳ ପବନ ସାଗରର ଦେହରେ ଘସିହୋଇ କେମିତି ଗୋଟିଏ ଶୀହରଣ ଖେଳାଇ ଦେଉଥିଲା ସେପଟେ ସ୍ୱପ୍ନା ବି ତାକୁ ପ୍ରେମର ପରଶରେ ବାନ୍ଧି ନିଜ ବାହୁ ବନ୍ଧନରେ ଆଚ୍ଛାଦିତ କରିସାରିଥିଲା। ତା ଦେହସାରା ଆଙ୍କି ଦେଉଥିଲା ମିଠା ମିଠା ଚୁମ୍ବନର ଗୋଲାପି ଚିତ୍ର ସବୁ। ପ୍ରେମର ବର୍ଷାରେ ଭିଜାଇ ତା ଦେହକୁ ବାରମ୍ବାର ଥରାଇ ଦେଉଥିଲା। ମାତ୍ର ଏତେ ସବୁ ଘଟଣା ତାକୁ ପ୍ରକୃତିସ୍ଥିତ କରାଇପାରୁନଥିଲା। ଅତୀତର ଆଭାରେ ଜଳିପୋଡି ଯାଇଥିବା ତା ପ୍ରେମ ଆଉ ଗତକାଲି ଖବର କାଗଜରେ ପଢିଥିବା ସେ ଖବର ତାକୁ ଯେପରି ଭିତରେ ଭିତରେ ଖୁବ୍ ବ୍ୟତିବ୍ୟସ୍ତ କରିପକାଉଥିଲେ। ଗତକାଲି ଖବର କାଗଜ ପଢିବାବେଳେ ତା ଆଖିରେ ଗୋଟିଏ ଖବର ପଡିଥିଲା ଯେଉଁଥିରେ ଲେଖାଥିଲା ସଡକ ଦୁର୍ଘଟଣାରେ ଜଣେ ମହିଳା ପ୍ରାଣ ହରାଇଛନ୍ତି। ଆଉ ସେ ମହିଳା ଜଣକଙ୍କ ନାମ ଥିଲା ସଙ୍ଗୀତା। ସବୁଠୁ ବଡ କଥାଥିଲା ସିଏ ଥିଲା ସେହି ସଙ୍ଗୀତା ଯାହାକୁ ଦୁନେ ସାଗର ତା ନିଜଠୁ ବି ଅଧିକ ଭଲପାଇଥିଲା। ଅଥବା ଏଇ କିଛି ସମୟ ଆଗରୁ ସ୍ୱପ୍ନାର କହିବା ଅନୁସାରେ ସାଗରର ପୁରୁଣା ପ୍ରେମିକା।



ଦିବ୍ୟଜ୍ୟୋତି ମହାନ୍ତି
ମୋ-୭୩୭୭୫୧୦୨୫୪










ପ୍ରାର୍ଥନା ଦାଶ
ପଞ୍ଚମ ଶ୍ରେଣୀ
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର



ସାନ୍‌ଭି ସାହୁ
ଷ୍ଟାଣ୍ଡାଡ-୨
କ୍ୟାମ୍ବ୍ରିଜ୍ ସ୍କୁଲ
ଟାକୁର କମ୍ପ୍ଲେକ୍ସ,ସନ୍‌ସିଟ୍-୧, ମୁମ୍ବାଇ



# ପଥର ଖଣିରେ ବାଜି ଲାଗିଛି ଶ୍ରମିକଙ୍କ ଜୀବନ

**ଖୋରଧା :** ବଢିଚାଲିଛି ବେଆଇନ ପଥର ଖଣି ଖନନ। ସମସ୍ତ ଆଇନ କାନୁନକୁ ବେଖାତିର କରି ଖଣି ମାଫିଆମାନେ ମାଲାମାଲ ହେଉଥିବା ବେଳେ ନୀରିହ ସାଧାରଣ ଲୋକ ନିଜ ଜୀବନ ହରାଉଛନ୍ତି। ଏହି ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପରିବର୍ତ୍ତେ ପୁଲିସ ଓ ଜିଲ୍ଲା ପ୍ରଶାସନ ଏବେ ନୀରବ ଦ୍ରଷ୍ଟା ସାଜିଛନ୍ତି। ଯାହାଫଳରେ ପଥର ଖଣିରେ କାର୍ଯ୍ୟରତ ଶ୍ରମିକମାନଙ୍କ ଜୀବନ ଏକ ପ୍ରକାର ବାଜି ଲାଗିଛି। ଏହି ବେଆଇନ ପଥର ଖଣିରେ କାମ କରୁଥିବା ବେଳେ ଶ୍ରମିକ ମାନଙ୍କର ମୃତ୍ୟୁ ଘଟୁଥିଲେ ମଧ୍ୟ ତାକୁ ପରବର୍ତ୍ତୀ ଅବସ୍ଥାରେ ଭିନ୍ନ ରୂପ ଦିଆଯାଇ ଘଟଣାଟିକୁ ଚପାଇ ଦିଆଯାଉଛି। ଏପରିକି ମୃତାହତ ଶ୍ରମିକମାନଙ୍କ ସଠିକ୍ ତଥ୍ୟମଧ୍ୟ ଜିଲ୍ଲା ପ୍ରଶାସନ ନିକଟରେ ପହଞ୍ଚି ପାରୁ ନାହିଁ। ଥାନାରେ ହେଉଥିବା ଅଭିଯୋଗକୁ ବିଭିନ୍ନ ପ୍ରକାର ଚାପ ପକାଇ ଦୁର୍ବଳ କରି ଦିଆଯାଉଛି। ବିଭିନ୍ନ କଳ କାରଖାନା ପ୍ରତିଷ୍ଠା ପାଇଁ ବ୍ୟାପକ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଚିପ୍ସ ମେଟାଲ ଓ ପଥରର ଆବଶ୍ୟକତା ପୂରଣ ପାଇଁ ଖୋରଧା ତହସିଲ ଅଞ୍ଚଳରେ ବହୁ ବେଆଇନ ପଥରଖଣି ଚାଲିଛି ଏବଂ ସେହି ଖଣି ଗୁଡ଼ିକରେ ଖଣି ମାଫିଆମାନେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଅସାମାଜିକ ବ୍ୟକ୍ତିମାନଙ୍କୁ ଆଣି ଏକତ୍ରିତ କରି ବନ୍ଧୁକ ମୁନରେ ସ୍ଥାନୀୟ ଗ୍ରାମବାସୀମାନଙ୍କୁ ଭୟଭୀତ କରି କିଛି ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷକଙ୍କ ବାହୁ ଛତ୍ର ଛାୟା ତଳେ ରହି ବେଆଇନ ଭାବରେ ବିସ୍ଫୋରକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଫଳରେ ଆଖ ପାଖ ଅଞ୍ଚଳର ଗ୍ରାମବାସୀମାନେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏ ସମ୍ପର୍କରେ ଖୋରଧା ଜିଲ୍ଲାପାଳ ତଥା ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ବାରମ୍ବାର ଗ୍ରାମବାସୀମାନଙ୍କ ପକ୍ଷରୁ ଅଭିଯୋଗ କଲେ ମଧ୍ୟ ଏକ ଅଦୃଶ୍ୟ ଶକ୍ତିର ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା ନେଇ ଅଭିଯୋଗମାନ ହେଉଛି। ଏ ସମ୍ପର୍କରେ ରାଜସ୍ୱ ବିଭାଗର ତଥା ପୋଲିସ ପ୍ରଶାସନର ଉଚ୍ଚ କର୍ତ୍ତୃପକ୍ଷ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଖୋରଧା ସହରରେ ସ୍ୱେରେଜ ବ୍ୟବସ୍ଥା କେବେ ?

**ଖୋରଧା :** ଦିନକୁ ଦିନ ଖୋରଧା ସହର କଳେବର ବଢୁଛି। ଲୋକ ସଂଖ୍ୟା ବୃଦ୍ଧି ଘଟିବାରେ ଲାଗିଛି। ଅଥଚ ସହରରେ ସ୍ୱେରେଜ ବ୍ୟବସ୍ଥା ନେଇ କର୍ତ୍ତୃପକ୍ଷ ଚୁପ୍ ହୋଇ ବସିଛନ୍ତି। ଏଥିପାଇଁ କୌଣସି ଯୋଜନା ନାହିଁ କି ପ୍ରସ୍ତାବ ବି ନାହିଁ। ସହରର ସ୍ୱେରେଜ ବ୍ୟବସ୍ଥା ନେଇ କେହି ଚିନ୍ତା କରୁ ନଥିବାରୁ ସ୍ଥାନୀୟ ଅଧିବାସୀଙ୍କ ଭିତରେ ତୀବ୍ର ପ୍ରତିକ୍ରୟା ସୃଷ୍ଟି ହୋଇଛି। ତେଣୁ ଭବିଷ୍ୟତରେ ଖୋରଧା ସହରବାସୀ ସ୍ୱେରେଜ ବ୍ୟବସ୍ଥା ବିନା ବେଶ ପ୍ରଭାବିତ ହେବା ଆଶଙ୍କାକୁ ନେଇ ଏବେ ଠାରୁ ଚିନ୍ତା ପ୍ରକଟ କଲେଣି। ଖୋରଧା ଏକ ପୁରୁଣା ସହର ରାଜଧାନୀର କ୍ରମବର୍ଦ୍ଧିଷ୍ଣୁ କଳେବର ଭିତରେ ଏବେ ବି ଖୋରଧା ସହର ନିଜର ପୂର୍ବର ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିଛି କିଛି ବର୍ଷ ପୂର୍ବେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହି ସହରକୁ ନିଜ ପରିଧି ଭିତରେ ସାମିଲ କରିଛନ୍ତି। କିନ୍ତୁ ରାସ୍ତାଘାଟ ଜଳଯୋଗାଣ ବିଦ୍ୟୁତକରଣ ଭଳି ଅନ୍ୟାନ୍ୟ ସୁବିଧା ଏଠାରେ ଉପଲବ୍ଧ ହେଉ ନାହିଁ। ଖୋରଧା ପୌରପରିଷଦର ଉନ୍ନୟନ ସେବା ଏକ ପ୍ରକାର ଠପ ହୋଇଯାଇଛି। ଡ୍ରେନର ବ୍ୟବସ୍ଥା ନ କହିଲେ ଭଲ। ପ୍ରାୟ ସବୁ ଡ୍ରେନ ବ୍ୟବସ୍ଥା ଖରାପ ନିମ୍ନମାନର କାମ ଯୋଗୁଁ ଡ୍ରେନ ଗୁଡ଼ିକ ପୋତି ହୋଇ ପଡ଼ିଛି ଫଳରେ ରାସ୍ତା ଉପର ଦେଇ ଜଳ ନିଷ୍କାସନ ହେଉଛି। ଧିରେ ଧିରେ ଖୋରଧା ସହର ଜନ ସଂଖ୍ୟା ବୃଦ୍ଧି ଯୋଗୁଁ ଏବେ ଏହା ଚିନ୍ତାର କାରଣ ପାଲଟିଛି। ସହରର ବର୍ଜ୍ୟବସ୍ତୁ ପରିଚାଳନା ନେଇ କିଛି ବି ପଦକ୍ଷେପ ନିଆଯାଇ ନାହିଁ। ସହରରେ ସ୍ୱେରେଜ ବ୍ୟବସ୍ଥା ହୋଇ ନଥିବା ସମସ୍ତ ବର୍ଜ୍ୟବସ୍ତୁ ଡ୍ରେନ୍ ଦେଇ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଇଛି। ଏ ସମ୍ପର୍କରେ ଜିଲ୍ଲା ପ୍ରଶାସନ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ତହସିଲଦାରଙ୍କ ମନମୁଖୀ କାର୍ଯ୍ୟ : ଲୋକେ ଅତିଷ୍ଠ

**ଭବାନୀପାଟଣା :** ଭବାନୀପାଟଣା କଳାହାଣ୍ଡି ତହସିଲ ଅଫିସିରେ ଦୀର୍ଘ ୨ ବର୍ଷହେଲା କିଛି ଦାଖଲ ଖାରଜ କେସ ରେଭିନିଉ ଇନିସପେକ୍ଟରମାନଙ୍କ ଦ୍ୱାରା ଭେରିଫାଏଡ ହୋଇ ତହସିଲ ଅଫିସର ଦାଖଲ ଖାରଜ ବିଭାଗରେ ପଡିରହି ଅଛି। ପଚାରିଲେ କୁହନ୍ତି କେସ ଗୁଡିକ କଣ୍ଟେସଟେଡ ଓ ଡ୍ରପ ଅବସ୍ଥାରେ ପଡିରହିଛି। କେସ ଗୁଡିକୁ ତହସିଲ ଦାରଙ୍କ ପାଖରେ ପହଞ୍ଚାଇଲେ ମଧ୍ୟ କୌଣସି ନୋଟିସ ବା କନଫର ମେସନ ହେଉନାହିଁ। ପୂର୍ବ କିରାଣୀଙ୍କର କିଛି କେସ ନୂଆ କିରାଣୀ ଶବର ବାବୁଙ୍କ ପାଖରେ ପଡିରହିଅଛି। ଦାଖଲ ଖାରଜ ନହେବାରୁ ଜନସାଧାରଣ ଏକ ବର୍ଷ ତଳୁ ସାଟିଫାଏଡ କପି ମାଗିଥିଲେ ମଧ୍ୟ ତାହା ଅଦ୍ୟାବଧି ହସ୍ତଗତ ହୋଇନାହିଁ। ପୂର୍ବରୁ ଏହି ସମସ୍ୟା ଉପରେ ଅନେକଥର ସମ୍ବାଦ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଥିଲେ ମଧ୍ୟ ପରିସ୍ଥିତିର କୌଣସି ସୁଧାର ଆସିନାହିଁ। ଅନେକ ଜମିପଟ୍ଟା ଦସ୍ତଖତ ହୋଇଥିବା ବେଳେ ପଟ୍ଟାଧାରୀ ମାନଙ୍କୁ ଦିଆଯାଉ ନାହିଁ। ପୂର୍ବ ଅପେକ୍ଷା ଅଫିସର କାର୍ଯ୍ୟର ସୁଧାର ଜଣାପଡୁଥିଲେ ମଧ୍ୟ ଅନେକ ବିଭ୍ରାଟ ଭିତରେ ଏହି ଗୋଟିଏ ତହସିଲର ପଟ୍ଟାଧାରୀମାନେ ଆଜି ମଧ୍ୟ ଅବହେଳିତ ହୋଇ ରହିଛନ୍ତି। ଗୋଟିଏ ଓ ଦୁଇଟି କେସର ନମୁନା ଲିଖିତ ଆକାରରେ ଜଣାଉଛୁ। ତାହା ୨୯୫/୮୦ କେସ ନଂ ବର୍ତ୍ତମାନ ସୁଦ୍ଧା ପଟ୍ଟାପାଇବାରୁ ବଞ୍ଚିତ ଓ ୩୮୯/୮୦ ମସିହାର ଗୋଟିଏ କେସ ଯାହା ଗୋବିନ୍ଦ ଚନ୍ଦ୍ର ଦାସଙ୍କ ନାମରେ ତହସିଲଦାର କଳାହାଣ୍ଡି ଦାଖଲ ଖାରଜ ଅନୁମୋଦନ କରିଛନ୍ତି। କିନ୍ତୁ ତାଙ୍କର ମୃତ୍ୟୁ ପରେ ତାଙ୍କର ପୁତ୍ର ୨୯୯୩/୧୩ ତାରିଖ ୩.୯.୧୩ ଦ୍ୱାରା ଆବେଦନ କରି ୧୦ ଡିସିମିଲି ଜମି ପରିବର୍ତ୍ତେ ୫ ଡିସିମିଲି ର ଜମିପଟ୍ଟା ନେଟ ମାଧ୍ୟମରେ ଛାଡିଦେଇ ଅଦ୍ୟାବଧି ଉକ୍ତ ବ୍ୟକ୍ତିଙ୍କୁ ପଟ୍ଟାବି ଦେଇନାହାନ୍ତି। ଉକ୍ତ ବ୍ୟକ୍ତି ତହସିଲ ଅଫିସରେ ପଚାରିବାରୁ ତାଙ୍କୁ ପୂର୍ନବାର ଦାଖଲ ଖାରଜ ଦରଖାସ୍ତ ଦେବାକୁ କୁହାଗଲା ଓ ତାହା ୨୦୧୭ ଜାନୁଆରି ମାସରୁ ଅଦ୍ୟାବଧି ତହସିଲ ଅଫିସକୁ ଯାଇପାରିଲା ନାହିଁ। ପ୍ରଶ୍ନ ଉଠେ ଗୋବିନ୍ଦ ବାବୁ ୧୯୮୦ ମସିହାରେ ଦରଖାସ୍ତ କରି ପଟ୍ଟାନପାଇବା ସ୍ଥଳେ ପୁତ୍ରର ଦରଖାସ୍ତ ଉପରେ କିପରି ଭାବରେ ୫ ଡିସମିଲ ଦିଆଗଲା ଓ ବଳକା ୫ ଡିସମିଲ ଅମିନ, ଆରଆଇ, ଓ ତହସିଲ ଦାର ଖାଇଗଲେ ? ଏହାର ଫଟୋ କପି ନିମ୍ନରେ ପ୍ରଦତ୍ତକରାଗଲା। ସାମ୍ବାଦିକ ମାନଙ୍କ ତରଫରୁ ଜନସାଧାରଣ ମାନଙ୍କ ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏସବୁ ବାବଦରେ ଜବାବ ଦେବାକୁ ପତ୍ର ମାଧ୍ୟମରେ ଅନରୋଧ କରୁଅଛୁ। ଉକ୍ତ ତହସିଲ ଅଫିସରେ ବର୍ତ୍ତମାନ ଗୋଟିଏ ହେଲ୍ପ ଡେକ୍ସ ରଖାଯାଇଅଛି ଯେଉଁଠି ଚଉକି, ଟେବୁଲ ଓ ଅଧିକାରୀ ବସୁନାହାନ୍ତି ତଥା ସୂଚନାଅଧିକାର ବୋର୍ଡ ବାହାର କାନ୍ଥରେ ଲେଖାଯାଇଅଛି ଯେଉଁଥିରେ ପ୍ରଫୁଲ କୁମାର ଚଲାନ ମୁଖ୍ୟ କିରାଣୀ ଏପିଆଇଓ ଭାବରେ ଅବସ୍ଥାପିତ ହୋଇଛନ୍ତି। ଯିଏ କି ଦିର୍ଘ ୧ମାସ ତଳୁ ଅବସର ନେଇସାରିଲେଣି କିନ୍ତୁ ବୋର୍ଡରୁ ତାଙ୍କ ନାମ ଉଚ୍ଛେଦ କରାଯାଇ ନାହିଁ। ପ୍ରଶ୍ନ ଉଠେ ପୂର୍ବ ଜିଲ୍ଲାପାଳ ଏନ.ବି.ଏସ. ରାଜପୁତ ୨୦୦୫ ମସିହା ଅକ୍ଟୋବର ୧ ତାରିଖ ଆଦେଶ ନାମା ନଂ ୧୭୦୦/ ଜି ଓ ଏମ ରେ ଆଦେଶ କରିଥିଲେ ରେଭିନିଉ ସୁପର ଭାଇଜରମାନେ ଏପିଆଇଓ ଭାବେ କାର୍ଯ୍ୟକରିବେ କିନ୍ତୁ ବର୍ତ୍ତମାନର ତହସିଲଦାର ସେ ଆଦେଶ ନାମାକୁ ଉଲଘଂନ କରି ପ୍ରଫୁଲ କୁମାର ଚଲାନକୁ କିପରି ଭାବରେ ଏପିଆଇଓ ଭାବେ ଅବସ୍ଥାପିତ କରିଥିଲେ ? ପଚାରି ବୁଝିବାରେ ଚଲାନ ମହାଶୟ କୁହନ୍ତି ଏ ବାବଦରେ ମୁଁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ତହସିଲଦାର ଶୁଣିନଥିଲେ। ସେହି ଚିଠିର ଏକ ଫଟୋ କପି ପ୍ରକାଶ ନିମନ୍ତେ ଦିଆଗଲା। କଳାହାଣ୍ଡି ନୋଜଲ ପ୍ରଜା ସତ୍ତ୍ୱ ପ୍ରଜାମାନେ କଣ ଦୋଷ କରିଥିଲେ ଯେ ୨୦୧୧ ମସିହାରୁ ବର୍ତ୍ତମାନ ସୁଦ୍ଧା ଅଳ୍ପ କିଛି ପ୍ରଜାଙ୍କୁ ପଟ୍ଟା ପ୍ରଦାନ କରି ୯୦ ଭାଗ ଲୋକଙ୍କୁ ପଟ୍ଟା ଦିଆଯାଉ ନାହିଁ ? ଏବଂ ପଚାରିଲେ କୁହନ୍ତି ଅଫିସ୍‌ରେ ଷ୍ଟାଫ ନାହାନ୍ତି। ଯେଉଁ ତହସିଲରେ ଯଥା ଧର୍ମଗଡ ତହସିଲ ଅଫିସରେ ବିଶେଷ କାର୍ଯ୍ୟ ନଥାଇ ସମସ୍ତ ଷ୍ଟାଫ ପୋଷ୍ଟିଙ୍ଗ ହୋଇ ବସିଛନ୍ତି କିନ୍ତୁ କଳାହାଣ୍ଡି ତହସିଲରେ ଷ୍ଟାଫ ନଥିବା ଜିଲ୍ଲାପାଳ ଜାଣି ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ଏ ସବୁ ପ୍ରତି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କଲେ କଳାହାଣ୍ଡିବସୀ ଉପକୃତ ହେବେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ହଜାର ...

ରାଜ୍ୟରେ କାର୍ଯ୍ୟ କରୁଥିବା ସବୁ ଇନସ୍ୟୁରାନ୍ସ ଓ ଆସୁରାନ୍ସ ଯୋଜନାରେ ରୋଗୀମାନେ ସେବା ପାଇବା ସହିତ ନିର୍ଦ୍ଧାରିତ ରୋଗୀମାନେ ଚିକିତ୍ସା ପାଇଁ ବିଭିନ୍ନ ସରକାରୀ ଯୋଜନାର ସୁବିଧା ପାଇପାରିବେ। ଘରୋଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅତି କମ୍‌ରେ ୧ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ଆଣିବା ସହିତ ୧୦ ହଜାର ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ମୁଖ୍ୟତଃ ପାରା ମେଡିକାଲ କ୍ଷେତ୍ରରେ ଏହିସବୁ ନିଯୁକ୍ତି ଅଧିକ ସଂଖ୍ୟାରେ ସୃଷ୍ଟି ହେବ ଏବଂ ମହିଳାମାନେ ବିଶେଷ ଭାବେ ଉପକୃତ ହେବେ।

### ରେଳପଥ ପାଇଁ ...

ସେହିପରି ସମ୍ବଲପୁର ଆଇଆଇଏମ୍‌କୁ ମାଗଣା ଜମି ଦେବାଲାଗି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଏବାବଦକୁ ସମ୍ବଲପୁର ତହସିଲ୍ ଅନ୍ତର୍ଗତ ବସନ୍ତପୁର ଓ ବଡ଼ସିଂହାରୀ ମୌଜାରେ ୧୮୧ ଏକର ସରକାରୀ ଜମି ଯୋଗାଇ ଦିଆଯିବ। ଜମି ଦର ବାବଦକୁ ଏକର ପିଛା ୧୦୦ ଟଙ୍କା ଏବଂ ସେସ୍ ବାବଦକୁ ଗ୍ରାଉଣ୍ଡ ରେଟ୍‌ର ୭୫ ପ୍ରତିଶତ ହିସାବରେ ଲିଜ୍ ମଞ୍ଜୁର ପାଇଁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଗଞ୍ଜାମ ଜିଲ୍ଲା ଗୋପାଳପୁରଠାରେ ଟାଟା ଷ୍ଟିଲ୍‌କୁ ଦିଆଯାଇଥିବା ୨୯୭୦ ଏକର ଜମି ମଧ୍ୟରୁ ୧୭୩୫ ଏକର ଜମିକୁ ଏସ୍‌ଇଜେଡ୍ ମାନ୍ୟତା ମିଳିଥିବା ବେଳେ ବାକି ଜମିକୁ ଘରୋଇ ଶିଳ୍ପ ଭିତ୍ତିକ ପାର୍କ ପ୍ରତିଷ୍ଠା ପାଇଁ ବ୍ୟବହାର କରାଯିବ। ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଠାରେ 'ଆଦିମ ଓରପା ଜରପା' ନାମକ ଆଦିବାସୀ ସାଂସ୍କୃତିକ ଅନୁଷ୍ଠାନକୁ ଏକ ଏକର ଜମି ମାଗଣାରେ ଦେବାପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ଅନ୍ୟ ପ୍ରସ୍ତାବଗୁଡ଼ିକ ମଧ୍ୟରେ କୋରାପୁଟ୍‌ଠାରେ ଏକ ମେଗା ପାଇପ୍‌ଜଳ ପ୍ରକଳ୍ପର ଟେଣ୍ଡରକୁ ମଞ୍ଜୁରୀ ମିଳିଛି। ଏହି ପ୍ରକଳ୍ପ ଦ୍ୱାରା ସମ୍ପୃକ୍ତ ଜିଲ୍ଲାର ବୋରିଗୁମ୍ମା, ଜୟପୁର ଓ କୋଟପାଡ଼ ବ୍ଲକ୍‌ର ୧୩୭ଟି ଗାଁରେ ରହୁଥିବା ୨ ଲକ୍ଷ ୮୦ ହଜାର ଲୋକ ଉପକୃତ ହେବେ। ୩୧୬ କୋଟି ଟଙ୍କାର ଏହି ପ୍ରକଳ୍ପ କାର୍ଯ୍ୟ ମୁମ୍ବାଇସ୍ଥିତ ଏକ କମ୍ପାନୀକୁ ଦିଆଯାଇଥିବା ବେଳେ ୨୪ ମାସ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଅନୁସାରେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ ଆଉ ପ୍ରୋ-ଚାନ୍ସେଲର ନିଯୁକ୍ତ କରାଯିବ ନାହିଁ। ଏ ସମ୍ପର୍କିତ ଏକ ଆଇନକୁ ପୂର୍ବରୁ ବିଧାନସଭାରେ ପାରିତ କରାଯାଇଥିଲେ ସୁଦ୍ଧା ଏନେଇ ତତ୍କାଳୀନ ରାଜ୍ୟପାଳଙ୍କ ଆପତ୍ତି କାରଣରୁ ପୁଣିଥରେ ଏଥିରେ ସଂଶୋଧନ ଅଣାଯିବ ବୋଲି କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି। ପୂର୍ବ ଆଇନ୍ ଅନୁଯାୟୀ ଏହି ବିଶ୍ୱବିଦ୍ୟାଳୟରେ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରୋ-ଚାନ୍ସେଲର ଭାବରେ ନିଯୁକ୍ତି ଦେବାନେଇ ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶା ଅଧସ୍ତନ ଅର୍ଥସେବା ନିଯୁକ୍ତି ଓ ସେବା ସର୍ତ୍ତରେ ସଂଶୋଧନ ନିୟମକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ପରେ ଏହା ବିଧାନସଭାରେ ଉପସ୍ଥାପନ କରାଯିବ।

### ସର୍ବକ୍ଷମା ଯୋଜନା ...

ବୁଧବାର ଓଡ଼ିଶା ସରକାରଙ୍କର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗଙ୍କ ଦ୍ୱାରା ସର୍ବକ୍ଷମା ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନା ବିନା ଅନୁମୋଦନରେ ହୋଇଥିବା ଗୃହ କାର୍ଯ୍ୟକୁ ଅନୁମୋଦିତ କରିବାରେ ସାହାଯ୍ୟ କରିବ। ଅଧିସୂଚନାର ପ୍ରଚଳନ ପୂର୍ବରୁ ବି ହୋଇଥିବା ନିର୍ମାଣ କାର୍ଯ୍ୟ ବି ଏଥିରେ ପରିସରଭୁକ୍ତ ହେବ ଓ ଏଥିପାଇଁ ଦେୟ ପ୍ରଦାନ କରିବାକୁ ପଡିବ। ପୂର୍ବରୁ ବିନା ଅମୁମୋଦନରେ ଗୃହ ନିର୍ମାଣ କରିଥିବା ନାଗରିକ ସର୍ବକ୍ଷମା ଯୋଜନାର ଅନୁମୋଦନ କରିବା ପାଇଁ ସମ୍ପୃକ୍ତ ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରୁ ଏକ ଫର୍ମ ଆଣି ତାହାକୁ ପୂରଣ କରିବା ସହ ଦେୟ ଦେବାକୁ ହେବ। ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସର ଭିତରେ ଏହି ଯୋଜନା ଅନ୍ତର୍ଗତ ନିର୍ମାଣ କାର୍ଯ୍ୟ କରାଯିବ। ଏହା ଉଚିତ ନିୟମାବଳୀର ବିରୋଧାଚରଣ କରୁନଥିବ। ଏହା କୌଣସି ସାମାଜିକ ପ୍ରତିବନ୍ଧକ ବା ବିପଦର କାରଣ ହେଉନଥିବା ବୋଲି ମଧ କଡା ସୂଚନା ରହିଛି। ଏଥିସହ ଏହି ଯୋଜନା ଅଗ୍ନି ନିର୍ବାପନ ସଂକ୍ରାନ୍ତୀୟ ସମସ୍ତ ନିୟମାବଳୀ ଅନୁସାରେ ଅନୁମୋଦିତ ଧାରାକୁ ଅନୁସରଣ କରିବା ସହ ସମସ୍ତ ଧାରା ଓ ଉପଧାରାକୁ ପାଳନ କରିବ। ପ୍ରଥମଥର ପାଇଁ ୨୦୧୭ ମସିହାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷରେ ଲାଗୁ ହୋଇଥିଲା ସର୍ବକ୍ଷମା ଯୋଜନା। ତେବେ ଦ୍ୱିତୀୟଥର ପାଇଁ ଲାଗୁ ହୋଇଥିବା ସର୍ବକ୍ଷମା ଯୋଜନା ବିଡିଏ ସହ ୯ଟି ଉନ୍ନୟନ କର୍ତ୍ତୃପକ୍ଷରେ ଲାଗୁ କରିବାକୁ ସରକାରଙ୍କ ନିଷ୍ପତ୍ତି। ଏଥିରେ ରହିଛି କଟକ ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ତାଳଚେର-ଅନୁଗୁଳ-ମୁଣ୍ଡୁଳି ଉନ୍ନୟନ କର୍ତ୍ତୃପକ୍ଷ, ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ, ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ, କଳିଙ୍ଗନଗର ଉନ୍ନୟନ କର୍ତ୍ତୃପକ୍ଷ ଏବଂ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷ।

### ଆସିବେ ...

ଟିକିନିକି ହିସାବ ମାଗିଥିଲେ। ଏବେ ପୁଣି ଥରେ ସମାନ ଶୈଳୀରେ ଭୁବନେଶ୍ୱରର ୩ଟି ଲୋକସଭା ଆସନର ୨୧ଟି ବିଧାନସଭାର ସବୁ ପଞ୍ଚାୟତ ମୁଖ୍ୟଙ୍କୁ ଶ୍ରୀ ଶାହ ଭେଟିବାକୁ ଚାହୁଁଛନ୍ତି। ଅନ୍ୟପଟେ କେନ୍ଦ୍ରୀୟ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚି ପାରୁନଥିବାରୁ ରାଜ୍ୟ ସରକାରଙ୍କୁ ଦାୟୀ କରିଛି ବିଜେପି। ଏ କ୍ଷେତ୍ରରେ ରାଜ୍ୟ ସରକାର ବାଧକ ସାଜୁଛନ୍ତି ବୋଲି ବିଜେପି କହିଛି। ତେଣୁ ପଞ୍ଚାୟତ ମୁଖ୍ୟଙ୍କୁ ଭେଟି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରିତାର ବାସ୍ତବତା ପରଖିବେ ଶ୍ରୀ ଶାହ। ଶାହଙ୍କ ଗସ୍ତ ନେଇ ଏଥର କୌଣସି ସାଧାରଣ ସଭା ନଥିଲେ ବି ରାଜ୍ୟ କାର୍ଯ୍ୟାଳୟରେ ପ୍ରାୟ ୩ ଘଣ୍ଟା ବିତାଇବେ ବୋଲି ଜଣାପଡ଼ିଛି। ବିଭିନ୍ନ ପର୍ଯ୍ୟାୟରେ ଶ୍ରୀ ଶାହ ଦଳର କର୍ମକର୍ତ୍ତାଙ୍କୁ ଭେଟିବେ। କଳାହାଣ୍ଡିର ବୈଠକରେ ୨୭ଟି ମୁଖ୍ୟ ଦିଗକୁ ନେଇ ସେ ଦେଇଥିବା କାମର ହିସାବ ମାଗିଥିଲେ। ଅନେକ କ୍ଷେତ୍ରରେ କାମ ଠିକ ଭାବେ ହୋଇନଥିବାରୁ ଅସନ୍ତୋଷ ବି ପ୍ରକାଶ କରିଥିଲେ। ଏଥର ବି ସମାନ ଢ଼ଙ୍ଗରେ ସଙ୍ଗଠନ ସକ୍ରିୟ ପାଇଁ ଶ୍ରୀ ଶାହ ପୂର୍ବରୁ ଦେଇଥିବା କାମର ହିସାବ ମାଗିବେ ବୋଲି ଜଣାଯାଇଛି। ଗତ ପଞ୍ଚାୟତ ନିର୍ବାଚନ ପରେ ଉତ୍‌ଫୁଲ୍ଲିତ ରାଜ୍ୟ ବିଜେପି ସଂଗଠନକୁ ସୁଦୃଢ଼ କରିବାରେ ଉପରଠାଉରିଆ ଭାବେ କାମ କରୁଛି ବୋଲି ଶ୍ରୀ ଶାହ ଆକଳନ କରିଛନ୍ତି। ବିଜେପୁର ଉପନିର୍ବାଚନରେ ଏଥିପାଇଁ ବିଜେପିକୁ ପରାଜିତ ହେବାକୁ ପଡ଼ିଲା ବୋଲି ରାଷ୍ଟ୍ରୀୟ ସଭାପତି ଶ୍ରୀ ଶାହ ଅନୁମାନ କରୁଥିବା କୁହାଯାଉଛି। କଳାହାଣ୍ଡି ଗସ୍ତରେ ମଧ୍ୟ ଶ୍ରୀ ଶାହ କଡ଼ା ଭାଷାରେ ରାଜ୍ୟନେତାଙ୍କୁ ତାଗିଦ୍ କରିଥିଲେ। ୨୦୧୯ ନିର୍ବାଚନ ପାଇଁ କଠିନ ପରିଶ୍ରମ କରିବାକୁ ଦଳୀୟ କର୍ମକର୍ତ୍ତାଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ସଂଗଠନକୁ ସୁଦୃଢ଼ ନକଲେ ବିଜେପୁର ପରି ଅନ୍ୟ ଆସନଗୁଡ଼ିକ ମଧ୍ୟ ହାତରୁ ଖସିଯିବ ବୋଲି ଶ୍ରୀ ଶାହ ରାଜ୍ୟନେତାଙ୍କୁ ସେତେବେଳେ ସତର୍କ କରାଇଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବାକୁ ହେଲେ ଜନ ସମସ୍ୟା ସହ ଯୋଡ଼ି ହୋଇରହିବାକୁ ପଡ଼ିବ ବୋଲି ଶ୍ରୀ ଶାହ ରାଜ୍ୟ ବିଜେପି ନେତାଙ୍କୁ ପରାମର୍ଶ ଦେବେ ବୋଲି କୁହାଯାଉଛି।

### ବାଚସ୍ପତିଙ୍କ ...

ସମେତ ୩୩ ଜଣ ସଦସ୍ୟ ରହିଛନ୍ତି। ମାତ୍ର ଏଥିରେ ୧୨ ଜଣ ସଦସ୍ୟ ଯୋଗ ଦେଇଥିଲେ। ଫଳରେ ଏନେଇ ବିରୋଧୀ କଂଗ୍ରେସ ଦଳ ପକ୍ଷରୁ ଶାସକ ଦଳର ସଦସ୍ୟମାନଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠାଯାଇଛି। ସେହିପରି ଶକ୍ତି ବିଭାଗ ବୈଠକରେ ମଧ ୪୨ରୁ କେବଳ ୧୪ ଜଣ ବିଧାୟକ ଉପସ୍ଥିତ ଥିଲେ। ବିଭାଗୀୟ ମନ୍ତ୍ରୀ ଏଥିରେ ସାମିଲ ହୋଇନଥିଲେ। ଫଳରେ ବାଚସ୍ପତି ମନ୍ତ୍ରୀଙ୍କ ଏଭଳି ଆଚରଣକୁ ନେଇ ଅସନ୍ତୋଷ ପ୍ରକାଶ କରିଥିବା ବିରୋଧୀ ଦଳ ନେତା ନରସିଂହ ମିଶ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଶାସକ ଦଳର ସଦସ୍ୟମାନଙ୍କ ମଧ ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରିବା ପାଇଁ ଆନ୍ତରିକତା ନାହିଁ। ଶକ୍ତି ସଙ୍କଟକୁ ଦେଖି ଏକ ଗୃହ କମିଟି ଗଠନ କରାଯାଇଛି। ସେହିପରି ପଡ଼ୋଶୀ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ସହିତ ଲାଗି ରହିଥିବା ସୀମା ବିବାଦ ବିଷୟରେ ଏହି ବୈଠକରେ ଆଲୋଚନା କରାଯାଇଥାନ୍ତା। ମାତ୍ର ସଦସ୍ୟମାନଙ୍କ ଅନୁପସ୍ଥିତି କାରଣରୁ ଏହା ଅଧାରେ ରହିଲା ବୋଲି ସେ କହିଛନ୍ତି। ପୂର୍ବରୁ ମଧ କୋରମ୍ ଅଭାବ କାରଣରୁ ବିଭିନ୍ନ ଗୃହ କମିଟିର ବୈଠକ ବାତିଲ ହୋଇଥିବାର ନଜିର ରହିଛି। ବିଧାନସଭାରେ ୧୧୮ ସଂଖ୍ୟା ବିଶିଷ୍ଟ ବିଜେଡି ବିଧାୟକମାନଙ୍କ ଏହା ଅହଂଭାବର ପରିଚାୟକ ବୋଲି କଂଗ୍ରେସ ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି କହିଛନ୍ତି। କେବଳ ବିଜୁ ବାହିନୀ ଗଢ଼ିବା ଛଡ଼ା ବିଜେଡି ବିଧାୟକଙ୍କୁ ଅନ୍ୟ କିଛି ଦିଶୁନାହିଁ ବୋଲି ସେ ତାଚ୍ଛଲ୍ୟ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଦଳ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ କହିଛନ୍ତି ଯେ କାର୍ଯ୍ୟବ୍ୟସ୍ତତା କାରଣରୁ ହୁଏତ କେହି ବିଧାୟକ ଆସିପାରିନଥାନ୍ତି। ଏହି ବୈଠକରେ କେବଳ ବିଜେଡି ସଦସ୍ୟମାନେ ଅନୁପସ୍ଥିତ ରହିଥିବା କଥା ସତ୍ୟ ନୁହେଁ। ଅନେକ ଗୃହ କମିଟିକୁ ନେଇ ସବ୍‌କମିଟି ମଧ୍ୟ ଗଠନ କରାଯାଇଛି। ସେଗୁଡ଼ିକର ବୈଠକରେ ମଧ ଅନେକ କଥା ଆଲୋଚନା ହୋଇଥାଏ। ତେଣୁ ବିରୋଧୀ ସଦସ୍ୟଙ୍କ ଏଭଳି ଅଭିଯୋଗ ଭିତ୍ତିହୀନ ବୋଲି ସେ କହିଛନ୍ତି। ତେବେ ସୀମା ବିବାଦ ସମ୍ପର୍କୀୟ କମିଟି ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ପରବର୍ତ୍ତୀ ବୈଠକରେ ବିବାଦୀୟ ଅଞ୍ଚଳର ଆରଡିସି ଏବଂ ଜିଲ୍ଲାପାଳଙ୍କୁ ଡକାଯିବ। ଓଡ଼ିଶାର ବିଭିନ୍ନ ବିବାଦୀୟ ଅଞ୍ଚଳ ବିଷୟରେ ସେମାନଙ୍କ ସହିତ ଆଲୋଚନା କରାଯିବ। ଏନେଇ କମିଟି ସେମାନଙ୍କ ମତାମତ ମଧ୍ୟ ରେକର୍ଡ କରିବ। ସେହି ଅନୁସାରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଧାନ ସଂଗ୍ରହର ଡେଡ୍‌ଲାଇନ୍ ଜୁନ୍ ୩୦

**ଭୁବନେଶ୍ୱର :** ଚଳିତ ଖରିଫ ଋତୁରେ ଧାନ ସଂଗ୍ରହ କାର୍ଯ୍ୟ ଆସନ୍ତା ଜୁନ୍ ୩୦ ତାରିଖରେ ବନ୍ଦ ହେବ। ଏଥିପାଇଁ ନିୟମ କଡ଼ାକଡ଼ି କରିବା ସହ କୌଣସି ବିଚ୍ୟୁତି କରାଗଲେ ପି-ପାସ୍ ବ୍ୟବସ୍ଥାରେ ଧାନ କିଣା ପାଇଁ ଅନୁମତି ଦିଆଯିବ ନାହିଁ। ଏହି ମର୍ମରେ ୧୯ ଜିଲ୍ଲାର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛି ଖାଦ୍ୟ ଓ ଯୋଗାଣ ବିଭାଗ। ଅନୁଗୁଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗିର, ବୌଦ, କଟକ, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା, କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ, ରାୟଗଡ଼ା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ସଂଗ୍ରହର ଡେଡ୍‌ଲାଇନ୍ ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜୁନ୍ ୩୦ ତାରିଖ ପରେ ଆଉ ଧାନ ସଂଗ୍ରହ କରାଯିବ ନାହିଁ। ଏଣୁ ଚାଷୀମାନେ ପଞ୍ଜିକୃତ ହୋଇଥିବା ବିଭିନ୍ନ ସମବାୟ ସମିତି, କୃଷି ସମବାୟ ସମିତି (ପିଏସିଏସ୍) ଓ ଲ୍ୟାମ୍ପସ୍‌ଗୁଡ଼ିକରେ ଶେଷ ତାରିଖରେ ସେମାନଙ୍କ ବଳକା ଧାନ ବିକ୍ରି କରିବାକୁ ଭିଡ଼ କରିପାରନ୍ତି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିଗୁଡ଼ିକରେ ଭିଡ଼ କମାଇବାକୁ ସମ୍ପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଓ ବିଭିନ୍ନ ସମିତିମାନେ ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି କୌଣସି ଚାଷୀ ଯେଭଳି ଜୁନ୍ ୩୦ ଡେଡ୍ ଲାଇନ୍ ପୂର୍ବରୁ ଧାନ ବିକ୍ରି ନକରି ଫେରିନଯାଆନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ଯୋଗାଣ ସଚିବ ଭିଭି ଯାଦବ ନିର୍ଦ୍ଦେଶ ଦେଇଛନ୍ତି। ପି-ପାସ୍‌ରେ କୌଣସି ଅନିୟମିତତା ପ୍ରତି ଦୃଷ୍ଟି ଦେବାକୁ କୁହାଯାଇଛି। ନିୟମାନୁଯାୟୀ ସମସ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ ପରେ ପରେ ସେମାନଙ୍କୁ ତୁରନ୍ତ ଟୋକନ ପ୍ରଦାନ କରାଯିବ। ବିଭିନ୍ନ ସମିତିରେ ସଂଗୃହୀତ ଧାନ ସମିତି ନିକଟରେ ପଞ୍ଜିକୃତ ମିଲର୍‌ମାନଙ୍କୁ ତୁରନ୍ତ ହସ୍ତାନ୍ତର କରାଯିବ। ଜୁନ୍ ୩୦ ତାରିଖ ମଧ୍ୟରାତ୍ର ପରେ ପି-ପାସ୍ ସର୍ଭରରେ ଭେଣ୍ଡର୍ ରସିଦ ପାଇଁ ଆଉ ଅନୁମତି ଦିଆଯାଇପାରିବ ନାହିଁ। ଜୁନ୍ ୨୯ ପୂର୍ବରୁ ଜେନେରେଟ୍ ହୋଇଥିବା ଟିପି ନୋଟ୍ ମିଲର୍‌ମାନେ ଗ୍ରହଣ କରିବେ। ଯଦି କିଛି ବକେୟା ରହିଯାଇଥାଏ ତେବେ ଜୁନ୍ ୩୦ ତାରିଖ ସୁଦ୍ଧା କରି ପାରିବେ। ଧାନ ସଂଗ୍ରହ ବେଳେ କୌଣସି ପ୍ରକାର ବିଚ୍ୟୁତି ହେଲେ ପି-ପାସ୍ ବ୍ୟବସ୍ଥାରେ ଅନୁମତି ଦିଆଯିବ ନାହିଁ। ଏଣୁ ନିଜ ଜିଲ୍ଲାମାନଙ୍କରେ ଧାନ ସଂଗ୍ରହ ବେଳେ ଏହାକୁ କଡ଼ାକଡ଼ି ପାଳନ କରିବାକୁ ବିଭାଗୀୟ ସଚିବ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପି-ପାସ୍ ବ୍ୟବସ୍ଥାରେ ୨୦୧୬-୧୭ ଆର୍ଥିକ ବର୍ଷରେ ଧାନକିଣାରେ ଚାଷୀମାନଙ୍କ ଆକାଉଣ୍ଟ୍‌କୁ ଅନଲାଇନ୍‌ରେ ପ୍ରାୟ ୮ ହଜାର କୋଟି ଟଙ୍କା ପଇଠ କରାଯାଇଥିଲା। କିନ୍ତୁ କୋଟି କୋଟି ଟଙ୍କାର ପିସି କାରବାର୍ ଯୋଗୁ ଚାଷୀମାନେ ସେମାନଙ୍କ ଅର୍ଥ ପାଇନଥିବା ନେଇ ଗୁରୁତର ଅଭିଯୋଗ ହୋଇଥିଲା। ଦାୟିତ୍ୱରେ ଥିବା ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ଅପାରଗତା ଯୋଗୁ ବର୍ଷ ବର୍ଷ ଧରି ଆର୍ଥିକ ହେର୍‌ଫେର୍ ଓ ଖରିଫ ଋତୁରେ ଧାନ କିଣା ଓ ପି-ପାସ୍ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ସହ ଧାନ କିଣା ପାଇଁ ରହିଥିବା ସରକାରୀ ଗାଇଡ୍ ଲାଇନ୍‌କୁ ସମ୍ପୂର୍ଣ୍ଣ ଉଲ୍ଲଘଂନ କରାଯାଇଥିବା ନେଇ ସମବାୟ ରେଜିଷ୍ଟ୍ରାର୍ ରିପୋର୍ଟ ଦେଇଥିଲେ।




# ମଦାନ୍ତ ମନ୍ଦିରରେ ଅନନ୍ତନାଗ ଉପରେ ବିରାଜମାନ ମହାବିଷ୍ଣୁ

‘ଏକମାତ୍ର’ କାଗଜର ସମ୍ପାଦକଙ୍କ ଘନ ଘନ ତାଗିଦ ଓ କିଛି ସପ୍ତାହର ବ୍ୟବଧାନ ପରେ ପୁଣି ଗୋଆର ମନ୍ଦିର ସମ୍ପର୍କରେ ଲେଖିବାର ସମୟ ମିଳିଲା। ସତରେ ବେଳେ ବେଳେ ଇଚ୍ଛା ଥିଲେ ମଧ୍ୟ କାର୍ଯ୍ୟବ୍ୟସ୍ତତା ମଣିଷକୁ ତା’ର ଲକ୍ଷ୍ୟଠାରୁ ଦୂରେଇ ନିଏ। ସେମିତି ଅବସ୍ଥା ମୋର ହୋଇଥିଲା। ତେବେ ଯାହା ହେଉ ଏହି ସ୍ତମ୍ଭରେ ଆପଣମାନଙ୍କୁ ଗୋଆର ପ୍ରସିଦ୍ଧ ମଙ୍ଗେଶୀ ବାବାଙ୍କ ମନ୍ଦିର ସମ୍ପର୍କରେ ସୂଚନା ଦେଇଥିଲି। ତା’ସହ ନଡିଆ ରସରେ ପ୍ରସ୍ତୁତ ପନିର ତରକାରୀ ବିଷୟରେ ମଧ୍ୟ ଆପଣଙ୍କୁ ମୋର ଅନୁଭୂତି ବର୍ଣ୍ଣନା କରିଥିଲି। ଏବେ ଆମର ଗୋଆର ଆଉ ଏକ ପ୍ରସିଦ୍ଧ ଧର୍ମପୀଠ ମଦାନ୍ତ ମନ୍ଦିରକୁ ଯିବାର ଥିଲା। ନାଁରୁ ଆପଣମାନେ ଜାଣିପାରୁଥିବେ ଏହା ଅନନ୍ତ ମହାବିଷ୍ଣୁଙ୍କ ମନ୍ଦିର ହୋଇଥିବ। ସକାଳୁ ସକାଳୁ ବାହାରିଲୁ ଏହି ମନ୍ଦିର ଅଭିମୁଖେ। ପାଣାଜୀରୁ ଏହି ମନ୍ଦିରର ଦୂରତା ହେଉଛି ପ୍ରାୟ ୨୫ରୁ ୨୭ କିଲୋମିଟର ଏବଂ ଏହା ପୂର୍ବ ଗୋଆରେ ଅବସ୍ଥିତ। ରାସ୍ତାରେ ଯିବା ବେଳକୁ ରାସ୍ତା କଡରେ ଜଣେ ବୟସ୍କ ବ୍ୟକ୍ତି ଆମକୁ ଲିଫ୍ଟ ମାଗିଥିଲେ ହେଲେ ଆମ ଚାଳକ ସେ ଆଡକୁ ନ ଚାହିଁ ଆଗକୁ ଗାଡି ନେବା ସମୟରେ ମୁଁ ମନାକଲି। ବୟସ୍କ ବ୍ୟକ୍ତିଙ୍କୁ ଗାଡିରେ ନେବା ପାଇଁ କହିଥିଲି। ତା’ପରେ ସେ ଆସି ଗାଡିରେ ବସିଲେ ଆଉ ଆମ ସହ ଯାତ୍ରା କଲେ। କିଛିବାଟ ଯିବା ପରେ ମୁଁ ତାଙ୍କ ସହ ହିନ୍ଦୀରେ କଥା ହେବାକୁ ଲାଗିଲି।





ପ୍ରକୃତରେ ତାଙ୍କ ଘର ଥିଲା ଉତ୍ତର ଗୋଆର ପୋଣ୍ଡା ତାଲୁକାରେ। ସେ ତାଙ୍କର କିଛି ବ୍ୟକ୍ତିଗତ କାମ ପାଇଁ ପାଣାଜୀ ଆସିଥିଲେ। ନିଜ ଘର ତାଙ୍କର ଏକ ଜଳଖିଆ ଦୋକାନ ରହିଛି। ସେ ଆମେ କେଉଁଠୁ ଆସିଛୁ ଏବଂ କୁଆଡେ ଯାଉଛୁ ସେ ବିଷୟରେ ଜାଣିବାକୁ ଚାହିଁଲେ। ମୁଁ ମୋର ଏବଂ ମୋ ବନ୍ଧୁଙ୍କର ପରିଚୟ ଦେଇଥିଲି। ସେ ଯେତେବେଳେ ଜାଣିଲେ ଯେ, ଆମେ ମଦନ୍ତ ମନ୍ଦିରକୁ ଯାଉଛୁ ସେତେବେଳେ ସେ ସେହି ମନ୍ଦିର ସମ୍ପର୍କରେ କିଛି ସୂଚନା ଦେବା ମଧ୍ୟ ଆରମ୍ଭ କଲେ। ତାଙ୍କ ସୂଚନା ଅନୁସାରେ ଗୋଆରେ ଏହି ମଦନ୍ତ ମନ୍ଦିର ଏକମାତ୍ର ଅନନ୍ତ ମନ୍ଦିର ଅଟେ। ଆଉ ଏହି ମନ୍ଦିର ପ୍ରାୟ ୧୫୪୦ ମସିହା ବେଳକୁ ନିର୍ମିତ ହୋଇଥିଲା। ଆଉ ସେ ଅତି ଉତ୍ସାହର ସହ କହିଥିଲେ ଯେ, ଏହି ମନ୍ଦିରର ପରିବେଶ ଦେଖିବା ଭଳିଆ। ଆଉ ସେ ଏହା ମଧ୍ୟ କହିଥିଲେ ଯେ, ଫାଲଗୁନ ମାସରେ ଏହି ମନ୍ଦିରରେ ଏକ ତ୍ରୀଦିବସୀୟ କାର୍ଯ୍ୟକ୍ରମର ଆୟୋଜନ ହୋଇଥାଏ ଆଉ ଏଥିରେ ଅନେକ ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥାନ୍ତି। ଏମିତି ଅନେକ କଥାବାର୍ତ୍ତା ଆମ ଭିତରେ ଗାଡି ଆଗକୁ ଚାଲିଥାଏ। ସେ ଓଡ଼ିଶା ଏବଂ ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ଅନେକ ପ୍ରଶ୍ନ ପଚାରିଥିଲେ। ମୁଁ ଯେତିକି ଜାଣିଥିଲି ସେତିକି ତାଙ୍କୁ ସୂଚନା ଦେଇପାରିଥିଲି। ଏହାରି ଭିତରେ ତାଙ୍କ ଜଳଖିଆ ଦୋକାନ ଆସିଥିଲା ଓ ସେ ଗାଡ଼ିରୁ ଓହ୍ଲାଇବାକୁ ଚାହିଁଥିଲେ। ଆମେ ତାଙ୍କୁ ବିଦାୟ ଦେବା ବେଳକୁ ତାଙ୍କ ଦୋକାନରେ ଜଳଖିଆ ଖାଇବାକୁ ଆମନ୍ତ୍ରଣ କରିଥିଲେ। ହେଲେ ମୁଁ କହିଥିଲି ଯେ ଆମେ ପ୍ରଥମେ ମନ୍ଦିର ଯାଇ ଶ୍ରୀଅନନ୍ତଙ୍କୁ ଦର୍ଶନ କରିବୁ ତେଣୁ ଏବେ ଖାଇବୁ ନାହିଁ। ସେ ମନଦୁଃଖ କରିଥିଲେ ହେଲେ ମନ୍ଦିର କଥା ଶୁଣି କିଛି ପ୍ରତିକ୍ରିୟା ଦେଇ ନଥିଲେ ଏବଂ ସୂଚନା ଦେଇଥିଲେ ଯେ, ତାଙ୍କ ଦୋକାନ ଠାରୁ ମାତ୍ର ୧୦ ମିନିଟ୍‌ର ବାଟ ଗଲେ ମଦନ୍ତ ମନ୍ଦିର ପଡିବ। ଆମେ ତାଙ୍କୁ ଧନ୍ୟବାଦ ଦେଇ ଆଗେଇଥିଲୁ। ପ୍ରକୃତରେ ପ୍ରାୟ ୧୦ ମିନିଟ୍ ଯିବା ପରେ ଆମେ ପହଞ୍ଚିଥିଲୁ ମନ୍ଦିର ନିକଟରେ। ବାହାରୁ ମନ୍ଦିରଟି ଖୁବ୍ ସୌନ୍ଦର୍ଯ୍ୟମୟ ଏବଂ ଏହାର ପରିବେଶ ମଧ୍ୟ ଶାନ୍ତି ପ୍ରଦାୟକ। ଆମେ ଏବେ ମନ୍ଦିର ଭିତରକୁ ଯାଇ ଶ୍ରୀଅନନ୍ତଙ୍କୁ ଦର୍ଶନ କରିଥିଲୁ। ଏକ ମୁଗୁନି ପଥରରେ ନିର୍ମିତ ଶ୍ରୀଅନନ୍ତଙ୍କ ମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି...। ଅନନ୍ତନାଗ ଉପରେ ସ୍ୱୟଂ ମହାବିଷ୍ଣୁ ବିରାଜମାନ କରୁଥିବା ମା’ମହାଲକ୍ଷ୍ମୀ ତାଙ୍କ ଚରଣ ନିକଟରେ ଉପସ୍ଥିତ ଅଛନ୍ତି। ଶ୍ରୀଅନନ୍ତଙ୍କୁ ଦର୍ଶନ କରିବା ପରେ ଆମେ ବାହାରକୁ ଆସିଥିଲୁ। ଅବଶ୍ୟ ଗୋଆର ସବୁ ମନ୍ଦିର ଭଳି ଏହି ମନ୍ଦିରରେ ମଧ୍ୟ ଏକ ଦୀପସ୍ତମ୍ଭ ରହିଛି। ବିଭିନ୍ନ ପର୍ବ ପର୍ବାଣୀ ସମୟରେ ଦୀପ ପ୍ରଜ୍ୱଳନ କରାଯାଇଥାଏ। ମନ୍ଦିର ସନ୍ନିକଟରେ ରହିଛି ଏକ ପବିତ୍ର ପୁଷ୍କରିଣୀ। ଶ୍ରୀଅନନ୍ତଙ୍କ ସମସ୍ତ ପୂଜାନୀତିରେ ଏହି ପୁଷ୍କରିଣୀର ଜଳ ବ୍ୟବହାର କରାଯାଏ। ଏହି ମନ୍ଦିରର ସ୍ତମ୍ଭ ଗୁଡିକ ମଧ୍ୟ ଖୁବ୍ କାରୁକାର୍ଯ୍ୟପୂର୍ଣ୍ଣ। ଗୋଆର ଏହି ପୁରୁଣା ମନ୍ଦିରରେ ପ୍ରଭୁ ଶ୍ରୀଅନନ୍ତଙ୍କୁ ଦର୍ଶନ କରିବା ପରେ ବାହାରିଥିଲୁ ଆମ ପରବର୍ତ୍ତୀ ଗନ୍ତବ୍ୟସ୍ଥଳକୁ। ହେଲେ ସେତେବେଳେକୁ ଖୁବ୍ ଭୋକ ଲାଗୁଥିଲା। ତେଣୁ ଆମ ଗାଡି ଚାଳକଙ୍କୁ କହିଲି ଏକ ଭଲ ଜଳଖିଆ ହୋଟେଲରେ ରଖିବା ପାଇଁ। ତା’ପରେ ଆମେ ବାହାରିଲୁ ଜଳଖିଆ ଖାଇବା ପାଇଁ। ହେଲେ କିଛି ବାଟ ଅତିକ୍ରମ କରିବା ପରେ ମଧ୍ୟ କୌଣସି ଜଳଖିଆ ଦୋକାନ ଆମେ ପାଇପାରି ନଥିଲୁ। ଏହାରି ଭିତରେ ଲକ୍ଷ୍ୟ କଲି ଜଣେ ଲୋକ ଆମ ଗାଡି ଆଗରେ ଛିଡା ହୋଇ ହାତ ଦେଖାଉଛନ୍ତି ଗାଡିକୁ ରଖିବା ପାଇଁ।

*କ୍ରମଶଃ...*




ଉପସ୍ଥାପନା
ଜାହ୍ନବୀସୁତ



# ପଥରବ୍ଲାଷ୍ଟିଂରେ ଜନସାଧାରଣ ଅସ୍ତବ୍ୟସ୍ତ

**ଦଶପଲ୍ଲା :** ଦଶପଲ୍ଲାର ଆଖପାଖ ପାହାଡରେ ନିୟମିତ ପଥର ବ୍ଲାଷ୍ଟିଂ ହେବା ସାଙ୍ଗକୁ ବଡ ବଡ ମେସିନ୍ ମଧ୍ୟ କାର୍ଯ୍ୟ କରୁଛି। ପାହାଡ ନିକଟବର୍ତୀ ଗାଁ ଗୁଡିକରେ ଲୋକମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି । ଜନସାଧାରଣ ବହୁବାର ଅଭିଯୋଗ କଲେମଧ୍ୟ କେହିକର୍ଣ୍ଣପାତ କରୁନାହାନ୍ତି। ଏହି ପଥର ବ୍ଲାଷ୍ଟିଂ ମାଫିଆ ମାନଙ୍କୁ ବେଶ୍ ସୁହାଉଛି। ଦଶପଲ୍ଲା ତହସିଲର ଶିମିଳିସାହି ଓ ତେଣ୍ଡାବାଡି ଗ୍ରାମ ପାହାଡରେ ଏକାଧିକ ପଥର ବ୍ଲାଷ୍ଟିଂ ହେଉଛି । ସମସ୍ତ ନୀତି ନୀୟମକୁ ଜଳାଞ୍ଜଳି ଦେଇ ଏ ବେଆଇନ କାର୍ଯ୍ୟରେ ଅନେକ ମାଫିଆ ଲାଗିପଡିଛନ୍ତି। ସ୍ଥାନୀୟ ଅଂଚଳ ବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ଘୋଷଣା କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏହାଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ପ୍ରତିବର୍ଷ ଆହୁରି ମଧ୍ୟ ଦଶପଲ୍ଲା ବ୍ଲକର ଆଖପାଖ ପାହାଡରେ ଏହି ପଥର ବ୍ଲାଷ୍ଟିଂ କାର୍ଯ୍ୟ ଚାଲୁରହିଛି। ସ୍ଥାନୀୟ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କେବେ ହସ୍ତକ୍ଷେପ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି ଓ ଜନସାଧାରଣରେ ଜୋର ଚର୍ଚ୍ଚା ଧରିଛି।

# ସଠିକ୍ କାର୍ଯ୍ୟ କରୁନାହାନ୍ତି ସହର ଯୋଜନା ବୋର୍ଡ ଅଧିକାରୀ

**ଭବାନୀପାଟଣା :** ଗତ ୧୦.୦୫.୧୮ ରିଖ ଦିନ ହଠାତ ସ୍ପେଶାଲ ପ୍ଲାନିଙ୍ଗ ଅଧିକାରୀ ଭବାନୀପାଟଣା କିଛି ଜମି ବିକ୍ରି କରିଥିବା ବ୍ୟକ୍ତଙ୍କୁ ଚିଠି ଦ୍ୱାରା ସେମାନଙ୍କର ଛାଡିଥିବା ରାସ୍ତା ଓ ଖାଲିଯାଗାକୁ ଯାହା ଲେଆଉଟ ପ୍ଲାନ ବୋଲି କୁହାଯାଏ । ଏବଂ ତାହାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ହସ୍ତାନ୍ତର କରିବାପାଇଁ ଗୋଟିଏ ଚିଠି ନଂ ୮୫୫ ବିପିଟିଏସ୍‌ପିଏ ତା. ୧୦.୫.୨୦୧୮ ଶ୍ରୀ ଜୟକର ଡମ୍ବ, ଗ୍ରାମ-ପରମା ନନ୍ଦପୁରଙ୍କୁ ତାଙ୍କର ଖାଲିଥିବା ଯାଗା ଓ ରାସ୍ତା ସରଭେ ପ୍ଲଟ ନମ୍ବର ୧୦୬୪ ଓ ୧୦୬୫ରେ ଥିବା ଯଥା ଶିଘ୍ର ମେଦୀନିପୁର ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରିବାପାଇଁ ଏକ ସାଧାରଣ ଚିଠିରେ ଯାହାକୁ ଅଡିନାରି ପୋଷ୍ଟ କୁହାଯାଏ ସେହି ଭଳି ପଠେଇ ଦିଆଗଲା । ଏକ ମୃତ ବ୍ୟକ୍ତି ଯିଏକି ଜୟକର ଡମ୍ବ ପ୍ରଶ୍ନଉଠେ ଏ ଚିଠିଟିକୁ ଜୟକର ଡମ୍ବ କିପରି ଗ୍ରହଣ କରିବେ କାରଣ ସେ ମୃତ । ଇତି ଅବସରରେ ଉପରୋକ୍ତ ପ୍ଲଟର ଖାଲିଯାଗା ଓ ରାସ୍ତାକୁ ତାଙ୍କର ପରିବାର ଲୋକ ୨ ଜଣ ବ୍ୟକ୍ତିଙ୍କୁ ବିକ୍ରି କରିସାରିଛନ୍ତି । ସେମାନେ ହେଲ ହରି ବିହାରୀ ଓ କିଶୋର ଚନ୍ଦ୍ର ବିହାରୀ ଗ୍ରାମ ମାକରଶୋଲା, ଜିଲ୍ଲା କଳାହାଣ୍ଡି ଏଭଳି ପରିସ୍ଥିତିରେ ଉପରୋକ୍ତ ଅନୁମୋଦିତ ଲେଆଉଟ ପ୍ଲାନରୁ କିଣିଥିବା ବ୍ୟକ୍ତି ବର୍ତ୍ତମାନ କଣ କରିବେ ? ଏହାର ଜବାବ ଟାଉନ ପ୍ଲାନିଙ୍ଗ ଅଫିସର ଓ ଜିଲ୍ଲାପାଳ ଙ୍କୁ ଦେବାକୁ ପଡିବ । ଯଦି ୨୬ ବର୍ଷ ପରେ ଟାଉନ ପ୍ଲାନିଙ୍ଗ ଅଧିକାରୀ ଏଭଳି ଏକ ଚିଠିଦେବା ପଦକ୍ଷେପ ନେଲେ ତେବେ ପୂର୍ବ ଅଧିକାରୀମାନେ କଣ କରୁଥିଲେ ? ଯାହାର ଅବହେଳାରୁ ସେହି ଅନୁମୋଦିତ ଲେଆଉଟ ପ୍ଲାନରୁ ଜାଗା କିଣିଥିବା ବ୍ୟକ୍ତିମାନେ ଏବେ କେଉଁ ଭାବରେ ରାସ୍ତାକୁ ବ୍ୟବହାର କରିବେ ଯେଉଁ ରାସ୍ତା ଜାଗାରେ ବର୍ତ୍ତମାନ ଘର ତିଆରି କରିବାର ଯୋଜନା କରାଯାଉଅଛି ଏଥି ପ୍ରତି ଜିଲ୍ଲାପାଳ ମୂଖ୍ୟ ହିସାବରେ କିପ୍ରକାର ପଦକ୍ଷେପ ନେଉଛନ୍ତି ? ଏଭଳି ଶହ ଶହ ଲେଆଉଟ ପ୍ଲାନର ଖାଲି ଜାଗା ଓ ରାସ୍ତା ବିକ୍ରି ହୋଇ ସାରିଲାଣି ତାପାଇଁ ଅଧିକାରୀ କଣ କରିବେ ପ୍ରଶ୍ନ ଉଠେ ? କଳାହାଣ୍ଡି ଜିଲ୍ଲାରେ କିଛି ପ୍ରାଇଭେଟ ଅମିନ ଏହି ସବୁ ଯାଗାର ସ୍କେଚ ତିଆରିକରି ରେଜିଷ୍ଟ୍ରେସନ କରିବାରେ ସାହାଯ୍ୟ କରୁଛନ୍ତି ସେମାନଙ୍କ ପ୍ରତି କଣ ପଦକ୍ଷେପ ନିଆଯିବ ଏହି ସବୁ ଜମିର ଦାଖଲ ଖାରଜ ଓ କନ୍‌ଭରସନ୍ କିପରି ତହସିଲଦାରମାନେ କରୁଛନ୍ତି ତାହାବି ଏକ ପ୍ରଶ୍ନ ?

## ଧାର୍ଯ୍ୟ ହେଲା ରଥଯାତ୍ରା ନୀତି ନିର୍ଘଣ୍ଟ

# ୨୮ରେ ସ୍ନାନ ପୂର୍ଣ୍ଣିମା, ୧୪ରେ ଶ୍ରୀଗୁଣ୍ଡିଚା

**ପୁରୀ :** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଆଗାମୀ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡାଯାତ୍ରା, ସୁନାବେଶ, ଅଧର ନୀତି ଓ ନୀଳାଦ୍ରି ବିଜେର ନୀତିନିର୍ଘଣ୍ଟଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି। ଏକ ପୁସ୍ତିକା ଆକାରରେ ଏହା ପ୍ରକାଶିତ ହେବ। ଏହି ପୁସ୍ତିକାରେ ଉଲ୍ଲେଖ ଥିବା ସମୟ କେବଳ ସୂଚନା ପାଇଁ ଉଦ୍ଦିଷ୍ଟ। ପ୍ରକୃତ ସମୟ ସଂପୃକ୍ତ ଦିନର ନୀତି ସଂପାଦନ ଉପରେ ନିର୍ଭରଶୀଳ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ନୀତିନିର୍ଘଣ୍ଟ ଅନୁଯାୟୀ ଆସନ୍ତା ୨୨ ତାରିଖ ଶୁକ୍ରବାର ରାଜେନ୍ଦ୍ରାଭିଷେକ ନୀତି ସଂପନ୍ନ ହେବ। ଉକ୍ତ ଦିନ ପ୍ରାତଃ ୪ଟାରୁ ଦ୍ୱାରଫିଟି ଭିତର ଶୋଧ କରାଯିବ ଏବଂ ରାତ୍ର ୧ଟା ୩୦ମି ସୁଦ୍ଧା ମହାପ୍ରଭୁଙ୍କୁ ପହୁଡ କରାଯିବ । ନାଟମଣ୍ଡପ ମରାମତି ଦୃଷ୍ଟିରୁ ଉକ୍ତଦିନ ସାହାଣମେଲା ଦର୍ଶନ କରାଯିବ ନାହିଁ । ୨୩ ତାରିଖରେ ରୁକ୍ମିଣୀ ହରଣ ଏକାଦଶୀ ତିଥିରେ ପ୍ରାତଃ ୪ଟାରୁ ଦ୍ୱାରଫିଟି ମଙ୍ଗଳା ଆଳତି କରାଯିବ। ଅନ୍ୟାନ୍ୟ ନୀତି କରାଯାଇ ଅପରାହ୍ଣ ୨ଟା ୩୦ମିରେ ରୁକ୍ମିଣୀ ହରଣ ନୀତି ସଂପନ୍ନ ହେବ। ରାତ୍ର ୧୧ଟା ୪୫ମିରେ ରୁକ୍ମିଣୀ ବିବାହ ନୀତି କରାଯିବ । ୨୪ ତାରିଖ ଚମ୍ପକ ଦ୍ୱାଦଶୀ ପଡୁଥିବାରୁ ସକାଳ ୬ଟାରୁ ଦ୍ୱାର ଫିଟି ନୀତି ଆରମ୍ଭ ହେବ। ରାତ୍ର ୨ଟାରେ ମହାପ୍ରଭୁ ପହୁଡ ହେବେ। ଆସନ୍ତା ୨୫ ତାରିଖରେ ଦଇତାପତିମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବେ। ଏକମାସ ଧରି ମହାପ୍ରଭୁଙ୍କ ସେବାରେ ନିୟୋଜିତ ହେବେ। ନୀଳାଦ୍ରିବିଜେ ଦିନ ଚତୁର୍ଦ୍ଧାମୂର୍ତ୍ତି ରତ୍ନ ସିଂହାସନରେ ରୁନ୍ଧାଯିବା ପରେ ଦଇତାପତିମାନଙ୍କର ସେବା ଶେଷ ହେବ। ୨୬ ତାରିଖରେ ରତ୍ନ ସିଂହାସନରୁ ସ୍ନାନଯାତ୍ରା ପାଇଁ ମହାପ୍ରଭୁ ଓହ୍ଲାଇବା ପାଇଁ ରତ୍ନସିଂହାସରୁ ଚଟାଣ ପର୍ଯ୍ୟନ୍ତ ଚାର ବନ୍ଧାଯିବ। ଏହି ଚାର ଉପର ଦେଇ ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡି ହୋଇ ସ୍ନାନବେଦୀଙ୍କୁ ଆସିବେ। ୨୭ ତାରିଖରେ ଚାରମାଳ ବାନ୍ଧି କୋଠ ସୁଆଁସିଆଁମାନେ ବାହାରିପଡିବା ପରେ ସକାଳ ୬ଟାରେ ଦଇତାପତିମାନେ ପ୍ରବେଶ କରି ମହାପ୍ରଭୁଙ୍କୁ ସେନାପଟା ଲାଗି କରିବେ। ପୂର୍ବାହ୍ଣ ୧୧ଟା ସୁଦ୍ଧା ସେନାପଟାଲାଗି ଶେଷ ହେବ । ଏହାପରେ ଆରମ୍ଭ ହେବ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି । ଏହି ନୀତି ପରଦିନ ଭୋର ୪ଟାରେ ଶେଷ ହେବ। ୨୮ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ଏହି ଅବସରରେ ପ୍ରାତଃ ୫ଟାରେ ମଙ୍ଗଳାର୍ପଣ କରାଯାଇ ଡୋର ଲାଗି ପୁଷ୍ପାଞ୍ଜଳି ହୋଇ ୫ଟା୩୦ମିରେ ଶ୍ରୀଜିଉମାନଙ୍କ ପହଣ୍ଡି ଆରମ୍ଭ ହେବ। ସକାଳ ୭ଟା ୩୦ମି ସୁଦ୍ଧା ପହଣ୍ଡି ଶେଷ ହେବ। ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ସର୍ବସାଧାରଣଙ୍କୁ ଦର୍ଶନ ଦେବେ। ବିଭିନ୍ନ ନୀତି ସଂପନ୍ନ ହୋଇ ମଧ୍ୟାହ୍ଣ ୧୨ଟାରୁ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ସ୍ନାନ କରାଯିବ । ବର୍ଷକଯାକ ମହାପ୍ରଭୁ ମନ୍ତ୍ରସ୍ନାନ କରୁଥିବା ବେଳେ ଏହି ଗୋଟିଏ ଦିନ ୧୦୮ ଗଡୁ ଜଳରେ ଶ୍ରୀଜିଉମାନେ ସ୍ନାନ କରିବେ। ଅପରାହ୍ଣ ୩ଟା ୩୦ମିରେ ଗଜପତି ମହାରାଜା ସ୍ନାନମଣ୍ଡପ ଉପରେ ଛେରାପହଁରା କରିବେ । ଏହାପରେ ଅପରାହ୍ଣ ୪ଟାରୁ ୫ଟା ମଧ୍ୟରେ ମହାପ୍ରଭୁଙ୍କୁ ହାତୀବେଶରେ ସଜ୍ଜିତ କରାଯିବ । ସନ୍ଧ୍ୟା ୭ଟା ୩୦ମିରୁ ୯ଟା ୩୦ମି ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ସୁବିଧା ଭକ୍ତମାନେ ପାଇବେ। ରାତ୍ର ୧୦ଟା୩୦ମିରୁ ୧ଟା୩୦ମି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ବାହୁଡା ପହଣ୍ଡି ହୋଇ ଅନବସର ପିଣ୍ଡିକୁ ପ୍ରତ୍ୟାବର୍ତ୍ତନ କରିବେ। ରାତ୍ର ୨ଟାରେ ସୁନାଚିତା ଓ ରାହୁରେଖା ଲାଗି ହେବେ। ମହାପ୍ରଭୁ ୧୪ଦିନ ଧରି ଅନବସରରେ ରହୁଥିବାରୁ ଭକ୍ତମାନେ ଠାକୁରଙ୍କୁ ଦର୍ଶନ ନପାଇ ପଟିଦିଅଁକୁ ଦର୍ଶନ କରିବେ। ଜୁଲାଇ ୮ ତାରିଖରେ ଅନବସର ନୀତି ସହିତ ଚକାବିଜେ ନୀତି ଅନୁଷ୍ଠିତ ହେବ। ୯ତାରିଖ ଖଳିଲାଗି ଏକାଦଶୀ ଅବସରରେ ମହାପ୍ରଭୁଙ୍କୁ ଖଳିଲାଗି କରାଯାଇ ପଣାଭୋଗ କରାଯିବ। ଏହି ନୀତି ପୂର୍ବାହ୍ଣ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ । ତା’ ପରେ ଅନ୍ୟାନ୍ୟ ନୀତି କରାଯାଇ ରାତ୍ର ୩ଟାରେ ମହାପ୍ରଭୁଙ୍କୁ ପହୁଡ଼ କରାଯିବ। ୧୦ ତାରିଖରେ ରାଜପ୍ରାସାଦ ବିଜେ କରାଯିବ। ଭୋର ୫ଟାରୁ ମଙ୍ଗଳଆଳତି ହୋଇ ବିଭିନ୍ନ ନୀତି ସଂପନ୍ନ ହେବ। ପୂର୍ବାହ୍ଣ ୧୦ଟା ୩୦ମିରେ ଦଇତାପତିମାନେ ଶ୍ରୀନଅରକୁ ଯାଇ ଗଜପତିଙ୍କୁ ମହାପ୍ରଭୁ ସୁସ୍ଥ ବୋଲି ଜଣାଇବେ । ରାତ୍ର ୨ଟାରେ ମହାପ୍ରଭୁଙ୍କ ଘଣାଲାଗି ନୀତି କରାଯିବ। ୧୧ତାରିଖରେ ଶୁଦ୍ଧସୁଆର ନୀତି ଶେଷ କରି ବାହାରିବା ପରେ ଶ୍ରୀପୟର ମୁଦାକୁ ଦଇତାପତିମାନେ ପ୍ରବେଶ କରିବେ ଭୋର ୪ଟା ୩୦ମିରେ। ୧୨ତାରିଖରେ ମହାପ୍ରଭୁଙ୍କ ବନକଲାଗି ନୀତି ସଂପନ୍ନ ହେବ। ୧୩ତାରିଖରେ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ। ମହାପ୍ରଭୁ ଅନବସର ପିଣ୍ଡିରେ ସର୍ବସାଧାରଣଙ୍କୁ ଦର୍ଶନ ଦେବେ। ରାତ୍ର ୧୨ଟା ୩୦ମିରୁ ଭୋର ୫ଟା ୩୦ମି ପର୍ଯ୍ୟନ୍ତ ଦଇତାପତିମାନେ ବାହୁଟକଣ୍ଟକରି ସେନାପଟା ଲାଗିକରିବେ । ୧୪ତାରିଖ ଶନିବାର ଅନୁଷ୍ଠିତ ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ସକାଳ ୬ଟାରେ ମଙ୍ଗଳଆଳତି କରାଯାଇ ମଇଲମ, ତଡପଲାଗି, ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ଗୋପାଳବଲ୍ଲଭ କରାଯାଇ ସକାଳ ୯ଟାରେ ତିନିରଥ ପ୍ରତିଷ୍ଠା ହେବ। ସକାଳ ୯ଟା ୩୦ମିରେ ଶ୍ରୀଜିଉମାନଙ୍କ ପହଣ୍ଡି ଆରମ୍ଭ ହୋଇ ୯ଟା ୩୦ମି ସୁଦ୍ଧା ରଥାରୂଢ଼ କରାଯିବ । ୧୨ଟା୩୦ମିରୁ ୧ଟା ମଧ୍ୟରେ ଚଳନ୍ତି ପ୍ରତିମା ମଦନମୋହନ ରଥ ଉପରକୁ ବିଜେ କରିବେ।୧ଟା ୩୦ମିରୁ ୨ଟା୩୦ମି ମଧ୍ୟରେ ଚିତାଲାଗି ଓ ବେଶ ଶେଷ ହେବ। ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜା ମେହେନାରେ ଆସି ତିନିରଥରେ ଛେରାପହଁରା କରିବେ। ୩ଟାରୁ ୪ଟା ମଧ୍ୟରେ ଚାରମାଳା ଫିଟାଯାଇ ରଥରେ ଘୋଡା ଲଗାଯିବ। ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ। ରଥଟଣା ଶେଷ ହେବା ପରେ ରଥ ଉପରେ ମହାପ୍ରଭୁଙ୍କର ଅନ୍ୟାନ୍ୟ ନୀତି ସଂପନ୍ନ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୮ ତାରିଖରେ ଅନୁଷ୍ଠିତ ହେବ ହେରାପଞ୍ଚମୀ । ୧୯ ତାରିଖରେ ତିନିରଥ ଦକ୍ଷିଣୀ ମୋଡ ହୋଇ ସିଂହଦ୍ୱାରରୁ ନାକଚଣା ଦ୍ୱାରକୁ ଯିବ । ୨୧ ତାରିଖରେ ସନ୍ଧ୍ୟାଦର୍ଶନ ହେବ । ରାତ୍ର ୮ଘଣ୍ଟାରେ ଗୁଣ୍ଡିଚା ମନ୍ଦିର ଶୋଧ କରାଯାଇ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଜୁଲାଇ ୨୨ ତାରିଖରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଅନୁଷ୍ଠିତ ହେବ। ଭୋର ୪ଟାରୁ ମଙ୍ଗଳଆଳତି କରାଯାଇ ମହାପ୍ରଭୁ ୫ଟା ୪୫ମିରେ ଖେଚୁଡ଼ି ଭୋଗ ଖାଇବେ। ସକାଳ ୭ଟାରୁ ୧୦ଟା ମଧ୍ୟରେ ସେନାପଟା ଲାଗି କରାଯିବ। ପୂର୍ବାହ୍ଣ୧୧ଟାରୁ ବାହୁଡା ପହଣ୍ଡି ଆରମ୍ଭ ହୋଇ ୨ଟା ମଧ୍ୟରେ ଶେଷ ହେବ। ଗଜପତି ମହାରାଜା ୧ଟାରୁ ୨ଟା ୩୦ମି ମଧ୍ୟରେ ତିନିରଥରେ ଛେରାପହଁରା କରିବେ । ୩ଟା ୩୦ମି ମଧ୍ୟରେ ଚାରମାଳ ଫିଟି ଘୋଡା ଲାଗିବା ପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ। ୨୩ ତାରିଖରେ ସିଂହଦ୍ୱାର ସମ୍ମୁଖରେ ତିନିରଥ ଉପରେ ମହାପ୍ରଭୁ ବଡତଢାଉ ବେଶ ବା ସୁନାବେଶରେ ସଜ୍ଜିତ ହେବେ। ୨୪ ତାରିଖରେ ଅଧର ନୀତି ସଂପନ୍ନ ହେବ ଏବଂ ୨୫ ତାରିଖରେ ମହାପ୍ରଭୁ ନୀଳାଦ୍ରି ବିଜେ କରିବେ। ଉକ୍ତ ଦିନ ସନ୍ଧ୍ୟା ୬ଟା ୩୦ମିରେ ଚତୁର୍ଦ୍ଧାମୂର୍ତ୍ତି ରଥ ଉପରୁ ପହଣ୍ଡି ହୋଇ ରାତ୍ର ୧୧ଟା ମଧ୍ୟରେ ରତ୍ନ ସିଂହାସନାରୂଢ଼ ହେବେ।

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କୃଷକ ସଚେତନତା ଶିବିର

# ‘ସରକାରୀ ଯୋଜନାର ସୁଯୋଗ ନିଅନ୍ତୁ’



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ଥାନୀୟ କୃଷି ବିଶ୍ୱବିଦ୍ୟାଳୟସ୍ଥିତ ସ୍ୱାମୀନାଥନ ହଲ୍‌ରେ କୃଷକମାନଙ୍କ ପାଇଁ ଏକ ସଚେତନତା ଶିବିର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ସରକାରଙ୍କ ବିଭିନ୍ନ କୃଷି କାର୍ଯ୍ୟକ୍ରମର ସୁଯୋଗ ନେବା ସହିତ କୃଷି କ୍ଷେତ୍ରରେ ଥିବା ଓଡ଼ିଶାର ସମ୍ଭାବନାକୁ ସମ୍ପୂର୍ଣ୍ଣ ଭାବରେ ଉପଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କୃଷିର ଉନ୍ନତି ଓ ଚାଷୀଭାଇଙ୍କ କଲ୍ୟାଣ ଉପରେ ସେ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି। ସ୍ୱତନ୍ତ୍ର କୃଷି ବଜେଟ ସହିତ କୃଷି କ୍ୟାବିନେଟ୍ ମଧ୍ୟ ଗଠନ କରାଯାଇଛି। ୪ ବର୍ଷରେ କୃଷି ବଜେଟ ପରିମାଣ ବଢ଼ି ୧୪ ହଜାର କୋଟି ଟଙ୍କାରେ ପହଞ୍ଚିଛି। କୃଷିର ଆଧୁନିକୀକରଣ ସହିତ ଏକ ପ୍ରତିଶତ ସୁଧରେ ଋଣ ଦିଆଯାଉଛି। ସେମାନଙ୍କର ଉତ୍ପାଦନ ବୃଦ୍ଧି ହେବା ସହିତ ରୋଜଗାର ମଧ୍ୟ ବଢ଼ିବାରେ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ବ୍ଲକର କୃଷକମାନଙ୍କୁ ବିଭିନ୍ନ କୃଷି କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରାଯିବ। ବଲାଙ୍ଗିର ବ୍ଲକର ୫୨ଜଣ କୃଷକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୋଟିଏ ବ୍ଲକର ପ୍ରତ୍ୟେକ ପଞ୍ଚାୟତରୁ ଅନ୍ୟୁନ ୨ଜଣ ଲେଖାଏ କୃଷକ ଅଂଶଗ୍ରହଣ କରୁଛନ୍ତି। ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକର କୃଷକମାନେ ଅଂଶଗ୍ରହଣ କରି କୃଷି କ୍ଷେତ୍ରରେ ଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନା, ଜୈବିକ କୃଷି, କୃଷି ଯାନ୍ତ୍ରିକୀକରଣ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷିଜାତ ଦ୍ରବ୍ୟର ବିକ୍ରି ସମ୍ପର୍କରେ ବିଭିନ୍ନ କୃଷି ବୈଜ୍ଞାନିକ ମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବେ। କୃଷକମାନଙ୍କୁ ବିଭିନ୍ନ ରାଜ୍ୟ ତଥା ଜାତୀୟ ସ୍ତରୀୟ କୃଷି ଗବେଷଣା ଅନୁଷ୍ଠାନ ମାନଙ୍କୁ ନିଆଯାଇ କୃଷି ସମ୍ବନ୍ଧୀୟ ନୂତନ ଜ୍ଞାନକୌଶଳ ବିଷୟରେ ଅବଗତ କରାଯାଉଛି। ଏହାଦ୍ୱାରା ତାଲିମପ୍ରାପ୍ତ କୃଷକମାନେ ଉତ୍ତମ ଫସଲ ପରିଚାଳନା କରିବା ସହିତ ଉତ୍ପାଦନ ଓ ଉତ୍ପାଦକତାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଆଣିପାରିବେ ଏବଂ କୃଷି କ୍ଷେତ୍ରରେ ସାମୁହିକ ବିକାଶ ଆସିବା ସହିତ କୃଷକ ମାନଙ୍କର ରୋଜଗାର ବୃଦ୍ଧି ହୋଇପାରିବ। ଏହି କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତକରଣ ମନ୍ତ୍ରୀ ପ୍ରଦୀପ ମହାରଥୀ, କୃଷି ଉତ୍ପାଦନ କମିଶନର ଡଃ ଗଗନ ଧଳ, କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସୁରେନ୍ଦ୍ର ନାଥ ପଶୁପାଳକ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡଃ ସୌରଭ ଗର୍ଗ ଓ ସମବାୟ ସଚିବ ରଞ୍ଜନା ଚୋପ୍ରା ପ୍ରମୁଖ ଉପସ୍ଥିତ ଥିଲେ। ବଲାଙ୍ଗିର ବ୍ଲକର ୨ଜଣ ଚାଷୀ ସେମାନଙ୍କର ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ।


With Best Compliments from :



M/s. LAXMI RICE & CHUDA MILL
Girija Shankar Chand, PROPRIETOR
NARLA, KALAHANDI


# ‘ନ୍ୟାୟ ପ୍ରଦାନ ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ଜରୁରୀ’



**କଟକ :** ଭାରତ ବର୍ଷରେ ଆଇନର ଶାସନ ଚାଲୁଛି। ନ୍ୟାୟ ପାଳିକାକୁ ସଶକ୍ତ, ସମୃଦ୍ଧ କରିବା ସହ ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ସମସ୍ତେ ଯତ୍ନବାନ୍ ହେବା ଉଚିତ୍। ସେହିପରି ଦୁଆର ମୁହଁରେ ନ୍ୟାୟ ପ୍ରକ୍ରିୟାକୁ ମଧ୍ୟ ତ୍ୱରିତ କରିବା ଜରୁରୀ ହୋଇପଡ଼ିଛି। ଅନ୍ୟପକ୍ଷରେ ନ୍ୟାୟପାଳିକାରେ ନ୍ୟାୟ ପ୍ରଦାନ ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ଜରୁରୀ ବୋଲି ଗୁରୁତ୍ୱାରୋପ କରିଛନ୍ତି ଜଷ୍ଟିସ୍ ଦୀପକ୍ ମିଶ୍ର। ଓଡ଼ିଶା ହାଇକୋର୍ଟର ଆନେକ୍ସ ବିଲ୍‌ଡିଂର ଶିଳାନ୍ୟାସ ଉତ୍ସବରେ ସୁପ୍ରିମ୍‌କୋର୍ଟର ମୁଖ୍ୟ ବିଚାରପତି ଶ୍ରୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଯେ, ତ୍ୱରିତ ନ୍ୟାୟ ପ୍ରଦାନ ନିମନ୍ତେ ସମସ୍ତ ଅଦାଲତର ସର୍ବନିମ୍ନ ଆବଶ୍ୟକତାକୁ ପୂରଣ କରାଯିବା ସହ ଆନୁସଙ୍ଗିକ ଭିତ୍ତିଭୂମି ଯୋଗାଇ ଦିଆଯିବା ଉଚିତ୍। ସେହିପରି ସମସ୍ତ ହାଇକୋର୍ଟ ଓ ନିମ୍ନ ଅଦାଲତରେ ମଧ୍ୟ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି ହେବା ଦରକାର। ଏହି ମର୍ମରେ ଜଷ୍ଟିସ୍ ମିଶ୍ର ରାଜ୍ୟ ସରକାର ଓଡ଼ିଶାରେ ନ୍ୟାୟପାଳିକା ନିମନ୍ତେ ସମସ୍ତ ଭିତ୍ତିଭୂମି ସହ ଆନୁସଙ୍ଗିକ ବ୍ୟବସ୍ଥା ଯୋଗଉଥିବାରୁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଭାରତୀୟ ସମ୍ବିଧାନର ପ୍ରାକ୍‌କଥନ ସମ୍ପର୍କରେ ମତ ଦେଇ ସେ କହିଲେ ଯେ, ଏହା ହେଉଛି ଆମ ସମ୍ବିଧାନର ଆଇନା ସଦୃଶ। ଏଥିରେ ସ୍ଥାନିତ ସ୍ୱାତନ୍ତ୍ରତା, ସମାନତା, ନ୍ୟାୟ ସମ୍ପର୍କିତ ଧାରଣା ଓ ସମ୍ବିଧାନର ମୌଳିକ ବୈଶିଷ୍ଟ୍ୟ ଭାରତୀୟ ସମ୍ବିଧାନର ପବିତ୍ରତାକୁ ପ୍ରକାଶ କରୁଛି। ସମ୍ବିଧାନର ପ୍ରାକ୍ କଥନ ହେଉଛି ଏକ ପୁରୁଷାନୁକ୍ରମିକ ତଥ୍ୟ। ଏଥିସହିତ ମୁଖ୍ୟ ବିଚାରପତି ଫୌଜଦାରୀ ଆଇନ୍, ଦେୱାନୀ ଆଇନ୍ ଆଦି ସମ୍ପର୍କରେ ଆଲୋକପାତ କରିବା ସହ ବିଗତ ଦିନରେ ସେ କିପରି ଓଡ଼ିଶା ହାଇକୋର୍ଟରେ ଆଇନ୍‌ପେଶା ଚଳାଇଥିଲେ ତା’ର ସ୍ମୃତିଚାରଣ କରିଥିଲେ। ହାଇକୋର୍ଟ ବାର୍ ଆସୋସିଏସନ୍‌ର ସଭାପତି ତଥା ବରିଷ୍ଠ ଆଇନଜୀବୀ ଶ୍ରୀକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭିନୀଥ୍ ଶରଣ, ହାଇକୋର୍ଟର ସମସ୍ତ ବିଚାରପତି, ଆଡ୍‌ଭୋକେଟ୍ ଜେନେରାଲ୍ ସୂର୍ଯ୍ୟ ପ୍ରସାଦ ମିଶ୍ର, ବାର୍‌ର ସମ୍ପାଦକ ସତ୍ୟବ୍ରତ ମହାନ୍ତି, ବାର୍‌ର ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ପରିଶେଷରେ ବାର୍‌ର ଉପ ସଭାପତି ବଂଶୀଧର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲରେ ଅନ୍ତର୍ଜାତୀୟ ଯୋଗ ଦିବସ

# ‘ବିଭିନ୍ନ ରୋଗରୁ ମୁକ୍ତିଦିଏ ଯୋଗ’



**ଭୁବନେଶ୍ୱର :** ମଣିଷ ସୁସ୍ଥ ଭାବେ ଜୀବନ ଜାପନ କରିବା ପାଇଁ ବ୍ୟାୟାମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନେକ ପ୍ରକାର ବ୍ୟାୟାମ ମଧ୍ୟରୁ ଯୋଗ ଏକ ମହତ୍ୱପୂର୍ଣ୍ଣ ଶାରୀରିକ ବ୍ୟାୟାମ। ଯୋଗଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହ ଆତ୍ମା ଶୁଦ୍ଧ ରହେ ବୋଲି କୁହାଯାଇଛି। ଏ କ୍ଷେତ୍ରରେ ଭାରତ ଯୋଗ ମାଧ୍ୟମରେ ବିଶ୍ୱ ସମୁଦାୟକୁ ସୁସ୍ଥ ରଖିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁ ଆହ୍ୱାନ ଦେଇଥିଲେ ତଦନୁସାରେ ୨୦୧୫ରୁ ଜୁନ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ଭାବେ ପାଳନ କରାଯାଉଛି। ଯୋଗ ମାଧ୍ୟମରେ ଶରୀରକୁ ନିରୋଗ ରଖିବା ହେଉଛି ଏହାର ଉଦ୍ଦେଶ୍ୟ। ବିଶ୍ୱ ଯୋଗ ଦିବସ ଅବସରରେ ମଳିପଡା ସ୍ଥିତ ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଯୋଗ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଅଭିଭାବକମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ୍ ପବିତ୍ର ରାଉତରାୟ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ବକ୍ତବ୍ୟରେ କହିଥିଲେ ଯେ, ଯୋଗ ଏପରି ଏକ ଶାରୀରିକ କ୍ରୀୟା ଯାହା ମଣିଷକୁ ବିନା ଔଷଧ ସହାୟତାରେ ସୁସ୍ଥ ରଖିପାରିବ। ବିଭିନ୍ନ ପ୍ରକାର ରୋଗରୁ ମୁକ୍ତି ଦେବା ସହିତ ଯୋଗ ଜୀବନଚର୍ଯ୍ୟାର ଏକ ଅଂଶ ବୋଲି କହିଥିଲେ ଶ୍ରୀ ରାଉତରାୟ। ବିଦ୍ୟାଳୟର ଅଧକ୍ଷ ଡ. ସ୍ୱରୂପାନନ୍ଦ ମିଶ୍ର ଯୋଗ ଶିବିରର ପରିଚାଳନା କରିବା ସହ କହିଥିଲେ ଯେ, ଛାତ୍ରାବସ୍ଥାରୁ ପିଲାମାନେ ଯୋଗ ସହ ଜୀବନକୁ ଯୋଡିବା ଉଚିତ। ଯୋଗ ପ୍ରଶିକ୍ଷକ ମାନଙ୍କ ଦ୍ୱାରା ଶିବିରରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷାଦାନ କରାଯାଇଥିଲା। ବିଦ୍ୟାଳୟର ଉପାଧକ୍ଷ କବୀନ୍ଦ୍ର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନାରାୟଣ ସେବା ସଂସ୍ଥାନର ଆତ୍ମୀୟ ସ୍ନେହ ମିଳନ ପର୍ବ



**ଭୁବନେଶ୍ୱର :** ରାଜସ୍ଥାନ ଉଦୟପୁରସ୍ଥିତ ନାରାୟଣ ସେବା ସଂସ୍ଥାନ ପକ୍ଷରୁ ଆତ୍ମୀୟ ସ୍ନେହ ମିଳନ ପର୍ବ ଓ ଭାମାଶାହା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମ ଭୁବନେଶ୍ୱର ବିବେକାନନ୍ଦ ମାର୍ଗଠାରେ ଥିବା ବ୍ରଜବନ୍ଧୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାନ ସହ ଜଡ଼ିତ ସମାଜସେବାରେ ସାମିଲଥିବା ସଭ୍ୟମାନଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ସଂସ୍ଥାର ପର୍ଯ୍ୟବେକ୍ଷକ ହେମନ୍ତ ମେଗବାଲ ଓ ଭାରତ ପାଲିବାଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ଉଦୟ କୁମାର ପଣ୍ଡା, ରାଜ କୁମାର, ପ୍ରବୀଣ ଭାଇ ପଟେଲ ଓ ବହୁ ବରିଷ୍ଠ ସଭ୍ୟ ଯୋଗଦେଇ କହିଥିଲେ ଯେ, ସଂସ୍ଥାନ ପକ୍ଷରୁ ଉଦୟପୁରଠାରେ ପ୍ରତେହ୍ୟ ଶତାଧିକ ନିଶୁଳ୍କ ଅପରେସନ୍ କରି ବର୍ତମାନ ସୁଦ୍ଧା ୩ଲକ୍ଷ ୨୭ହଜାରରୁ ଅଧିକ ଅପରେସନ୍ କରାଯାଇଛି। ସେହିପରି ଭିନ୍ନକ୍ଷମଙ୍କୁ ତିନି ଚକିଆ ସାଇକେଲ୍ ପ୍ରଦାନ କରିବା ସହ ସେମାନଙ୍କ ଆତ୍ମନିର୍ଭଶୀଳ ପାଇଁ ବିଭିନ୍ନ କ୍ଷୁଦ୍ର ଅନୁଦାନ ପ୍ରଦାନ କରାଯାଉଛି। ଯାହା ଦ୍ୱାରା ସେମାନେ ଶିଳାଇ ଶିକ୍ଷା, ମୋବାଇଲ ଶିକ୍ଷା, କଂପୁଟର ଆଦି ବିଭିନ୍ନ ଶିକ୍ଷା ଲାଭ କରି ବର୍ଷକୁ ୪ହଜାରରୁ ଊର୍ଧ ଆତ୍ମନିର୍ଭଶୀଳ ହୋଇପାରିଛନ୍ତି। ୧୯୮୫ମସିହାରେ କୈଳାସ ମାନବଙ୍କ ଦ୍ୱାରା ଗୋଟିଏ ମୁଠା ଅଟା ଦ୍ୱାରା ଆରମ୍ଭ ହୋଇଥିବା ଏହି ସଂସ୍ଥା ଏବେ ପ୍ରଶାନ୍ତ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେହ ଶତାଧିକ ଭିନ୍ନକ୍ଷମ ଓ ଗରିବ ରୋଗୀ ଉପକାର ପାଉଛନ୍ତି ବୋଲି ସେମାନେ କହିଥିଲେ।

# ପ୍ରବାସରେ ଓଡ଼ିଆଙ୍କ ଶୀତଳ ଷଷ୍ଠୀ : ରୀତିନୀତିରେ ଶିବପାର୍ବତୀଙ୍କ ବିବାହୋତ୍ସବ



**ନୂଆଦିଲ୍ଲୀ :** ନୂଆଦିଲ୍ଲୀରେ ବସବାସ କରୁଥିବା ଓଡ଼ିଆ ଲୋକମାନଙ୍କ ଦ୍ୱାରା ତ୍ୟାଗରାଜ ନଗରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶୀତଳ ଷଷ୍ଠୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଶିବ-ପାର୍ବତୀଙ୍କ ବିବାହୋତ୍ସବରେ ବହୁ ଓଡ଼ିଆ ସଂଗଠନର ସଦସ୍ୟମାନେ ଯୋଗ ଦେଇଥିଲେ। ବିଗତ ତିନିବର୍ଷ ଧରି ପାଳନ କରାଯାଉଥିବା ଶୀତଳ ଷଷ୍ଠୀ ଉତ୍ସବରେ ଚଳିତ ବର୍ଷ ୧୫୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ତିନିଦିନ ଧରି ଏହି କାର୍ଯ୍ୟକ୍ରମରେ ହଳଦୀ ଓ ନିର୍ବନ୍ଧ ପରେ ବିବାହୋତ୍ସବ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲ୍ଲା ପ୍ରଧାନପାଟର ପ୍ରଦୀପ ନାୟକ ଏବଂ ତାଙ୍କ ଧର୍ମପତ୍ନୀ ରଶ୍ମୀ ନାୟକ ପାର୍ବତୀଙ୍କ ପିତା-ମାତା ଭୂମିକା ନିର୍ବାହ କରିଥିବା ବେଳେ ବରଗଡ଼ ବିଜେପୁର ନିବାସୀ ସୁଶୀଲ ମେହେର ଏବଂ ତାଙ୍କ ଧର୍ମପତ୍ନୀ ସୀମା ମେହେର ଶିବଙ୍କର ପିତା-ମାତା ଭାବେ ଦାୟିତ୍ୱ ତୁଲାଇଥିଲେ। ବରଯାତ୍ରୀଗଣ ଏଠାରୁ ବାହାରି କୋଟଲା ସ୍ଥିତ ବାଲ୍ମିକୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ଏଠାରେ ୩ ହଜାରରୁ ଊର୍ଦ୍ଧ୍ୱ ବରଯାତ୍ରୀଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସିଏଏଫ୍‌ପି ପକ୍ଷରୁ ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମରେ ସଙ୍ଗୀତ ନିର୍ଦ୍ଦେଶକ ବିଶ୍ୱସ୍ୱରୂପ ମହାପାତ୍ର ଓ କଣ୍ଠଶିଳ୍ପୀ ମନସ୍ୱିନୀ ନାୟକ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ମନୋରଞ୍ଜନ ମେହେର, ଡ. ପ୍ରକାଶ କୁମାର ଷଡଙ୍ଗୀ, ଅଶୋକ ମେହେର ଏବଂ ଇଂ. କାମଦେବ ବିଶ୍ୱାଳ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇପିଏସ୍ ଅଧିକାରୀ ତଥା ପଞ୍ଚାୟତିରାଜ ବିଭାଗର ଯୁଗ୍ମ ସଚିବ ଇଂ. ସଞ୍ଜୀବ ପାଟଯୋଶୀ, ବରିଷ୍ଠ ପ୍ରଶାସକ ସୁଧାକର ମହାପାତ୍ର, ନୂଆଦିଲ୍ଲୀସ୍ଥିତ ଜୁହାର, ପୁଷପୁନୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ।

## ସତ୍ୟକେତନଙ୍କ ବିରଳ ସଂଗ୍ରହାଳୟ ବୁଲି ଦେଖିଲେ ‘ଏକମାତ୍ର’ର ସମ୍ପାଦକ

# ‘ଇତିହାସକୁ ସମୃଦ୍ଧ କରେ ସଂଗ୍ରହାଳୟ’







**ବରଗଡ଼ (ମୁକୁନ୍ଦ ଦାଶ) :** ହଜାର ହଜାର ବର୍ଷ ତଳେ ଭାରତୀୟ ସଂସ୍କୃତି ଓ ସଭ୍ୟତା କିଭଳି ରହିଥିଲା ତାହା ସଂଗ୍ରାହକମାନଙ୍କ ବିରଳ ସଂଗ୍ରହରୁ ଜଣାପଡେ। ବିଲୁପ୍ତପ୍ରାୟ ଦ୍ରବ୍ୟର ସଂଗ୍ରହ ଅତ୍ୟନ୍ତ କଷ୍ଟସାଧ୍ୟ ଓ ସମୟସାପେକ୍ଷ ହୋଇଥିଲେ ବି ଏ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସଂଗ୍ରାହକମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ମିଳିଲେ ସେମାନେ ଇତିହାସକୁ ସମୃଦ୍ଧ ଓ ସ୍ମରଣୀୟ କରିପାରିବେ। ଦିନିକିଆ ବରଗଡ଼ ଗସ୍ତ ଆସିଥିବା ଅବସରରେ ଲିମ୍‌କା ବୁକ୍‌ରେ ସ୍ଥାନ ପାଇଥିବା ସତ୍ୟକେତନ ମହାନ୍ତିଙ୍କ ବିରଳ ଐତିହାସିକ ସଂଗ୍ରହାଳୟକୁ ବୁଲି ଦେଖିବା ଅବସରରେ ଏହା କହିଛନ୍ତି ‘ଏକମାତ୍ର’ ସମ୍ପାଦକ ତାରକ ମହାନ୍ତି। ଶ୍ରୀ ମହାନ୍ତି ସତ୍ୟକେତନଙ୍କ ସହ ସଂଗ୍ରହାଳୟର ସମ୍ପର୍କରେ ବିଭିନ୍ନ ଆଲୋଚନା ମଧ୍ୟ କରିଥିଲେ। ଉଲ୍ଲେଖଯୋଗ୍ୟ, ସତ୍ୟ ସଂଗୃହୀତ କରିଥିବା ସାମଗ୍ରୀ ମଧ୍ୟରେ ବିଭିନ୍ନ ପୌରାଣିକ, ଭୌତିକ ଜୀବାଶ୍ମ, ବିଭିନ୍ନ ପ୍ରକାରର ଭାରତୀୟ ମୁଦ୍ରା ତଥା ଅନ୍ୟାନ୍ୟ ସଂଗୃହୀତ ପ୍ରାୟ ୨୫ଶହ ପ୍ରକାରର ବିଭିନ୍ନ ସାମଗ୍ରୀ ଓ ବିରଳ ଦସ୍ତାବିଜ୍ ପ୍ରଭୃତି ରହିଛି। ଏହି ବିରଳ ସଂଗ୍ରହାଳୟରେ ପ୍ରାଚୀନ ଆଦିମ ଅଧିବାସୀ ବ୍ୟବହାର କରୁଥିବା ହଜାରେ ପ୍ରକାର ସାମଗ୍ରୀ ରହିଛି। ଯାହାକୁ ସେ ସମୟର କନ୍ଧ, ବଣ୍ଡା, ଓରାମ, ସୌର, ଗଣ୍ଡ ଓ ଅନ୍ୟ ଆଦିବାସୀ ସମ୍ପ୍ରଦାୟ ବ୍ୟବହାର କରୁଥିଲେ। ତନ୍ମଧ୍ୟରେ ଅଳଙ୍କାର, ପିନ୍ଧିବା ବସ୍ତ୍ର, ଅସ୍ତ୍ରଶସ୍ତ୍ର, ବାଦ୍ୟ ସାମଗ୍ରୀ ଓ ଡେସିଆଙ୍କ ଦୈନନ୍ଦିନ ଜୀବନରେ ବ୍ୟବହାର ସାମଗ୍ରୀ ସମେତ ଘାସର ମାଳି, ଝିର୍ ପିନ୍, କଡୁ ଗଗୋଲୀ ଜେରି, କିରେଡୀ, ଡୁଡ୍‌କା, କନ୍ଧଆ, ବନ୍ଧିଆ, ଭାଲୁ ଟାଙ୍ଗି, ଚିଲ ଟାଙ୍ଗି, ଧନୁ କନ୍ଦ, ମଶାଲ ନିଆଁ ହୁଳା, ନାଶ ଦାନୀ, ସିଙ୍ଘି ବାଜା, ଖଞ୍ଜ, ସାରଙ୍ଗି, ତାତକାଡି ଓ ଅନ୍ୟାନ୍ୟ କେତେକ ସାମଗ୍ରୀ ରହିଛି। ସେହିଭଳି ୭ଶହ ପ୍ରକାର ସାଙ୍କେତିକ ମୁଦ୍ରା ମଧ୍ୟରେ ଗଙ୍ଗ ସାମ୍ରାଜ୍ୟର ସ୍ୱର୍ଣ୍ଣ ମୁଦ୍ରା (ଫାନମ), କୁସାଣ ପଇସା, ଅଶୋକଙ୍କ ପଞ୍ଚମାର୍କ ପଇସା, ହନୁମାନ ପଇସା, ମୋଗଲ ସାମ୍ରାଜ୍ୟର ପଇସା, ବ୍ରିଟିଶ ସମୟର ମୁଦ୍ରା ସହ ବିଭିନ୍ନ ରାଜ୍ୟରେ ସେ ସମୟରେ ପ୍ରଚଳିତ ଥିବା ମୁଦ୍ରା ରହିଛି। ବୁଦ୍ଧଦେବଙ୍କ ସମୟର ଟେରାକୋଟା ସାମଗ୍ରୀ ମଧ୍ୟରେ ମାଟିର ପାତ୍ର, ମାଟି ଅଳଙ୍କାର, ମାଟିର ଖେଳନା ତଥା ଅନେକ ପ୍ରାଚୀନ ବସ୍ତୁ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂଗ୍ରହ ପଦାର୍ଥ ମଧ୍ୟରେ ଅନେକ ପ୍ରକାର ଶଙ୍ଖ ସାମଗ୍ରୀ ମଧ୍ୟ ଅଛି। ଯେଉଁଥିରେ ଗଣେଶ ଶଙ୍ଖ, ସୂର୍ଯ୍ୟ ଶଙ୍ଖ, ଗଦା ଶଙ୍ଖ, ଚକ୍ର ଶଙ୍ଖ, ପର୍ଶୁରାମ ଶଙ୍ଖ, ପଞ୍ଚମୁଖୀ ଶଙ୍ଖ, ମୋତି ଶଙ୍ଖ, ଚନ୍ଦ୍ର ଶଙ୍ଖ, ବିଛା ଶଙ୍ଖ ସମେତ ବହୁ ସମୁଦ୍ରଜାତ ଶଙ୍ଖ ସାମଗ୍ରୀ ରହିଛି।


Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି